READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524


ଫଟୋ : ହେମନ୍ତ

ବର୍ଷ-୮ | ସଂଖ୍ୟା-୩୫ | ୯ - ୧୫ ସେପ୍ଟେମ୍ବର, ୨୦୨୪ | ଭୁବନେଶ୍ୱର | Monday Weekly | VOL-8 | ISSUE-35 | 9 - 15th SEPTEMBER, 2024 | BHUBANESWAR | ₹ 5/- (8 Pages)

### 'ରେଭେନ୍ସା' ପରେ ଜୋର ଧରିଲା 'ଲୁଇସ୍ ରୋଡ୍' ନାମ ପରିବର୍ତ୍ତନ ଦାବି

# 'ଉତ୍କଳ ଗୌରବ ମଧୁସୂଦନ ଦାସ' ମାର୍ଗ ହେଉ



**ଭୁବନେଶ୍ୱର :** ସମ୍ପ୍ରତି ରେଭେନ୍ସା ବିଶ୍ୱବିଦ୍ୟାଳୟ ନାମ ପରିବର୍ତ୍ତନକୁ ନେଇ ରାଜ୍ୟରେ ଜୋରଦାର ରାଜନୀତି ହେଉଛି। ଏହି ବିବାଦର ମୂଳ ଉତ୍ସ ହେଉଛି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ମନ୍ତବ୍ୟ। ନିକଟରେ କଟକ ଗସ୍ତରେ ଯାଇଥିବା ଶ୍ରୀ ପ୍ରଧାନ କହିଥିଲେ ଯେ, ରେଭେନ୍ସାର ନାମ ପରିବର୍ତ୍ତନ ନେଇ ବିତର୍କ ପାଇଁ ଆହ୍ୱାନ ଦେଇଥିଲେ। ଏହାକୁ ନେଇ ବିଧାନସଭାରେ ବିରୋଧୀ ଦଳ ସଦସ୍ୟମାନେ ପ୍ରବଳ ବିରୋଧ ପ୍ରଦର୍ଶନ କରିଥିଲେ। ସେମାନଙ୍କ ଅଭିଯୋଗ ହେଲା ରାଜ୍ୟର ବିଜେପି ସରକାର ଇତିହାସକୁ ବିକୃତ କରୁଛି। କିନ୍ତୁ ଶାସକ ଦଳର ମତ ହେଲା ରେଭେନ୍ସା ବିଶ୍ୱବିଦ୍ୟାଳୟର ନାମ ପରିବର୍ତ୍ତନର ଆବଶ୍ୟକତା ଉପରେ ଏକ ବୌଦ୍ଧିକ ବିତର୍କ ହେଉ। ଏବେ ରେଭେନ୍ସା ନାମ ପରିବର୍ତ୍ତନକୁ ନେଇ ବିଭିନ୍ନ ଛାତ୍ର ସଂଗଠନ ତୀବ୍ର ବିରୋଧ ଆରମ୍ଭ କରିଦେଲେଣି। ଏହି ଘଟଣା ମଧ୍ୟରେ ରାଜଧାନୀର କଳ୍ପନା ଛକ ଠାରୁ ରବି ଟକିଜ୍ ପର୍ଯ୍ୟନ୍ତ ଯାଇଥିବା ରାସ୍ତାର ନାମ ପରିବର୍ତ୍ତନ ପାଇଁ ବୁଦ୍ଧିଜୀବୀ, ଆଇନଜୀବୀ ଓ ସଚେତନ ନାଗରିକମାନେ ମତ ରଖିଛନ୍ତି। କାରଣ ଯଦି ଓଡ଼ିଶାର ପ୍ରାଚୀନ ଶିକ୍ଷାନୁଷ୍ଠାନ ରେଭେନ୍ସାର ନାମ ପରିବର୍ତ୍ତନ ପାଇଁ କଥା ଉଠୁଛି, ତେବେ ଲୁଇସ୍ ରୋଡ୍ ନାମ ପରିବର୍ତ୍ତନ ହେଲେ ଅସୁବିଧା କ'ଣ। କାରଣ ଉକ୍ତ ରାସ୍ତା ଜଣେ ବିଦେଶୀ ଲୋକଙ୍କ ନାମରେ ନାମିତ କରାଯାଇଛି। ତେଣୁ ଲୁଇସ୍ ରୋଡ୍ ରାସ୍ତାର ନାମ ପରିବର୍ତ୍ତନ କରି ଉତ୍କଳ ଗୌରବ ମଧୁସୂଦନ ଦାସ ମାର୍ଗ ଭାବେ ପୁନଃ ନାମିତ କରିବାକୁ ୨୬ ଏପ୍ରିଲ୍ ୨୦୨୨ ମସିହାରେ ଆଇନଜୀବୀ ଶୀଳଭଦ୍ର ଶାସ୍ତ୍ରୀ ସାମାଜିକ ଗଣମାଧ୍ୟମରେ ସ୍ୱର ଉଠାଇଥିଲେ ଏବଂ ଉକ୍ତ ପ୍ରସ୍ତାବ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଟୁଇଟ୍ ମାଧ୍ୟମରେ ଜଣାଇଥିଲେ। ସେତେବେଳେ ଏହି ଘଟଣା ସାମାଜିକ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଭୁବନେଶ୍ୱରର ବହୁ ସଚେତନ ନାଗରିକ, ବୁଦ୍ଧିଜୀବୀ ଏବଂ ରାଜନେତାମାନେ ଏହାକୁ ସମର୍ଥନ ଜଣାଇ ନିଜର ମତ ଉପସ୍ଥାପନ କରିଥିଲେ। ତେଣୁ ବର୍ତ୍ତମାନ ପରିପ୍ରେକ୍ଷୀରେ ଲୁଇସ୍ ରୋଡ୍ (Lewis Road) ନାମ ପରିବର୍ତ୍ତନକୁ ନେଇ ନୂଆ ବିବାଦ ଦେଖାଗଲାଣି। ଆଶା କରାଯାଉଛି ଓଡ଼ିଆ ଅସ୍ମିତା ବଜାୟ ରଖିବାକୁ ଚେଷ୍ଟିତ ଓଡ଼ିଶା ସରକାର ଏ ଦିଗରେ ବିଚାର କରିବେ।



ଲୁଇସ୍ ରୋଡ। ସାର୍ ହାଉଥ୍ରୋନ୍ ଲୁଇସ୍ ଆଇସିଏସ୍ ଓଡିଶା ରାଜ୍ୟପାଳ ଭାବେ ୧୯୪୧-୪୬ ପର୍ଯ୍ୟନ୍ତ ରହିଥିଲେ। କୁହା ଯାଏ ଯେ ସେତେବେଳେ ଭୁବନେଶ୍ୱର ବଣ ଜଙ୍ଗଲମୟ ଥିଲା। ଭୁବନେଶ୍ୱରରେ ସେମିତି ରାସ୍ତା ଘାଟ ପୁରୀକୁ ଯିବା ପାଇଁ ନଥିଲା। ଲିଙ୍ଗରାଜ ମନ୍ଦିର ପାଖ ଦେଇ ଏକ କଚ୍ଚା ରାସ୍ତା ପୁରୀକୁ ଯାଇଥିଲା। ତତ୍କାଳୀନ ରାଜ୍ୟପାଳ 'ଲୁଇସ୍ ସାହାବ' ପୁରୀ ଗସ୍ତରେ ପତ୍ନୀଙ୍କ ସହ ଯିବାକୁ ଚାହିଁଥିଲେ କିନ୍ତୁ ଲିଙ୍ଗରାଜ ମନ୍ଦିର ସନ୍ନିକଟ ରାସ୍ତାରେ ଯିବାକୁ ଅମଙ୍ଗ ହୋଇ ରାଜଭବନ ଠାରୁ ଏକ ସିଧା ରାସ୍ତା ପୁରୀକୁ ଯିବାକୁ ନିର୍ମାଣ କରାଯାଇଥିଲା ଯାହା ପରବର୍ତ୍ତୀ ସମୟରେ ରାଜ୍ୟପାଳଙ୍କ ନାମ ଅନୁସାରେ ଲୁଇସ୍ ରୋଡ କରାଯାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ସ୍ୱାଧୀନତାର ୭୮ ବର୍ଷ ପରେ ମଧ୍ୟ ସେହି ନାମଟି ଅଛି। ଇତିମଧ୍ୟରେ ଭୁବନେଶ୍ୱର କଚେରୀ ସେହି ରାସ୍ତା କଡରେ ହୋଇ ଆଜି ଏକ ବିଶାଳ ବୃକ୍ଷରେ ପରିଣତ ହୋଇଛି। ତେଣୁ ଭୁବନେଶ୍ୱର ଓକିଲାତି କରୁଥିବା ଆଇନଜୀବୀ ମାନେ ସାମାଜିକ ଗଣମାଧ୍ୟମ ଜରିଆରେ କିଛି ବର୍ଷ ଧରି ଏହି ରାସ୍ତା ନାମକୁ ପରିବର୍ତ୍ତନ କରି ଓଡିଶାର ପ୍ରଥମ ଓକିଲ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ନାମରେ ନାମିତ କରିବା ପାଇଁ ଦାବି କରିଛନ୍ତି। ଯେତେବେଳେ ସରକାର ମୋଗଲ୍ ସରାଇ ଭଳିଆ ପ୍ରାଚୀନ ରେଳ ଷ୍ଟେସନ ନାମ ବଦଳାଇଛନ୍ତି। ତେଣୁ ପରିବର୍ତ୍ତନ ମୁଖୀ ସମାଜରେ ଓଡ଼ିଆ ଜାତିର ମଉଡ଼ମଣି 'ଉତ୍କଳ ଗୌରବ ମଧୁସୂଦନ ଦାସ'ଙ୍କୁ ଉଚିତ୍ ସ୍ଥାନରେ ଉଚିତ୍ ସମ୍ମାନ ସ୍ୱରୂପ ରାଜଧାନୀର ଏକ ପ୍ରମୁଖ ସ୍ଥାନରେ ଭୁବନେଶ୍ୱର କଚେରୀ ସାମ୍ନା ଦେଇ ଯାଇଥିବା 'ଲୁଇସ୍ ରୋଡ'କୁ 'ଉତ୍କଳ ଗୌରବ ମଧୁସୂଦନ ଦାସ ମାର୍ଗ' ଭାବେ ନାମିତ କରି ମଧୁ ବାବୁଙ୍କ ଏକ ପୂର୍ଣ୍ଣ ଅବୟବ ମୂର୍ତ୍ତୀ ନୂତନ କଚେରୀ ହତାରେ ସ୍ଥାପିତ କରାଗଲେ ଏହା ପୂଜ୍ୟପୂଜାର ଏକ ବିରାଟ ନିଦର୍ଶନ ହେବ ଏବଂ ଜନସାଧାରଣ ଏଭଳି ଯୁଗାନ୍ତକାରୀ ମହାମଣିଷଙ୍କୁ ତାଙ୍କର ଅତୁଳନୀୟ ଅବଦାନ ପାଇଁ ପ୍ରତି ମୁହୂର୍ତ୍ତରେ ମନେ ପକେଇବେ।

***ଶୀଳଭଦ୍ର ଶାସ୍ତ୍ରୀ, ଆଇନଜୀବୀ, ପୂର୍ବତନ ଉପ-ସଭାପତି, ଭୁବନେଶ୍ୱର ଓକିଲ ସଂଘ***



ଗୋଟିଏ ରାଜ୍ୟ, ଜାତି, ସଂପ୍ରଦାୟର ସ୍ୱାଭିମାନ ତା'ର ଲୋକାଚାର, ପରମ୍ପରା, ଆଚାର ଓ ବ୍ୟବହାରକୁ ନେଇ ବଞ୍ଚିବାକୁ ସମୃଦ୍ଧ କରିଥାଏ। ଯାହା ଆଗକୁ ଯାଇ ଆଗାମୀ ପିଢ଼ି ପାଇଁ ଏକ ଅନୁକରଣୀୟ ଓ ଶିକ୍ଷଣୀୟ ଇତିହାସ ତିଆରି କରେ। ଏଥିପାଇଁ ଆଜିର ଦିନରେ ସମସ୍ତେ ସଚେତନ ଓ ସଙ୍କଳ୍ପବଦ୍ଧ ଭାବେ ଆବଶ୍ୟକ ପରିବର୍ତ୍ତନ କରିବା ଉଚିତ। ଏହି ଧାରାକୁ ଅସ୍ମିତାର ନାମ ଦେଇ ଉଚିତ୍ ପରିବର୍ତ୍ତନ ପାଇଁ ବୁଦ୍ଧିଜୀବୀମାନେ ପଦକ୍ଷେପ ନେବା ନିହାତି ଆବଶ୍ୟକ। ଯଦି ଏଥିପାଇଁ ଆମର ସହଯୋଗ ଓ ସାମାଜିକ ସହମତି ନରହେ ତେବେ ଇତିହାସ ଆମକୁ କେବେ କ୍ଷମା ଦେବନାହିଁ। ଆମର ଅତି ନିଜର ଭୁବନେଶ୍ୱର ୨୦୦୦ ବର୍ଷରୁ ଅଧିକ ପୁରୁଣା। ଏହାର ସର୍ବାଙ୍ଗୀନ ଉନ୍ନତି ପାଇଁ ସବୁ ବର୍ଗ ଓ ସବୁ ମହଲରେ ସ୍ୱର ଉଠେ। ଏହି ପରିପ୍ରେକ୍ଷୀରେ ଅନେକ ରାସ୍ତା / ଅଞ୍ଚଳର ନାମ ଆମକୁ କଷ୍ଟ ଦେଇ ଶାସନ କରିଥିବା ଇଂରେଜ ସରକାରଙ୍କ ବ୍ୟକ୍ତି ବିଶେଷ ବା ଆମ ରାଜ୍ୟର କୌଣସି ସମ୍ପର୍କ ନଥିବା ବ୍ୟକ୍ତି ବା ପରମ୍ପରାକୁ ନେଇ ନାମିତ। ଯାହା ଆଜି ଆମକୁ ଅପ୍ରକାଶ୍ୟରେ ଆଘାତ ଏବଂ କଷ୍ଟ ଦେଉଛି। ଏହି ଧାରାରେ ଭୁବନେଶ୍ୱରର ଛାତି ଉପରେ ଦୌଡୁଥିବା ରାସ୍ତା 'ଲୁଇସ୍ ରୋଡ' ଯାହା ଏକ ଇଂରେଜ ଅଧିକାରୀ 'ହାଓଥାର୍ଣ୍ଣ ଲୁଇସ୍ ବା ତାଙ୍କ ସ୍ତ୍ରୀ ଶ୍ରୀମତୀ ଲୁଇସ୍‌ଙ୍କ ନାମରେ ନାମିତ ହେବା କିଛି ଆଶ୍ଚର୍ଯ୍ୟ କଥାନୁହେଁ। କିନ୍ତୁ ସ୍ୱାଧୀନତା ପରେ ଏହି ନାମ କେତେ ଯଥାର୍ଥ ତାହା ସମସ୍ତଙ୍କ ପାଇଁ ଅନୁଶୀଳନ ଓ ଆତ୍ମଚିନ୍ତନ ପାଇଁ ନିହାତି ଆବଶ୍ୟକ।

***ଗଦାଧର ଖୁଣ୍ଟିଆ, ସମାଜସେବୀ, ଭୁବନେଶ୍ୱର***

## ସେଲଫୋନ ବ୍ୟବହାର କରୁଥିଲେ ସାବଧାନ !



**ନୂଆଦିଲ୍ଲୀ :** ସେଲଫୋନ ବ୍ୟବହାର କରୁଥିଲେ ସାବଧାନ। ସେଲଫୋନ ବ୍ୟବହାର ସହ ହୃଦରୋଗର ରହିଛି ସମ୍ପର୍କ। ବିଶେଷ କରି ଧୂମପାନ କରୁଥିବା ଓ ମଧୁମେହ ରୋଗୀଙ୍କ କ୍ଷେତ୍ରରେ ଏହି ବିପଦ ଅଧିକ ବୋଲି ଗବେଷଣାରୁ ଜଣାଯାଇଛି। ସେଲଫୋନ ବ୍ୟବହାର କମ୍ ନିଦ୍ରା, ମନସ୍ତାତ୍ତ୍ୱିକ ଚାପ, ନକାରାତ୍ମକ ଭାବାବେଗ ଆଦିର କାରଣ ହୋଇଥାଏ ବୋଲି କୁହାଯାଇଛି। କମ୍ ନିଦ୍ରା ଓ ଦୁର୍ବଳ ମାନସିକ ସ୍ୱାସ୍ଥ୍ୟ ସାଧାରଣତଃ ଶରୀର ଉପରେ ପ୍ରତିକୂଳ ପ୍ରଭାବ ପକାଇଥାଏ। ଯାହା ହୃଦସ୍ପନ୍ଦନ, ଅନ୍ତଃସ୍ରାବୀ ବା ଏଣ୍ଡୋକ୍ରାଇନ ଓ ମେଟାବୋଲିକ କ୍ଷେତ୍ରରେ ବାଧା ହେତୁ ହୃଦରୋଗ ପରି ସମସ୍ୟା ସୃଷ୍ଟି ହୋଇଥାଏ। ଏହା ସ୍ପଷ୍ଟ କରିଛନ୍ତି ଚୀନର ଗବେଷକ ଡାକ୍ତର ଜିଆନହୁଇ କିନ୍। ବଡକଥା ହେଉଛି ପ୍ରାୟ ଦୁଇ ଦଶନ୍ଧି ତଳର ସଂଗୃହୀତ ତଥ୍ୟକୁ ନେଇ ଏହି ରିପୋର୍ଟ ପ୍ରକାଶ ପାଇଛି। କାନାଡିଆନ ଜର୍ଣ୍ଣାଲ ଅଫ କାର୍ଡିଓଲୋଜିରେ ପ୍ରକାଶିତ ରିପୋର୍ଟ ଅନୁସାରେ ୨୦୦୬ରୁ ୨୦୧୦ ମଧ୍ୟରେ ସଂଗୃହୀତ ତଥ୍ୟରୁ ଏହି ତଥ୍ୟ ପ୍ରକାଶ କରାଯାଇଛି। ଗବେଷକମାନେ ୪ ଲକ୍ଷ ୪୪ ହଜାର ମଧ୍ୟବୟସ୍କ ଲୋକଙ୍କ କ୍ଷେତ୍ରରେ ଏହି ପରୀକ୍ଷା କରିଥିଲେ। ଯେଉଁମାନେ ସପ୍ତାହକୁ ଥରେ କଲ୍ କରନ୍ତି କିମ୍ବା ରିସିଭ କରନ୍ତି। ଏହାବାଦ ଯେଉଁମାନେ ପ୍ରତି ସପ୍ତାହରେ ଘଣ୍ଟାଏ କିମ୍ବା ଅଧିକ ବ୍ୟବହାର କରିଥାନ୍ତି ସେମାନଙ୍କୁ ନେଇ ଗବେଷଣା କରାଯାଇଥିଲା। ଯେଉଁମାନଙ୍କୁ ନେଇ ଏହି ଗବେଷଣା ଚାଲିଥିଲା ସେମାନଙ୍କୁ ପ୍ରାୟ ୧୨ ବର୍ଷ ଲାଗି ମନିଟରିଂ କରାଯାଇଥିଲା। ➤ ପୃ-୬

### ୧୭ବର୍ଷ ଧରି ପୋଲାଭରମ୍‌କୁ ନେଇ କେବଳ ଚାଲିଥିଲା ରାଜନୀତି

# ଗୁମର ଖୋଲିଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର :** ଦୀର୍ଘ ୧୭ବର୍ଷ ଧରି ବହୁଚର୍ଚ୍ଚିତ 'ପୋଲାଭରମ ପ୍ରକଳ୍ପ'କୁ ନେଇ ତତକାଳୀନ ବିଜେଡି ସରକାର ନିଜର ରାଜନୀତିକ ଗୋଟିଚାଳନା କରୁଥିଲା। ପୋଲଭରମ ପ୍ରକଳ୍ପ ଯୋଗୁ ଓଡ଼ିଶାର କେତେ ଅଞ୍ଚଳ ଜଳମଗ୍ନ ହେବ ତା'ର ତଥ୍ୟ ନରଖି କେବଳ ରାଜ୍ୟବାସୀଙ୍କୁ ଭୁଆଁ ବୁଲାଇବା ପାଇଁ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ବିଜେଡି



ନୂଆ ନୂଆ କାହାଣୀମାନ ତିଆରି କରିଥିଲା। ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ 'ପୋଲାଭରମ ପ୍ରକଳ୍ପ'କୁ ନେଇ ଲିଖିତ ଉତ୍ତର ରଖିବା ପରେ ବିଗତ ୧୭ବର୍ଷ ମଧ୍ୟରେ ତତକାଳୀନ ନବୀନ ସରକାର ପୋଲାଭରମ ପ୍ରକଳ୍ପକୁ ନେଇ କରୁଥିବା ରାଜନୀତି ପଦାରେ ପଡ଼ିଛି ତଥା ବିଜେଡିର ରାଜ୍ୟବାସୀଙ୍କ ସହ ଛଳନା ମଧ୍ୟ ସ୍ପଷ୍ଟ ହୋଇଛି। ➤ ପୃ-୬

## ଆଳୁ-ପିଆଜ ପରେ ଚିନ୍ତା ବଢ଼ାଇଲା ଅଦା-ରସୁଣ

**ଭୁବନେଶ୍ୱର :** ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ ଦର ବଢି ଚାଲିଛି। ଆଳୁ, ପିଆଜ, ଅଦା ଓ ରସୁଣ ଦର ଆକାଶଛୁଆଁ। ନିୟନ୍ତ୍ରଣକୁ ଆସୁନି ଖାଦ୍ୟ ସାମଗ୍ରୀର ଦର। ଯାହାକୁ ନେଇ ସରକାରଙ୍କୁ ଟାର୍ଗେଟ କରିଛି ଓଡିଶା ବ୍ୟବସାୟୀ ମହାସଂଘ। ମୁକ୍ତ ବାଣିଜ୍ୟ ଅର୍ଥନୀତିରେ ଦରବୃଦ୍ଧି ୫ ପ୍ରତିଶତ ଯାଏଁ ସ୍ୱାଭାବିକ କଥା। ହେଲେ ବଜାରରେ ଅସ୍ୱାଭାବିକ ଭାବେ ବଢୁଛି ଏହି ସବୁ ଦର। ଯାହା କେଜିପ୍ରତି ୪୦ ରୁ ୪୫ ରହିବା କଥା ତାହା ୩ଶହରୁ ୪ଶହ ଟଙ୍କାରେ



ବିକ୍ରି ହେଉଛି। ଅବାସ୍ତବ ଦରବୃଦ୍ଧି ନିୟନ୍ତ୍ରଣ କରିବା ସରକାରଙ୍କ ଦାୟିତ୍ୱ। ➤ ପୃ-୬

## ବକ୍ରବାଣୀ



ରେଭେନ୍ସାର ନାମ ଯିବ ବଦଳି
ମନ୍ତ୍ରୀ ଧରେଇଲେ ଲମ୍ବା କଦଳୀ
ସେଇ କଦଳୀରୁ ଛାଡୁନି ଚୋପା
ମଉସାକୁ ଥୋକେ ଡାକନ୍ତି ବୋପା
ରେଭେନ୍ସା କୁଆଡ଼େ ଦୁର୍ଭିକ୍ଷ କଲେ
ରାଜା ମହାରାଜା କି' କରୁଥିଲେ
ନାମ ବଦଳିଲେ ହବ କି ଲାଭ
ଶିକ୍ଷାର ଉନ୍ନତି ସତେ କି ହବ
ଅଯୋଗ୍ୟ ଲୋକଙ୍କ ଅଜବ କାମ
ମୁର୍ଖଙ୍କୁ ଦିଅନ୍ତି ଭଲିକି ନାମ।

—ଟୁଟୁ

## ନରହନ୍ତା ସାଜୁଛି ଜେଏସ୍‌ଡବ୍ଲୁ

**ପାରାଦ୍ୱୀପ :** ନିଜର ପଣ୍ୟ ଖଲାସ କରିବା ସୀମିତ କ୍ଷମତା ସତ୍ତ୍ୱେ ଦିନକୁ ହଜାର ହଜାର ଭାରିଯାନ ଯୋଗେ ପଣ୍ୟ ପରିବହନ ଯୋଗୁଁ ନରହନ୍ତା ସାଜିଛି ଜେଏସଡବ୍ଲ୍ୟୁ ପାରାଦ୍ୱୀପ ଟର୍ମିନାଲ। ପାରାଦ୍ୱୀପ ବନ୍ଦରକୁ ଲୁହା ପଥର ଟ୍ରକ ଯୋଗେ ଆଣୁଥିବା ଜେଏସଡବ୍ଲୁ ନିଜର ବ୍ୟବସାୟ ବୃଦ୍ଧି ସହ ଲାଭଖୋର ମନୋଭାବ ଯୋଗୁଁ ସାଧାରଣ ଲୋକ ଆଜି ବେସାହାରା ହୋଇଯାଉଛନ୍ତି। ଶିଳ୍ପ ପ୍ରତିଷ୍ଠା ହେଲେ ସ୍ଥାନୀୟ ଅଞ୍ଚଳର ବିକାଶ ସହ ନିଯୁକ୍ତି ସୃଷ୍ଟି ହେବା ଭାବି ଆତ୍ମହରା ହୋଇପଡ଼ିଥିବା ପାରାଦ୍ୱୀପ ବାସୀ ଏବେ ମରଣଯନ୍ତାରେ। କିଛି ବାହାର ଠିକା ସଂସ୍ଥାକୁ ଠିକା ଦେଇ ରାଜ୍ୟ ବାହାର ଲୋକଙ୍କୁ ନିଯୁକ୍ତି ଦେଉଥିବା ବେଳେ ସ୍ଥାନୀୟ ଅଞ୍ଚଳ ପାଇଁ ନରହନ୍ତା ସାଜୁଛି କମ୍ପାନୀ। ନିଜର ସୀମିତ କ୍ଷମତା ଥିବା ସତ୍ତ୍ୱେ ଅତ୍ୟଧିକ ଟ୍ରକ ରେ ପଣ୍ୟ ପରିବହନ ଏବଂ ସେହି ଅନୁପାତରେ ଖଲାସ ନ କରିପାରିବା କାରଣରୁ ରାସ୍ତା ଅବରୋଧ ବଢିବା ବଢିବା ସହିତ ଦିନକୁ ଦିନ ➤ ପୃ-୬

### ରାଜ୍ୟରେ ବଢୁଛି ସଡକ ଦୁର୍ଘଟଣା

# ୨୦୨୩ରେ ମରିଛନ୍ତି ୫ ହଜାରରୁ ଅଧିକ

**ଭୁବନେଶ୍ୱର :** ରାଜ୍ୟରେ ବଢୁଛି ସଡ଼କ ଦୁର୍ଘଟଣା ସଂଖ୍ୟା। ୨୦୨୩ରେ ୧୨,୦୫୨ଟି ସଡ଼କ ଦୁର୍ଘଟଣା ଘଟିଥିବା ବେଳେ ୫,୬୯୬ ଜଣଙ୍କ ମୃତ୍ୟୁ ଘଟିଛି। ସେହିପରି ୧୦ ହଜାର ୪୧୯ ଜଣ ଆହତ ହୋଇଛନ୍ତି। ବିଧାୟକ ସନାତନ ମହାକୁଡ଼ଙ୍କ ଏକ ପ୍ରଶ୍ନର ଉତ୍ତରରେ ସଡ଼କ ଓ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା ବିଧାନସଭାରେ ଏହି ତଥ୍ୟ ଦେଇଛନ୍ତି। ୨୦୨୩ରେ ସଡ଼କ ଦୁର୍ଘଟଣାରେ ସୁନ୍ଦରଗଡ଼



ଜିଲ୍ଲାରେ ସର୍ବାଧିକ ୪୪୮ ଜଣଙ୍କ ମୃତ୍ୟୁ ହୋଇଛି। ୨୦୨୩ରେ ସୁନ୍ଦରଗଡ଼ ଜିଲ୍ଲାରେ ୮୮୫ଟି ସଡ଼କ ଦୁର୍ଘଟଣା ଘଟିଥିବା ବେଳେ ୬୭୧ ଜଣ ଆହତ ହୋଇଛନ୍ତି। ଏହି ବର୍ଷ ଗଞ୍ଜାମରେ ୭୮୧ଟି ସଡ଼କ ଦୁର୍ଘଟଣା ଘଟିଥିବା ବେଳେ ୪୨୨ ଜଣଙ୍କ ମୃତ୍ୟୁ ଘଟିଛି ଓ ୫୯୯ ଜଣ ଆହତ ହୋଇଛନ୍ତି। କେନ୍ଦୁଝରରେ ୭୫୫ଟି ଦୁର୍ଘଟଣା ଘଟିଥିବା ବେଳେ ୩୯୯ ଜଣ ମରିଛନ୍ତି ଓ ୬୮୯ ଜଣ ଆହତ ହୋଇଛନ୍ତି। ଖୋର୍ଦ୍ଧାରେ ୧୧୮୪ଟି ସଡ଼କ ଦୁର୍ଘଟଣା ଘଟିଥିବା ବେଳେ ➤ ପୃ-୬

### ପ୍ରସ୍ତାବିତ ଅସ୍ତରଙ୍ଗ ବନ୍ଦରକୁ ବିରୋଧ

# ମେଳି ବାନ୍ଧିଲେ ୯ ଖଣ୍ଡ ମୌଜାର ଅଧିବାସୀ

**ଅସ୍ତରଙ୍ଗ :** ରାଜ୍ୟ ସରକାରଙ୍କର ବାଣିଜ୍ୟ ପରିବହନ ବିଭାଗ ଓ ହାଇଦ୍ରାବାଦ ସ୍ଥିତ ନବଯୁଗ୍ ଇଞ୍ଜିନିୟରିଂ ଲିଃର ମିଳିତ ସହ ଭାଗିତାରେ ପ୍ରସ୍ତାବିତ ପୁରୀ ଜିଲ୍ଲା ଅସ୍ତରଙ୍ଗ ଶିଳ୍ପ ଭିତ୍ତିକ ବନ୍ଦର ପ୍ରତିଷ୍ଠା ଯୋଜନାକୁ ବିସ୍ଥାପିତ ହେବାକୁ ଥିବା ଗ୍ରାମବାସୀ ବିରୋଧ କରି ପୀର ଜାହାନିଆଁ ପୀଠରେ ମେଳି ବାନ୍ଧିଛନ୍ତି। ପୀର ଜାହାନିଆଁ ଭିଟାମାଟି ସୁରକ୍ଷା ମଞ୍ଚ ଆନୁକୁଲ୍ୟରେ ଅନୁଷ୍ଠିତ ଏହି ବିରୋଧ ସମାବେଶରେ ପୁରୀ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ,ମଞ୍ଚର ଆବାହକ ଶୋଭାକର ବେହେରା, ପ୍ରମୁଖଙ୍କ ସମେତ ହଜାରରୁ ଉର୍ଦ୍ଧ୍ୱ ସ୍ଥାନୀୟ ୯ ଖଣ୍ଡ ଗ୍ରାମର ମୁରବୀ, ଗ୍ରାମବାସୀ ଉପସ୍ଥିତ ରହି ସରକାରଙ୍କ ବନ୍ଦର ପ୍ରତିଷ୍ଠା ଯୋଜନାକୁ ପଣ୍ଡ କରିବା ପାଇଁ ବଜ୍ର ଶପଥ ନେଇଥିଲେ। କମ୍ପାନୀ ସ୍ୱାର୍ଥରେ ନିଜର ଭିଟାମାଟି ବନ୍ଦର ପାଇଁ ଦେଇ ନିଜ ଜୀବନ ଜୀବିକା ହରାଇ ସେମାନେ ଦାଦନ ହେବା ପରିବର୍ତ୍ତେ ମୃତ୍ୟୁ ଶ୍ରେୟସ୍କର ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା।ଏଥିସହ ବିସ୍ଥାପିତ ହେବାକୁ ଥିବା ଗ୍ରାମାଞ୍ଚଳରେ ସରକାର ଜନ ଶୁଣାଣି କରିବା



ପରିବର୍ତ୍ତେ ଆସନ୍ତା ୧୩ ତାରିଖରେ ଅସ୍ତରଙ୍ଗ ମୁଖ୍ୟ ବଜାରରେ କରିବାକୁ ଯାଉଥିବାରୁ ଏହି ଜନ ଶୁଣାଣିକୁ ସେମାନେ ବର୍ଜନ କରିବେ ବୋଲି ବୈଠକରେ ନିଷ୍ପତି କରାଯାଇଥିଲା। ହଜାର ହଜାର ଏକର ସମ୍ପତି ହରାଇ କମ୍ପାନୀ ନିକଟରେ ସେମାନଙ୍କ ଦାୟଦଙ୍କୁ ଗୋଟି ଶ୍ରମିକ ହେବାକୁ ଦିଆଯିବ ନାହିଁ ବୋଲି ଉପସ୍ଥିତ ମୂରବୀମାନେ କହି ବନ୍ଦର ପ୍ରତିଷ୍ଠାକୁ ଘୋର ବିରୋଧ କରିଥିଲେ। ଉଭୟ ଭିଟାମାଟି ଓ ଉପକୂଳ ପରିବେଶ ସୁରକ୍ଷା ପାଇଁ ଆନ୍ଦୋଳନ ପଲ୍ଲୀ ଠାରୁ ଦିଲ୍ଲୀ ପର୍ଯ୍ୟନ୍ତ ବ୍ୟାପକ କରାଯିବ ବୋଲି ବୈଠକରେ ବନ୍ଦର ବିରୋଧୀ ଗ୍ରାମବାସୀ ନିଷ୍ପତି ନେଇଥିଲେ। ଏଥି ସହିତ ଆସନ୍ତା ୧୪ ତାରିଖରେ ହଜାର ହଜାର ଗ୍ରାମବାସୀ, ବୁଦ୍ଧିଜୀବୀ, ପରିବେଶକର୍ମୀ ଓ ଛାତ୍ରଛାତ୍ରୀଙ୍କୁ ନେଇ ବିକ୍ଷୋଭ ସମାବେଶ ଅନୁଷ୍ଠିତ ହେବ ବୋଲି କର୍ମକର୍ତ୍ତା ମାନେ କହିଥିଲେ। ସେପଟେ, ୨୦୧୩ ମସିହା ଡିସେମ୍ବର ମାସରେ ନୂତନ ଜମି ଅଧିଗ୍ରହଣ ଆଇନ ପ୍ରଣୟନ କରାଯାଇ ୨୦୧୪ଜାନୁୟାରୀ ମାସରେ ➤ ପୃ-୬

ଏକମାତ୍ର EKAMAATRA ଅନୁସନ୍ଧାନ ପରେ ଖବର

## କେମିତି କଟିବ ଏ ସପ୍ତାହ

**ମେଷ** — ସ୍ୱାସ୍ଥ୍ୟ ଉତ୍ତମ ରହିବ। ଆୟରେ ବୃଦ୍ଧି ହେବ। ସଞ୍ଚୟ ହେବ। ପରିବାର ସହଯୋଗ ପାଇବେ ନାହିଁ। ସ୍ଥାନାନ୍ତରଣ ଯୋଗ ଅଛି। ବିଦେଶରେ ପାଠ ପଢ଼ିପାରନ୍ତି। ଦାମ୍ପତ୍ୟ ଜୀବନରେ ଅସ୍ଥିରତା ଯୋଗ ଅଛି। ପ୍ରତିକାର : ପ୍ରତିଦିନ ୧୦ଥର ଓଁ ଭୌମାୟ ନମଃ ଜପ କରନ୍ତୁ।

**ବୃଷ** — ମାଦକ ଦ୍ରବ୍ୟ ସେବନରୁ ଦୂରେଇ ପାରନ୍ତି। ବାପା ମାଆଙ୍କ ସହଯୋଗ ପାଇ କାର୍ଯ୍ୟକ୍ଷେତ୍ରରେ ନୂତନ ଉପଲବ୍ଧି ପାଇବେ। ଛାତ୍ରୀମାନଙ୍କ ପାଇଁ ସମୟ ଅନୁକୂଳ। ଜୀବନସାଥୀଙ୍କ ସହ ତାଳ ମେଳ ବଢ଼ିବ। ପ୍ରତିକାର : ପ୍ରତିଦିନ ୪୦ଥର ଓଁ ରାହବେ ନମଃ ଜପ କରନ୍ତୁ।

**ମିଥୁନ** — ଖରାପ ସ୍ୱାସ୍ଥ୍ୟ ଆତ୍ମବିଶ୍ୱାସ କମିବ। ବ୍ୟୟରେ ବୃଦ୍ଧି ହେବ। ଉଧାର କରିପାରନ୍ତି। ବିପରିତ ଲିଙ୍ଗି ବ୍ୟକ୍ତିଙ୍କୁ ଆକର୍ଷି କରିପାରନ୍ତି। କାର୍ଯ୍ୟକ୍ଷେତ୍ରରେ ପ୍ରତିବନ୍ଧକ ଦେଖାଦେବ। ପ୍ରତିକାର : ପ୍ରତିଦିନ ୪୧ଥର ଓଁ ବୁଧାୟ ନମଃ ଜପ କରନ୍ତୁ।

**କର୍କଟ** — ପେଟରେ ସମସ୍ୟା ଦେଖାଦେଇପାରେ। ବ୍ୟବସାୟରେ ସଫଳ ହେବେ। ଧନହାନୀ ହୋଇପାରେ। ସହକର୍ମୀ ଆପଣଙ୍କ ଉପରେ କ୍ଷୁବ୍ଧ ହୋଇପାରନ୍ତି। ପ୍ରତିକାର : ବିକଳାଙ୍ଗଙ୍କୁ ଖାଦ୍ୟ ଖୁଆନ୍ତୁ।

**ସିଂହ** — ଖେଳକୁଦରେ ଭାଗ ନିଅନ୍ତୁ। ଦୀର୍ଘ ମିଆଦି ବ୍ୟବସାୟ କରନ୍ତୁ। ପରିବାରରେ ସମ୍ପର୍କ ବିଗିଡ଼ିପାରେ। କାର୍ଯ୍ୟକ୍ଷେତ୍ରରେ ଅନ୍ୟର ସହଯୋଗ ନିଅନ୍ତୁ। ପ୍ରତିକାର : ମଙ୍ଗଳବାର ଦିନ ରାହୁଙ୍କ ପାଇଁ ହୋମ କରନ୍ତୁ।

**କନ୍ୟା** — ସ୍ୱାସ୍ଥ୍ୟରେ ଉନ୍ନତି ହେବ। କୌଣସି ସନ୍ଥଙ୍କ ଆଶୀର୍ବାଦ ପାଇବେ। ଅର୍ଥ ପ୍ରାପ୍ତ ଯୋଗ ଅଛି। ଆତ୍ମୀୟଙ୍କ ସହ ମତଭେଦ ହୋଇପାରେ। ପ୍ରେମୀ ନାରାଜ ହୋଇପାରନ୍ତି। ପ୍ରତିକାର : ପ୍ରତିଦିନ ବିଷ୍ଣୁ ସହସ୍ର ନାମ ଜପ କରନ୍ତୁ।

**ତୁଳା** — ମନ ଅସ୍ଥିର ରହିବ। ବ୍ୟବସାୟରେ ବିସ୍ତାର ପାଇଁ ଋଣ ନେଇପାରନ୍ତି। ଅନ୍ୟ ସହମତ ଭେଦ ହୋଇପାରେ। ସତର୍କ ରହନ୍ତୁ। ଶିକ୍ଷକଙ୍କ ସହଯୋଗ ପାଇବେ। ପ୍ରତିକାର : ପ୍ରତିଦିନ ୩୧ଥର ଓଁ ଶୁକ୍ରାୟ ନମଃ ଜପ କରନ୍ତୁ।

**ବିଛା** — ଅଧିକ ଚିନ୍ତା କରନ୍ତୁ ନାହିଁ। କମ୍ ପରିଶ୍ରମରେ ଅଧିକ ଆୟ ହେବ। ପରିବାରରେ ସୁଖ ପାଇଷବ। ଲକ୍ଷ୍ୟପ୍ରାପ୍ତି ଯୋଗ ଅଛି। ପ୍ରେମୀ ମାନେ ଭ୍ରମଣ ପାଇଁ ଯାଇପାରନ୍ତି। ପ୍ରତିକାର : ପ୍ରତିଦିନ ୨୭ଥର ଓଁ ଶୁକ୍ରାୟ ନମଃ ଧ୍ୟାନ କରନ୍ତୁ।

**ଧନୁ** — ଖର୍ଚ୍ଚ ପାଇଁ ମାର୍ଗ ପ୍ରସ୍ତୁତ କରନ୍ତୁ। ମାଆଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଛାତ୍ରମାନଙ୍କ ସମୟ ପ୍ରତିକୂଳ ରହିବ। ପ୍ରେମୀମାନେ ବିବାହ ପ୍ରସ୍ତାବ ରଖିପାରନ୍ତି। ପ୍ରତିକାର : ଗୁରୁବାର ଦିନ ଗୁରୁଜନଙ୍କ ଆଶୀର୍ବାଦ ନିଅନ୍ତୁ।

**ମକର** — ଅର୍ଥ ଆଗମନର ସୂଚନା ପାଇବେ। ଧନର ଠିକ୍ ଉପଯୋଗ କରନ୍ତୁ। ପରିବାରର କାର୍ଯ୍ୟରେ ବାନ୍ଧି ହୋଇପାରନ୍ତି। ବାପା ବା ମାଆଙ୍କ ସ୍ୱାସ୍ଥ୍ୟ ଖରାପ ହୋଇପାରେ। ପ୍ରତିକାର : ୧୧ଥର ଓଁ ଭାସ୍କରାୟ ନମଃ ଜପ କରନ୍ତୁ।

**କୁମ୍ଭ** — ପାଚନ ରୋଗରୁ ମୁକ୍ତି ପାଇବେ। ଆର୍ଥିକ ସ୍ଥିତିରେ ଉନ୍ନତି ହେବ। ପରିବାର ଓ ବନ୍ଧୁଙ୍କ ସହଯୋଗ ପାଇବେ। ଛାତ୍ରଙ୍କୁ ସଫଳତା ମିଳିବ। ପ୍ରେମୀଙ୍କ ଠାରୁ ଦୂରେଇ ରହିବା କଷ୍ଟ ହୋଇପାରେ। ପ୍ରତିକାର : ଭଗବାନ ଶିଙ୍କ ଉପାସନା କରନ୍ତୁ।

**ମୀନ** — ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ। ବ୍ୟୟରେ ବୃଦ୍ଧି ହେବ। ପରିବାର ସହ ସମୟ କଟିବ। ପଦୋନ୍ନତି ହୋଇପାରେ। ଛାତ୍ରମାନେ ସଫଳତା ପାଇବେ। ଜୀବନସାଥୀଙ୍କ ସହ ବାଦବିବାଦ ହୋଇପାରେ। ପ୍ରତିକାର : ପ୍ରତିଦିନ ୨୧ଥର ଓଁ ଗଣେଶାୟ ନମଃ ଜପନ୍ତୁ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

# ରହସ୍ୟରେ ଆଲାସ୍କା ଟ୍ରାୟଙ୍ଗଲ, ହଜି ଗଲେଣି ୨୦ ହଜାର ଲୋକ

**ନୂଆଦିଲ୍ଲୀ :** ଦୁନିଆରେ ଅନେକ ସ୍ଥାନ ଅଛି, ଯେଉଁଠି ରହସ୍ୟ ଘେରିରହିଛି। ବିଜ୍ଞାନ ବି ସେ ରହସ୍ୟକୁ ଭେଦି ପାରିନାହିଁ। ଏପରି କିଛି ସ୍ଥାନ ମଧ୍ୟରୁ ଆଲାସ୍କା ଟ୍ରାୟଙ୍ଗଲ ବା ତ୍ରିଭୁଜ ହେଉଛି ଅନ୍ୟତମ। ଏଠାକୁ ଯାଉଥିବା ଲୋକେ ରହସ୍ୟମୟ ଭାବେ ଅଦୃଶ୍ୟ ହୋଇଯା'ନ୍ତି। ଗତ ପାଞ୍ଚ ଦଶନ୍ଧି ମଧ୍ୟରେ ଆଲାସ୍କାରେ ପ୍ରାୟ ୨୦ ହଜାର ଲୋକ ଅଦୃଶ୍ୟ ହୋଇ ଯାଇଥିବା କୁହାଯାଏ। ଆଲାସ୍କା ଟ୍ରାୟଙ୍ଗଲ ଦକ୍ଷିଣରେ ଥିବା ଆଙ୍କୋରେଜ୍ ଏବଂ ଜୁନାଉର ତିନୋଟି ପଏଣ୍ଟ ଏବଂ ଉତ୍ତର ଉପକୂଳବର୍ତ୍ତୀ ସହର ଉତକିଆଗଭିକ୍ ନିକଟରେ ଅବସ୍ଥିତ। ଏହା ଦେଖିବାକୁ ତ୍ରିଭୁଜ ଆକାରର। ତେଣୁ ଏହାକୁ ତଥାକଥିତ ଭାବେ ଆଲାସ୍କା ଟ୍ରାୟଙ୍ଗଲ କୁହାଯାଉଛି। ଏହି ଅଞ୍ଚଳରେ ଘଟୁଥିବା



ରହସ୍ୟ ୧୯୭୨ ମସିହାରେ ସର୍ବ ସମ୍ମୁଖକୁ ଆସିଥିଲା। ଆଇଏଫ୍‌ଏଲ୍ ସାଇନ୍ସ ରିପୋର୍ଟ ଅନୁସାରେ, ୧୯୭୨ ମସିହାରେ ଆମେରିକାର ଦୁଇ ଜଣ ରାଜନେତାଙ୍କୁ ନେଇ ଯାଉଥିବା ଏକ ଛୋଟିଆ ବିମାନ ଏହିଠାରେ ନିଖୋଜ ହୋଇ ଯାଇଥିଲା। ଏହାପରେ ନା ବିମାନ, ନା ଯାତ୍ରୀ କାହାର ଖୋଜ ଖବର ମିଳିନଥିଲା। ବିମାନରେ ଆମେରିକା ସଂସଦର ସଦସ୍ୟ ଥୋମାସ ହାଲ ବଗ୍ସ ସିନିୟର, ଆଲାସ୍କା କଂଗ୍ରେସମ୍ୟାନ ନିକ୍ ବେଗିଚ, ବେଗିଚଙ୍କ ସହଯୋଗୀ ରସେଲ ବ୍ରାଉନ ଏବଂ ପାଇଲଟ ଡନ୍ ଜୋନଜ ଥିଲେ। ସେମାନେ ଆଙ୍କୋରେଜରୁ ଜୁନାଉକୁ ଯାତ୍ରା କରିବା ସମୟରେ ଆଲାସ୍କା ଟ୍ରାୟଙ୍ଗଲ ନିକଟରେ ଅଦୃଶ୍ୟ ହୋଇ ଯାଇଥିଲେ। ସେମାନଙ୍କୁ ଖୋଜିବା ପାଇଁ ଶତ ଚେଷ୍ଟା କରାଯାଇ ଥିଲେ ମଧ୍ୟ ନା ମୃତଦେହ ନା ବିମାନ, କାହାର ବି କୌଣସି ପତ୍ତା ମିଳିନଥିଲା। ଏହି ଘଟଣାକୁ ଅନେକ ଷଡ଼ଯନ୍ତ୍ରର ଆଖ୍ୟା ଦେଇଥିଲେ। କାରଣ ବଗ୍ସ ଜନ୍ ଏଫ୍ କେନେଡିଙ୍କ ହତ୍ୟା ଘଟଣାର ତଦନ୍ତ ପାଇଁ ଗଠିତ କମିଟିର ସଦସ୍ୟ ଥିଲେ। କିନ୍ତୁ ତାଙ୍କ ବିମାନ ନିଖୋଜର କୌଣସି ସ୍ୱଷ୍ଟତା ଆସିପାରି ନଥିଲା। ଏହି ସ୍ଥାନରେ କେହି ଅଦୃଶ୍ୟ ହେବାର ଅନ୍ୟ ଏକ ପ୍ରମୁଖ ମାମଲା ହେଉଛି- ୨୫ ବର୍ଷୀୟ ନ୍ୟୁୟର୍କର ଗ୍ୟାରି ଫ୍ରାଙ୍କ ସୋଥେର୍ଡେନ। ସେ ୧୯୭୦ ଦଶକ ମଧ୍ୟ ଭାଗରେ ଶିକାର ପାଇଁ ଆଲାସ୍କାନ୍ ମରୁଭୂମିକୁ ଯାଇଥିଲେ କିନ୍ତୁ ଆଉ ଫେରି ନଥିଲେ। ଦୁଇ ଦଶନ୍ଧି ପରେ, ୧୯୯୭ରେ ଉତ୍ତର-ପୂର୍ବ ଆଲାସ୍କାର ପୋର୍କୁପାଇନ୍ ନଦୀ କୂଳରେ ଏକ ମାନବ ଖପୁରୀ ମିଳିଥିଲା। ୨୦୨୨ରେ ଏକ ଅନୁସନ୍ଧାନରୁ ଜଣାପଡିଥିଲା ଯେ, ଏହି ଖପୁରୀଟି ୧୯୭୦ ଦଶକରେ ଆଲାସ୍କା ଯାଇଥିବା ନ୍ୟୁୟର୍କର ସୋଥେର୍ଡେନଙ୍କର। ଏହିପରି ଏଠାରେ ପ୍ରାୟ ୨୦ ହଜାର ଲୋକ ନିଖୋଜ ହୋଇ ଯାଇଥିବା କୁହାଯାଉଛି। ଆଲାସ୍କା ଟ୍ରାୟଙ୍ଗଲର ଏହି ଅଦୃଶ୍ୟ ଘଟଣାକୁ ନେଇ ବିଶେଷଜ୍ଞମାନେ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ଦାବି ଉପସ୍ଥାପନ କରିଛନ୍ତି। କେତେକ ବିଶ୍ୱାସ କରନ୍ତି ଯେ, ଏଠାରେ ଚୁମ୍ବକୀୟ ଶକ୍ତି ଥିବାରୁ ନିଜ ଆଡ଼କୁ ଆକର୍ଷିକ କରିନିଏ। ଏପରିକି ଏଠାରେ ଏଲିୟନ ଥିବା ମଧ୍ୟ ଦାବି କରାଯାଏ। ସେହିପରି ଅନ୍ୟ କେତେକ ମଧ୍ୟ ସରଳ ଭାବେ ବ୍ୟାଖ୍ୟା କରନ୍ତି ଯେ, ଏହି ଅଞ୍ଚଳ ପ୍ରାକୃତିକ ଉପାଦାନରେ ପରିପୂର୍ଣ୍ଣ। ଏଠାରେ ଘଞ୍ଚ ଜଙ୍ଗଲ ସାଙ୍ଗକୁ ଦୁର୍ଗମ ପର୍ବତଶୃଙ୍ଖଳ ରହିଛି। ଏହି ଅଞ୍ଚଳରେ ମଧ୍ୟ ପାଗ ଅତ୍ୟନ୍ତ ଥଣ୍ଡା ଏବଂ ଏଠାରେ ଭାଲୁ ବସବାସ କରନ୍ତି। ଏହି କାରଣରୁ ନିଖୋଜ ହୋଇ ଯାଉଥିବା ଲୋକେ ଫେରିପାରନ୍ତି ନାହିଁ। କିନ୍ତୁ ବାସ୍ତବରେ କେଉଁ କାରଣରୁ ଲୋକେ ଏଠାରେ ଅଦୃଶ୍ୟ ହୋଇଯାଇଛନ୍ତି ତାର ରହସ୍ୟ କେହି ଭେଦି ପାରିନାହାନ୍ତି।

## ସୁନୀତା ୱିଲିୟମ୍ସଙ୍କ ବିନା ପୃଥିବୀକୁ ଫେରିଲା ବୋଇଙ୍ଗ ଷ୍ଟାରଲାଇନର୍

**ୱାଶିଂଟନ୍ :** ମହାକାଶଚାରୀ ସୁନୀତା ୱିଲିୟମ୍ସ ଏବଂ ବଚ୍ ୱିଲମୋରଙ୍କୁ ନେଇଯାଇଥିବା ବୋଇଙ୍ଗର ଷ୍ଟାରଲାଇନର୍ ମହାକାଶଯାନ ପୃଥିବୀକୁ ଫେରୁଛି। ତିନିମାସ ଧରି ମହାକାଶରେ ଅଟକି ରହିଥିବା ଷ୍ଟାରଲାଇନର୍ ସ୍ପେସ୍ ଷ୍ଟେସନ ଛାଡି ପୃଥିବୀ ଫେରିଛି। ମହାକାଶଯାନରେ ଏକ ସମସ୍ୟା ଯୋଗୁ ଏହା ଉଭୟ ମହାକାଶଚାରୀଙ୍କ ବିନା ପୃଥିବୀକୁ ଫେରିଛି। ଏହାର ଅର୍ଥ ହେଉଛି ସୁନୀତା ୱିଲିୟମ୍ସ ଏବଂ ବୁରି ୱିଲମୋରଙ୍କୁ ସ୍ପେସ୍ ଷ୍ଟେସନରେ ପାଞ୍ଚରୁ ଛଅ ମାସ ବିତାଇବାକୁ ପଡିବ। ଫେବୃଆରୀ ୨୦୨୫ରେ ଉଭୟ ମହାକାଶଚାରୀଙ୍କୁ ସ୍ପେସ୍ ଏକ୍ସ କ୍ରୁ -୯ ଦ୍ୱାରା ଫେରିବାକୁ ଯୋଜନା କରାଯାଇଛି। ପ୍ରାୟ ୬ ଘଣ୍ଟା ଯାତ୍ରା ପରେ ଷ୍ଟାରଲାଇନର୍ ଆମେରିକାର ନ୍ୟୁ ମେକ୍ସିକୋ ଅଞ୍ଚଳରେ ଅବତରଣ କରିଛି। ଶୁକ୍ରବାର ଦିନ ଆମେରିକାର ସମୟ ସନ୍ଧ୍ୟା ୬ଟା ୦୪ରେ ଷ୍ଟାରଲାଇନର୍ ସଫଳତାର ସହିତ ସ୍ପେସ୍ ଷ୍ଟେସନ୍ ଛାଡିଥିଲେ। ରାତି ୧୧ଟା ୧୭ରେ ଏହା ପୃଥିବୀର ବାୟୁମଣ୍ଡଳରେ ପ୍ରବେଶ କରିଥିଲା। କ୍ୟାପସୁଲ ପାଇଁ ଏହା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ ଥିଲା। ଏହା ମଧ୍ୟରାତି ୧୨ଟା ୦୩ରେ ରେ ନ୍ୟୁ ମେକ୍ସିକୋର ହ୍ୱାଇଟ ସ୍ୟାଣ୍ଡ ସ୍ପେସ୍ ହାରବରରେ ଅବତରଣ କରିଛି। ଷ୍ଟାରଲାଇନର୍ ଛାଡିବା ପରେ ସୁନୀତା ୱିଲିୟମ୍ସ ମିଶନ୍ କଣ୍ଟ୍ରୋଲ୍ ରେଡିଓ କହିଥିଲେ, 'କାଲିପ୍ସୋକୁ ଘରକୁ ଆଣିବାର ସମୟ ଆସିଛି।' ସମସ୍ତଙ୍କ ନଜର ଷ୍ଟାରଲାଇନର୍ ଫେରିବା ଉପରେ ଥିଲା। ଯଦି ଏହା ନିରାପଦରେ ଅବତରଣ କରେ, ବୋଇଙ୍ଗ ହୁଏତ ଏହାର ଖରାପ ସୁନାମରୁ ରକ୍ଷା ପାଇପାରେ।

# ଧାରା ୩୭୦କୁ ଆଉ ଫେରିବାକୁ ଦେବୁ ନାହିଁ : ଶାହା

**ଜାମ୍ମୁ :** କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଜମ୍ମୁ-କଶ୍ମୀର ବିଧାନସଭା ନିର୍ବାଚନ ପାଇଁ ବିଜେପିର ଇସ୍ତାହାର ଜାରି କରିଛନ୍ତି। ଏଥିରେ ଜମ୍ମୁ ଓ କଶ୍ମୀର ଲୋକମାନଙ୍କ ପାଇଁ ଅନେକ ପ୍ରକାରର ପ୍ରତଶ୍ରୁତି ପ୍ରଦାନ କରାଯାଇଛି। ପ୍ରତି ପରିବାରର ବରିଷ୍ଠ ମହିଳାଙ୍କୁ ବର୍ଷକୁ ୧୮ ହଜାର ଟଙ୍କା ଦିଆଯିବ। ଏହା ସହିତ ମହିଳା ଏସଏଚଜି ମାନଙ୍କୁ ସହଜ ଋଣ ପ୍ରଦାନ କରାଯିବ। ୫ ଲକ୍ଷ ରୋଜଗାର ସୁଯୋଗ ସୃଷ୍ଟି କରାଯିବ। ଜାମ୍ମୁ ଓ କାଶ୍ମୀରରେ ଶିଳ୍ପାୟନକୁ ତ୍ୱରାନ୍ୱିତ କରାଯିବ। ଏହି ସମୟରେ ସେ ନ୍ୟାସନାଲ କନଫରେନ୍ସର ଇସ୍ତାହାର ବିଷୟରେ ମଧ୍ୟ ଉଲ୍ଲେଖ କରିଥିଲେ। ସେ କହିଛନ୍ତି, ଧାରା ୩୭୦ ଲାଗୁ ନେଇ ନ୍ୟାସନାଲ କନଫରେନ୍ସ ନିଜ ଇସ୍ତାହାରରେ ଘୋଷଣା କରିଛି। କଂଗ୍ରେସ ଏ ନେଇ ନୀରବ ରହିଛି। କିନ୍ତୁ ଧାରା ୩୭୦ ଏବେ ଇତିହାସ ପାଲଟିଛି, ଏହା କେବେ ବି ଫେରିପାରିବ ନାହିଁ ଏବଂ ଆମେ ଏପରି କରାଇଦେବୁ ନାହିଁ। ଶାହ କହିଛନ୍ତି ଯେ ଧାରା ୩୭୦ ହେଉଛି ଏକ ଲିଙ୍କ୍ ଯାହା ଯୁବପିଢ଼ିଙ୍କୁ ବିକାଶ ପରିବର୍ତ୍ତେ ଆତଙ୍କବାଦ ଆଡ଼କୁ ଠେଲି ଦେଉଥିଲା। ଜାମ୍ମୁ-କାଶ୍ମୀରରେ ଶିକ୍ଷା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଥିଲା। ସଂରକ୍ଷଣ ଜରୁରୀ ଥିଲା। ମୁଁ ଓମାର ଅବଦୁଲ୍ଲାଙ୍କୁ କହିବାକୁ ଚାହୁଁଛି ଯେ ଆମେ ଆପଣଙ୍କୁ ଗୁଜ୍ଜର ବକରୱାଲଙ୍କ ସଂରକ୍ଷଣକୁ ଛୁଇଁବାକୁ ଦେବୁ ନାହିଁ। କାଶ୍ମୀରରେ ବୋମାର ଛାୟା, ମେସିନ୍ ଗନ୍‌ର ଶବ୍ଦ ଶୁଣିବାକୁ ମିଳିଥିଲା, ଯାହା ଏବେ ଇତିହାସ ପାଲଟିଛି।

## ସାମ୍ପ୍ରତିକ ବିଶ୍ୱ ପରିସ୍ଥିତି ଉଦ୍‌ବେଗଜନକ
## ସେନାକୁ ପ୍ରସ୍ତୁତ ରହିବାକୁ ପ୍ରତିରକ୍ଷା ମନ୍ତ୍ରୀଙ୍କ ପରାମର୍ଶ

**ନୂଆଦିଲ୍ଲୀ :** ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ସଶସ୍ତ୍ର ବାହିନୀର ଶୀର୍ଷ କମାଣ୍ଡରମାନଙ୍କୁ ଋଷ-ୟୁକ୍ରେନ ଯୁଦ୍ଧ, ଇସ୍ରାଏଲ-ହାମାସ ସଂଘର୍ଷ ଏବଂ ବାଂଲାଦେଶର ସାମ୍ପ୍ରତିକ ପରିସ୍ଥିତି ଭଳି ଘଟଣାର ବିଶ୍ଳେଷଣ କରିବାକୁ ଏବଂ ଯେକୌଣସି ଅପ୍ରତ୍ୟାଶିତ ଆହ୍ୱାନର ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ କହିଛନ୍ତି। ସର୍ବୋଚ୍ଚ ସ୍ତରୀୟ ସାମରିକ ନେତୃତ୍ୱ ବୈଠକର ଦ୍ୱିତୀୟ ତଥା ଅନ୍ତିମ ଦିନରେ ପ୍ରତିରକ୍ଷା ମନ୍ତ୍ରୀ ଉତ୍ତର ପ୍ରଦେଶର ଲକ୍ଷ୍ନୌରେ ଯୁଗ୍ମ କମାଣ୍ଡର ସମ୍ମିଳନୀରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ସେ କହିଛନ୍ତି ଯେ ଭାରତ ଏକ ଶାନ୍ତିପ୍ରିୟ ରାଷ୍ଟ୍ର ଏବଂ ଶାନ୍ତି ବଜାୟ ରଖିବା ପାଇଁ ସଶସ୍ତ୍ର ବାହିନୀକୁ ଯୁଦ୍ଧ ପାଇଁ ପ୍ରସ୍ତୁତ ରହିବା ଆବଶ୍ୟକ। ଉତ୍ତର ସୀମାରେ ପରିସ୍ଥିତି ଏବଂ ଆଞ୍ଚଳିକ ଶାନ୍ତି ଓ ସ୍ଥିରତା ପ୍ରତି ବିପଦ ସୃଷ୍ଟି କରୁଥିବା ପଡ଼ୋଶୀ ଦେଶଗୁଡ଼ିକର ବିକାଶକୁ ଦୃଷ୍ଟିରେ ରଖି ବରିଷ୍ଠ ସାମରିକ ନେତୃତ୍ୱଙ୍କ ଦ୍ୱାରା ଅଧିକ ବ୍ୟାପକ ଏବଂ ଗଭୀର ବିଶ୍ଳେଷଣ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସମ୍ମିଳନୀର ବିଷୟବସ୍ତୁ 'ସଶକ୍ତ ଓ ସୁରକ୍ଷିତ ଭାରତ: ସଶସ୍ତ୍ର ବାହିନୀର ରୂପାନ୍ତର' ଶୀର୍ଷକ ବିଷୟବସ୍ତୁ ଅନୁଯାୟୀ ରାଜନାଥ ସିଂହ ଏକ ମିଳିତ ସାମରିକ ଦୃଷ୍ଟିକୋଣ ବିକଶିତ କରିବା ଏବଂ ଭବିଷ୍ୟତ ଯୁଦ୍ଧରେ ଦେଶ ସମ୍ମୁଖୀନ ହେବାକୁ ଥିବା ଆହ୍ୱାନର ମୁକାବିଲା ପାଇଁ ପ୍ରସ୍ତୁତି ଉପରେ ଗୁରୁତ୍ୱାରୋପ କରିବା ସହିତ ଉତ୍ତେଜନାର ସମନ୍ୱିତ, ତ୍ୱରିତ ଏବଂ ଆନୁପାତିକ ପ୍ରତିକ୍ରିୟା ଉପରେ ଗୁରୁତ୍ୱାରୋପ କରିଥିଲେ।

### କେନ୍ଦ୍ର ଶ୍ରମ ମନ୍ତ୍ରୀଙ୍କ ଘୋଷଣା

# ସବୁ ବ୍ୟାଙ୍କ ଶାଖାରୁ ମିଳିବ ଇପିଏଫ୍ ପେନ୍‌ସନ

**ନୂଆଦିଲ୍ଲୀ :** ଏଣିକି ଅଣସଂଗଠିତ କ୍ଷେତ୍ରର କର୍ମଚାରୀମାନେ କର୍ମଚାରୀ ଭବିଷ୍ୟନିଧି ପାଣ୍ଠି (ଇପିଏଫ୍) ପେନ୍‌ସନ ପାଇବା ସହଜ ହେବ। କାରଣ ନୂଆ ବ୍ୟବସ୍ଥାନୁଯାୟୀ, ଆଗାମୀ ଦିନରେ କର୍ମଚାରୀମାନେ ଦେଶର ଯେ କୌଣସି ସ୍ଥାନର କୌଣସି ବି ବ୍ୟାଙ୍କ ଶାଖାରୁ ପେନ୍‌ସନ ଉଠାଇପାରିବେ। ଏହି ପରିବର୍ତ୍ତନ ଆସନ୍ତା ବର୍ଷ ଠାରୁ ଅର୍ଥାତ୍ ୨୦୨୫ ଜାନୁୟାରୀ ପହିଲାଠାରୁ କାର୍ଯ୍ୟକାରୀ ହେବ। କେନ୍ଦ୍ର ଶ୍ରମ ମନ୍ତ୍ରୀ ଏ ସମ୍ପର୍କରେ ଘୋଷଣା କରିଛନ୍ତି। ବାସ୍ତବରେ, କେନ୍ଦ୍ର ପେନ୍‌ସନ ପେମେଣ୍ଟ ସିଷ୍ଟମ (ସିପିପିଏସ୍)ରୁ କର୍ମଚାରୀ ପେନ୍‌ସନ ସ୍କିମ୍ (ଇପିଏସ୍) ୧୯୯୫ ସମ୍ବନ୍ଧରେ କେନ୍ଦ୍ର ସରକାର ଏକ ପ୍ରସ୍ତାବ ଗ୍ରହଣ କରିଥିଲେ। ଏହି ପ୍ରସ୍ତାବ ଅନୁଯାୟୀ କୌଣସି ବ୍ୟାଙ୍କର ଯେ କୌଣସି ଶାଖାରୁ ପେନ୍‌ସନ ଉଠାଇବାର ବ୍ୟବସ୍ଥା ଲାଗୁ କରିବାକୁ ଅବଗତ କରାଯାଇଥିଲା। ଏହି ପ୍ରସ୍ତାବକୁ ଏବେ କେନ୍ଦ୍ର




ସରକାର ଅନୁମୋଦନ ଦେଇଛନ୍ତି। ଏହା ଜାନୁୟାରୀ ପହିଲାଠାରୁ ଭାରତର ଯେ କୌଣସି ବ୍ୟାଙ୍କ, ଶାଖା କିମ୍ବା ସ୍ଥାନରୁ କର୍ମଚାରୀଙ୍କୁ ପେନ୍ସନ୍ ନେବାରେ କରିବାରେ ଇପିଏସ୍ ପେନ୍‌ସନଭୋଗୀଙ୍କୁ ସାହାଯ୍ୟ କରିବ। ଘରୋଇ କ୍ଷେତ୍ରର କର୍ମଚାରୀଙ୍କ ପାଇଁ ଏହାକୁ ଏକ ବଡ ପରିବର୍ତ୍ତନ ଭାବେ ବିବେଚନା କରାଯାଉଛି। ଏହି ବ୍ୟବସ୍ଥା ଦ୍ୱାରା ଦେଶର ଇପିଏଫ୍‌ଓର ୭୮ ଲକ୍ଷରୁ ଅଧିକ ପେନସନଧାରୀ ଉପକୃତ ହେବେ ବୋଲି ଆଶା କରାଯାଉଛି। ଉନ୍ନତ ଆଇଟି ଏବଂ ବ୍ୟାଙ୍କିଙ୍ଗ୍ ଟେକ୍ନୋଲୋଜି ବ୍ୟବହାର କରି ପେନସନଭୋଗୀମାନଙ୍କୁ ଏକ ଅଧିକ ଦକ୍ଷ, ନିରବିହୀନ ଏବଂ ଉପଭୋକ୍ତା ଅନୁକୂଳ ଅଭିଜ୍ଞତା ପ୍ରଦାନ କରାଯିବ। କେନ୍ଦ୍ର ମନ୍ତ୍ରୀ ଶ୍ରମ ମନ୍ତ୍ରୀ ଡ. ମନ୍‌ସୁଖ ମାଣ୍ଡଭ୍ୟା କହିଛନ୍ତି ଯେ ଇପିଏଫ୍‌ଓର ଆଧୁନିକୀକରଣରେ କେନ୍ଦ୍ରୀୟ ପେନ୍‌ସନ୍ ପେମେଣ୍ଟ ସିଷ୍ଟମ (ସିପିପିଏସ୍)କୁ ଅନୁମୋଦନ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ଏହାଫଳରେ ଦେଶର ଯେ କୌଣସି ଅଞ୍ଚଳରେ ରହୁଥିବା ଜଣେ ପେନସନଭୋଗୀଙ୍କୁ ପେନ୍‌ସନ ପାଇଁ ଅଧିକ ବୁଲିବାକୁ ପଡିବନାହିଁ। ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ବିବୃତ୍ତିରେ କୁହାଯାଇଛି ଯେ ନୂତନ ପେନ୍‌ସନ ବିତରଣ ପ୍ରକ୍ରିୟା ଅନୁଯାୟୀ, ଇପିଏଫ୍‌ଓର ପ୍ରତ୍ୟେକ ଆଞ୍ଚଳିକ/ଆଞ୍ଚଳିକ କାର୍ଯ୍ୟାଳୟକୁ କେବଳ ତିନି-ଚାରି ବ୍ୟାଙ୍କ ସହିତ ପୃଥକ ଚୁକ୍ତିନାମା କରିବାକୁ ପଡିବ। ଏଥିରେ କୁହାଯାଇଛି ଯେ ବର୍ତ୍ତମାନ ପେନ୍‌ସନଭୋଗୀମାନେ ପେନ୍‌ସନ ଆରମ୍ଭ ସମୟରେ ଯାଞ୍ଚ ପାଇଁ ବ୍ୟାଙ୍କ ଶାଖାକୁ ଯିବାକୁ ପଡ଼ିବନାହିଁ।

# ଦଳବଦଳକାରୀ ବିଧାୟକଙ୍କୁ ମିଳିବନି ପେନ୍‌ସନ

**ସିମ୍‌ଲା :** ଦଳବଦଳ ନିରୋଧ ଆଇନ ଅନୁଯାୟୀ ଦୋଷୀ ସାବ୍ୟସ୍ତ ହୋଇଥିବା ହିମାଚଳ ପ୍ରଦେଶର ବିଧାୟକଙ୍କୁ ପେନସନ୍ ମିଳିବ ନାହିଁ। ଦଳବଦଳକାରୀ ବିଧାୟକଙ୍କ ପେନସନକୁ ବନ୍ଦ କରିବା ଲାଗି ରାଜ୍ୟ ବିଧାନସଭାରେ ନୂଆ ବିଧେୟକ ବୁଧବାର ଗୃହୀତ ହୋଇଛି। 'ହିମାଚଳ ପ୍ରଦେଶ ବିଧାନସଭା (ସଦସ୍ୟଙ୍କ ଭତ୍ତା ଓ ପେନସନ) ସଂଶୋଧନ ବିଧେୟକ ୨୦୨୪' ଉପରେ ଆଲୋଚନା ହେବା ପରେ ଏହା ବାଚନିକ ଗୃହୀତ ହୋଇଛି। ବିଧେୟକର ବ୍ୟବସ୍ଥା ଅନୁଯାୟୀ ସମ୍ବିଧାନର ଦଶମ ଅନୁଚ୍ଛେଦରେ ରହିଥିବା ଦଳବଦଳ ନିରୋଧ ଆଇନ ଅନୁଯାୟୀ ଯଦି କୌଣସି ବିଧାୟକ ଦୋଷୀ ସାବ୍ୟସ୍ତ ହୋଇଥିବେ ତେବେ ତାଙ୍କୁ କୌଣସି ପେନସନ



ମିଳିବ ନାହିଁ। ରାଜନୈତିକ ଫାଇଦା ହାସଲ କରିବାକୁ ଅନେକ ସମୟରେ ବିଧାୟକମାନେ ଦଳବଦଳ ଭଳି ଅନୈତିକ କାର୍ଯ୍ୟ କରିଆସୁଛନ୍ତି। ଗୋଟିଏ ଦଳର ଟିକଟରେ ନିର୍ବାଚନ ଜିତିଥିବାବେଳେ ଆବଶ୍ୟକ ସମୟରେ ସେମାନେ ଅନ୍ୟ ଦଳରେ ସାମିଲ ହୋଇଥାନ୍ତି। ତେଣୁ ଏପରି ଅନୈତିକ କାର୍ଯ୍ୟକୁ ରୋକିବା ଲାଗି ବିଧାନସଭାର ଆଇନରେ ପରିବର୍ତ୍ତନ କରାଯାଇଛି। ନୂଆ ଆଇନ ଦେଶର ଗଣତନ୍ତ୍ରକୁ ଶକ୍ତିଶାଳୀ କରିବ ବୋଲି ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂହ ସୁଖୁ କହିଛନ୍ତି। ଗତ ଫେବୃଆରୀ ୨୯ରେ ବାଚସ୍ପତି କୁଲଦୀପ ସିଂହ ପଠାନିଆ ଦଳବଦଳ ନିରୋଧ ଆଇନ ଅନୁଯାୟୀ କଂଗ୍ରେସର ୬ଜଣ ବିଧାୟକଙ୍କୁ ଅଯୋଗ୍ୟ ଘୋଷଣା କରିଥିଲେ। ଏହି ବିଧାୟକମାନେ ଦଳର ହୁଇପ୍‌କୁ ଅମାନ୍ୟ କରି ରାଜ୍ୟସଭା ନିର୍ବାଚନରେ ବିଜେପି ସଦସ୍ୟଙ୍କୁ ଭୋଟ ଦେଇଥିଲେ। ୬ ବିଧାୟକ ଅଯୋଗ୍ୟ ହେବା ସତ୍ତ୍ୱେ ରାଜ୍ୟରେ କଂଗ୍ରେସ ନିଜର ସରକାରକୁ ବଞ୍ଚାଇବାରେ ସମର୍ଥନ ହୋଇଥିଲା। ୬ ବିଧାୟକ ଅଯୋଗ୍ୟ ହେବା ପରେ କଂଗ୍ରେସର ସଦସ୍ୟସଂଖ୍ୟା ୩୪କୁ ହ୍ରାସ ପାଇଥିଲା। ବିଧାନସଭା ଉପନିର୍ବାଚନ ପରେ କଂଗ୍ରେସର ସଦସ୍ୟ ସଂଖ୍ୟା ପୁଣି ୪୦କୁ ବୃଦ୍ଧି ପାଇଥିଲା।

## ୧୪ରେ ଦେଶବ୍ୟାପୀ ଲୋକ ଅଦାଲତ; ଛାଡ ହେବ ଟ୍ରାଫିକ୍ ଚାଲାଣ

**ନୂଆଦିଲ୍ଲୀ :** ଦୁର୍ଘଟଣାକୁ ରୋକିବା ପାଇଁ ଟ୍ରାଫିକ୍ ନିୟମ ପ୍ରସ୍ତୁତ କରାଯାଇଛି। ଯେଉଁମାନେ ଏହି ନିୟମ ଭାଙ୍ଗଥାନ୍ତି ସେମାନଙ୍କ ଉପରେ ଜରିମାନା ଲାଗୁ କରାଯାଇଥାଏ। ଏହା ସତ୍ତ୍ୱେ ଲୋକମାନେ ଅନେକ ଥର ନିୟମ ଭାଙ୍ଗନ୍ତି ଏବଂ ସେମାନଙ୍କ ବିରୋଧରେ ଟ୍ରାଫିକ୍ ଚାଲାଣ କଟାଯାଇଥାଏ। ବେଳେ ଦୋଷ ନ ଥାଇ ମଧ୍ୟ ଟ୍ରାଫିକ୍ ଚାଲାଣ କଟିଥାଏ। ଏହିପରି ଟ୍ରାଫିକ୍ ଚାଲାଣର ସମାଧାନ କରିବା ପାଇଁ ଦେଶବ୍ୟାପୀ ଏକ ଲୋକ ଅଦାଲତ ଅନୁଷ୍ଠିତ ହେବ। ଏହି ଅଦାଲତରେ କଟାଯାଇଥିବା ଟ୍ରାଫିକ୍ ଚାଲାଣ ବନ୍ଦ ହୋଇଯିବ। ସେପ୍ଟେମ୍ବର ୧୪ରେ ଏହି ଅଦାଲତ ଦେଶର ବିଭିନ୍ନ ଅଞ୍ଚଳରେ ଅନୁଷ୍ଠିତ ହେବ। ଯେଉଁଥିରେ ଅଧିକାଂଶ ମାମଲାର ଶୁଣାଣି ତୁରନ୍ତ ଦିଆଯିବ। ଏହି ସମୟ ମଧ୍ୟରେ ସେହି ମାମଲାଗୁଡ଼ିକର ଶୁଣାଣି ହେବ ଯାହା କୋର୍ଟକୁ ଯିବାର ସମ୍ଭାବନା ରହିଛି। କୋର୍ଟକୁ ଯିବା ପୂର୍ବରୁ ଲୋକ ଅଦାଲତରେ ମାମଲାର ଶୁଣାଣି କରାଯାଇପାରିବ। ଚାଳକମାନେ ପ୍ରାୟତଃ ଟ୍ରାଫିକ୍ ଚାଲାଣ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ଏହିପରି ଲୋକଙ୍କୁ ଆଶ୍ୱସ୍ତି ଦେବା ପାଇଁ ଏହି ଲୋକ ଅଦାଲତର ଆୟୋଜନ କରାଯାଉଛି। କ୍ଷମା ପାଇଁ ଚାଳକ ନିଜର ଫାଇଲ୍ ଏହି ଲୋକ ଅଦାଲତରେ ଦାଖଲ କରିପାରିବେ। ଏଥି ସହିତ, ଯେଉଁମାନେ ୨୦ରୁ ୨୫ହଜାର ଟଙ୍କା ଟ୍ରାଫିକ୍ ଚାଲାଣର ଦଣ୍ଡ ଭୋଗୁଛନ୍ତି ସେମାନେ ମଧ୍ୟ ଏହି ମାମଲାକୁ ଏହି ଲୋକ ଅଦାଲତକୁ ନେଇପାରିବେ। କିନ୍ତୁ ସମସ୍ତ ମାମଲାରେ ଟ୍ରାଫିକ୍ ଚାଲାଣ ଛାଡ କରାଯିବ ନାହିଁ। କେବଳ କିଛି ମାମଲା ରହିବ ଯେଉଁଥିରେ ଜରିମାନା ଛାଡ କରାଯିବ। ତେବେ ଲୋକ ଅଦାଲତରେ ଅଧିକାଂଶ ମାମଲାର ସମାଧାନ ହେବାର ଆଶା କରାଯାଉଛି।

### ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟରେ ହ୍ରାସ

# ଶସ୍ତା ହେବ ପେଟ୍ରୋଲ, ଡିଜେଲ ଦର !

**ନୂଆଦିଲ୍ଲୀ :** ତେଲ କଷ୍ଟ ଭାରତରେ ଖାଉଟିଙ୍କ ପିଛା ଛାଡୁନି। ଏହି ତେଲ ତାତିରେ ବଜାର ମହଙ୍ଗା। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଉଚ୍ଚାରେ ରହୁଥିବା ଯୋଗୁ ଘରୋଇ ବଜାରରେ ପେଟ୍ରୋଲ ଏବଂ ଡିଜେଲ ଦର ବୃଦ୍ଧି ପାଉଥବା ସରକାର କହିଆସୁଛନ୍ତି। ହେଲେ ଏହା ମଧ୍ୟରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟରେ ହ୍ରାସ ଘଟିଥିଲେ ସୁଦ୍ଧା ଘରୋଇ ବଜାରରେ ପେଟ୍ରୋଲ ଏବଂ ଡିଜେଲ ଦର କମ୍ ହେଉନାହିଁ। ଉପସାଗରୀୟ ଦେଶରୁ ଆମେରିକୀୟ ଅଶୋଧିତ ତୈଳ ପର୍ଯ୍ୟନ୍ତ ସବୁଠାରୁ ତେଲ ଦରରେ ଏକ ବଡ଼ ହ୍ରାସ ଘଟିଛି। ସୂଚନା ମୁତାବକ ଅଗଷ୍ଟ ୧୫ଠାରୁ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟରେ ୧୦ ପ୍ରତିଶତରୁ ଅଧିକ ହ୍ରାସ ଘଟିଛି। ଗତ ୨୪ ଘଣ୍ଟା ମଧ୍ୟରେ ବ୍ରେଣ୍ଟ କ୍ରୁଡ୍ ମୂଲ୍ୟ ୬ ପ୍ରତିଶତରୁ ଅଧିକ ହ୍ରାସ ପାଇଛି। ବିଶେଷଜ୍ଞଙ୍କ ଅନୁଯାୟୀ, ଯଦି ଅଶୋଧିତ ତେଲର ମୂଲ୍ୟ ବ୍ୟାରେଲ ପିଛା ୬୫ ଡଲାରକୁ ଖସିଯାଏ ତେବେ ଆମେ ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟରେ ହ୍ରାସ ଦେଖିପାରିବା। ଏହାର ପ୍ରଭାବରେ ଘରୋଇ ବଜାରରେ ପେଟ୍ରୋଲ ଏବଂ ଡିଜେଲ ଦର ୫ ଟଙ୍କା ଶସ୍ତା ହେବାର ସମ୍ଭାବନା ରହିଛି। ହେଲେ କେନ୍ଦ୍ର ସରକାର ତୈଳ ଦର ହ୍ରାସର ଲାଭ ଖାଉଟିଙ୍କୁ କେତେଦୂର ଦେଉଛନ୍ତି ତାହା କେବଳ ଦେଖିବାକୁ ବାକି ରହିଲା। ବର୍ତ୍ତମାନ ବିଦେଶ ବଜାରରେ ବ୍ରେଣ୍ଟ କ୍ରୁଡ୍ ମୂଲ୍ୟ ବ୍ୟାରେଲ ପିଛା ୭୧ ଡଲାରରୁ ହ୍ରାସ ଘଟିଥିବାବେଳେ ଆମେରିକୀୟ ଡବ୍ଲ୍ୟୁଟିଆଇ ମୂଲ୍ୟ ବ୍ୟାରେଲ ପିଛା ୭୦ ଡଲାରରୁ ଖସିଆସିଛି। ବିଶେଷଜ୍ଞଙ୍କ ଅନୁଯାୟୀ ଚୀନ୍ ଏବଂ ଆମେରିକାର



ଅର୍ଥନୀତି ମାନ୍ଦା ହେଉଥିବା ଯୋଗୁ ଅଶୋଧିତ ତୈଳ ମୂଲ୍ୟରେ ହ୍ରାସ ଦେଖିବାକୁ ମିଳୁଛି। ଅନ୍ୟପକ୍ଷରେ, ଅକ୍ଟୋବର ୧ ରୁ ଉତ୍ପାଦନ ବୃଦ୍ଧି କରିବାକୁ ଓପେକ୍ ସଙ୍କେତ ଦେଇଛି, ଯାହାର ପ୍ରଭାବ ଅଶୋଧିତ ତୈଳ ମୂଲ୍ୟରେ ଦେଖାଯାଉଛି। ଲିବ୍ୟାରେ ଉତ୍ପାଦନ ସମସ୍ୟାର ମଧ୍ୟ ସମାଧାନ ହୋଇଛି। ଏଭଳି ପରିସ୍ଥିତିରେ ଅଶୋଧିତ ତୈଳ ମୂଲ୍ୟରେ ଆହୁରି ହ୍ରାସ ଦେଖିବାକୁ ମିଳୁଛି। ବିଶେଷଜ୍ଞଙ୍କ ମତରେ ଅଶୋଧିତ ତୈଳ ଦର ହ୍ରାସ ପାଇପାରେ। ଏମିତିକି ଉପସାଗରୀୟ ରାଷ୍ଟ୍ରରୁ ତେଲ ବ୍ୟାରେଲ ପିଛା ୬୫ ଡଲାରକୁ ଖସିଆସିପାରେ। ବିଶେଷଜ୍ଞଙ୍କ ମତରେ ଯଦି ବ୍ରେଣ୍ଟ କ୍ରୁଡ୍ ମୂଲ୍ୟ ୭୦ ଡଲାରରୁ କମ୍ ହୁଏ, ତେବେ ଓପେକ୍ ଉତ୍ପାଦନ ବୃଦ୍ଧି ପାଇଁ ନିଷ୍ପତ୍ତି ସ୍ଥଗିତ ରଖୀପାରେ। ଏଭଳି ପରିସ୍ଥିତିରେ ଅଶୋଧିତ ତ ଳ ମୂଲ୍ୟ ପୁଣି ବୃଦ୍ଧି ପାଇବ। ଅନ୍ୟପକ୍ଷରେ ଆମେରିକୀୟ ଫେଡେରାଲ ଦ୍ୱାରା ସୁଧ ହାର ହ୍ରାସକୁ ମଧ୍ୟ ଅଶୋଧିତ ତୈଳ ମୂଲ୍ୟକୁ ସମର୍ଥନ କରିବ। ଏବେ ସବୁଠାରୁ ବଡ ପ୍ରଶ୍ନ ଉଠୁଛି ଯେ, ଏଭଳି ପରିସ୍ଥିତିରେ ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ ହ୍ରାସ ହେବ ତ। ବିଶେଷଜ୍ଞଙ୍କ ଅନୁଯାୟୀ ଯଦି ଅଶୋଧିତ ତୈଳର ମୂଲ୍ୟ ୬୫ଡଲାରକୁ ଖସିଆସେ ତେବେ ଭାରତରେ ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ ଲିଟର ପିଛା ୫ ଟଙ୍କା ହ୍ରାସ ହୋଇପାରେ। ସବୁଠୁ ବଡ ପ୍ରଶ୍ନ ହେଉଛି ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ ହ୍ରାସ ହେବ କି ନାହିଁ। ଏହି ପ୍ରଶ୍ନର ଉତ୍ତର ନିର୍ଭର କରେ ସେପ୍ଟେମ୍ବର ମାସରେ ବ୍ରେଣ୍ଟ ଅଶୋଧିତ ତ ଲର ବ୍ୟାରେଲ ପିଛା ୬୫ ଡଲାର ପାଖାପାଖି ଅଛି କି ନାହିଁ। ଯଦି ମୂଲ୍ୟ ହ୍ରାସ ପାଇବାରେ ଲାଗିଛି, ତେବେ ଆମେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ ଲିଟର ପିଛା ୫ ଟଙ୍କା ହ୍ରାସ ପାଇପାରିବା। ଯଦି ମୂଲ୍ୟ ବୃଦ୍ଧି ହୁଏ, ତେବେ ମାର୍ଚ୍ଚ ମଧ୍ୟଭାଗରୁ ମୂଲ୍ୟଗୁଡିକ ସମାନ ରହିବ। ମାର୍ଚ୍ଚ ୧୫ ରୁ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ ଶେଷ ହ୍ରାସ ଦେଖିବାକୁ ମିଳିଥିଲା। ସରକାର ୨ ଟଙ୍କା ହ୍ରାସ କରିଥିଲେ।

ଓଡ଼ିଶା ନଦୀରେ ଆନ୍ଧ୍ରର ଜଳବିଦ୍ୟୁତ୍ ପ୍ରକଳ୍ପ

# ବୁଡ଼ିଯିବ କୋଟିଆର ୨୦ ଗାଁ

**ଭୁବନେଶ୍ୱର :** କୋଟିଆକୁ ନେଇ ଆନ୍ଧ୍ର ଓ ଓଡ଼ିଶା ମଧ୍ୟରେ ଲାଗି ରହିଥିବା ବିବାଦ ଏବେ ଭିନ୍ନ ମୋଡ଼ ନେଇଛି । ଦୁଇ ରାଜ୍ୟ ମଧ୍ୟରେ ସୀମା ବିବାଦ ଲାଗି ରହିଥିବା ବେଳେ ଓଡ଼ିଶା ସୀମାନ୍ତରେ ରାଜ୍ୟର ନଦୀ ଉପରେ ଆନ୍ଧ୍ରର ପ୍ରସ୍ତାବିତ ଜଳ ବିଦ୍ୟୁତ୍ ପ୍ରକଳ୍ପ ନିର୍ମାଣ ପୁଣି ଏକ ବିବାଦକୁ ଟାଣି ଆଣିଛି । ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ କୋଟିଆ ଗ୍ରାମପୁଞ୍ଜର ୨୦ ଗାଁ ଓ ୧୨୦୦ ଏକର ଜମି ଜଳମଗ୍ନ ହେବ । ପ୍ରକଳ୍ପ ପାଇଁ ଆନ୍ଧ୍ର ସରକାର ପଲ୍ଲୀସଭା ଓ ଗ୍ରାମସଭା କରୁଛନ୍ତି; ଆନ୍ଧ୍ର ସରକାରଙ୍କ କର୍ମଚାରୀ ପ୍ରକଳ୍ପର ସର୍ଭେ କରିଥିଲେ ବି ରାଜ୍ୟ ସରକାର ଏ ନେଇ କୌଣସି ଠୋସ୍ ପଦକ୍ଷେପ ଗ୍ରହଣ କରିନାହାନ୍ତି । ଏହାକୁ ପ୍ରତିହତ କରିବା ପାଇଁ ପ୍ରଶାସନ ପକ୍ଷରୁ କୌଣସି ତତ୍ପରତା ପ୍ରକାଶ ପାଇନାହିଁ । ଏପରିସ୍ଥଳେ କେନ୍ଦ୍ର ଓ ରାଜ୍ୟ ସରକାର କେବଳ କୋଟିଆ ଗ୍ରାମପୁଞ୍ଜର ଭରସା ପାଲଟିଛି । ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ବିଧାନସଭାରେ ବିବୃତି ରଖନ୍ତୁ ବୋଲି ଦାବି କରିଛି କଂଗ୍ରେସ । କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ୍ ଏହି ଘଟଣାରେ ସରକାରଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି ଏବଂ ରାଜ୍ୟର ଆଦିବାସୀ ମୁଖ୍ୟମନ୍ତ୍ରୀ କୋଟିଆ ଅଞ୍ଚଳର ଆଦିବାସୀଙ୍କ ସୁରକ୍ଷା ପାଇଁ କାର୍ଯ୍ୟ କରନ୍ତୁ ବୋଲି ଆହ୍ୱାନ ଦେଇଛନ୍ତି । ଶୂନ୍ୟକାଳରେ ଉପରୋକ୍ତ ପ୍ରସଙ୍ଗ ଉଠାଇ ଶ୍ରୀ କାଡାମ କହିଛନ୍ତି ଯେ କୋଟିଆ ଗ୍ରାମ ପଞ୍ଚାୟତରେ ୨୧ଟି ଗାଁ ରହିଛି । ଆନ୍ଧ୍ର ପ୍ରଦେଶ ସବୁବେଳେ ଏହି ଅଞ୍ଚଳରେ ଅନୁପ୍ରବେଶ କରୁଛି । ରାଜ୍ୟ ସରକାର, ଜିଲ୍ଲା ପ୍ରଶାସନ ଆନ୍ଧ୍ରକୁ ପ୍ରଶ୍ରୟ ଦେଉଛନ୍ତି । ସେମାନେ ଓଡ଼ିଶା ଅଞ୍ଚଳରେ ନିୟମିତ ପଲ୍ଲୀସଭା, ଗ୍ରାମସଭା କରୁଛନ୍ତି । କୁରୁକୁଟିରେ ଆନ୍ଧ୍ର ସରକାର ୧୨୦୦ ମେଗାୱାଟର ଜଳ ବିଦ୍ୟୁତ୍ ପ୍ରକଳ୍ପ କରିବେ । ଏ ନେଇ କେନ୍ଦ୍ର ସରକାର ଆଦାନୀ କମ୍ପାନୀ ସହ ଏମଓୟୁ ସ୍ୱାକ୍ଷର କରିସାରିଛନ୍ତି । ଏହି ପ୍ରକଳ୍ପ ସହ ସେମାନେ ଆହୁରି ୨ଟି ଡ୍ୟାମ କରିବାକୁ ଯୋଜନା କରିଛନ୍ତି । ଏହାଫଳରେ ଓଡ଼ିଶାର ୨୦ ଗାଁ, ୧୨୦୦ ଏକର ଜମି ଜଳମଗ୍ନ ହେବ । ଏହି ଜଳମଗ୍ନ ଅଞ୍ଚଳ ପଟ୍ଟାଙ୍ଗୀ ଅଞ୍ଚଳକୁ ଲାଗି ରହିଛି । ଗୃହରେ ମୁଖ୍ୟମନ୍ତ୍ରୀ, ରାଜସ୍ୱମନ୍ତ୍ରୀ ଉପସ୍ଥିତ ଅଛନ୍ତି । ଏନେଇ ଠୋସ୍ ପଦକ୍ଷେପ ନିଅନ୍ତୁ । ନହେଲେ ସେଠାକାର ଆଦିବାସୀ ଜଙ୍ଗଲ, ଜମି, ପାଣି ହରାଇବେ । ରାଜ୍ୟର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ସରକାର ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ଶ୍ରୀ କାଡାମ ଦୃଢ଼ ଦାବି ରଖିଛନ୍ତି । କଂଗ୍ରେସର ଅନ୍ୟତମ ବିଧାୟକ ଡା. ସିଏସ୍ ରାଜନ ଏକ୍କା କହିଛନ୍ତି ଯେ ଏହି ପ୍ରସଙ୍ଗ ଓଡ଼ିଆ ଅସ୍ମିତାର ପ୍ରସଙ୍ଗ, ଓଡ଼ିଶାର ସ୍ୱାର୍ଥ ସମ୍ବଳିତ ଅଟେ । କୁରୁକୁଟି ଜଳପ୍ରପାତ ଏବଂ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ଓଡ଼ିଶାର, ମାତ୍ର ଆନ୍ଧ୍ର ଏହାକୁ ନିଜର ବୋଲି ଦାବି କରୁଛି । କୁରୁକୁଟି ହେବାକୁ ଥିବା ଜଳବିଦ୍ୟୁତ୍ ପ୍ରକଳ୍ପ ଦ୍ୱାରା ବିପୁଳ ଅଞ୍ଚଳ ଜଳମଗ୍ନ ହେବ । ଇତିମଧ୍ୟରେ ଆନ୍ଧ୍ର ସରକାରଙ୍କର ପ୍ରକଳ୍ପକୁ ନେଇ ଫିଜିବିଲିଟି ରିପୋର୍ଟ ପ୍ରକାଶ କରିଛନ୍ତି । ମୁଖ୍ୟମନ୍ତ୍ରୀ ଏନେଇ ବିବୃତି ଦେବାର ଆବଶ୍ୟକତା ରହିଛି । ଯଦି ଏହି ପ୍ରକଳ୍ପ ହେବ, ତାହେଲେ ଓଡ଼ିଶାର ଅନୁମତିରେ ହେଉ । ଗ୍ରାମସଭାର ନିଷ୍ପତ୍ତିରେ ହେଉ ବୋଲି ଶ୍ରୀ ଏକ୍କା ଦାବି କରିଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ ଯେ ନାଗାବଳୀ ଅବବାହିକାର ବୁଦୁରୁଗେଡ଼ା ଓଡ଼ିଶାରୁ ନିର୍ଗତ ହୋଇଥିବାରୁ କୌଣସି ପ୍ରକଳ୍ପ ନିମନ୍ତେ ଆନ୍ଧ୍ର ସରକାର ଓଡ଼ିଶାକୁ ଅବଗତ କରିବାର ଆବଶ୍ୟକତା ରହିଥିଲେ ହେଁ ଡ଼ବଲ ଇଞ୍ଜିନ୍ର ସହଯୋଗୀ ଆନ୍ଧ୍ର ଇଞ୍ଜିନ୍ ଏହାକୁ ଗୁରୁତ୍ୱ ଦେଇନାହିଁ । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ କୋଟିଆ ଗ୍ରାମପୁଞ୍ଜର ତାଡିଭାଲସା, ନେରେଡିଭାଲସା, ତଳଗଞ୍ଜେଇ ପଦର, ଉପର ଗଞ୍ଜେଇ ପଦର ଏବଂ ଅନ୍ୟ କିଛି ପଡ଼ା ଗ୍ରାମ ଜଳମଗ୍ନ ହେବା ଆଶଙ୍କା ରହିଛି ।



## ଖୁବ୍‌ଶୀଘ୍ର କନିଷ୍ଠ ଶିକ୍ଷକ ନିଯୁକ୍ତି



**ଭୁବନେଶ୍ୱର :** କନିଷ୍ଠ ଶିକ୍ଷକ (ସ୍କିମାଟିକ୍) ନିଯୁକ୍ତି ପାଇଁ ଚୂଡ଼ାନ୍ତ ତାଲିକା ପ୍ରସ୍ତୁତି ସରିଛି । ଜିଲ୍ଲାସ୍ତରରେ ଜିଲ୍ଲାପରିଷଦ ବୈଠକରେ ଅନୁମୋଦନ ପାଇବା ପରେ ନିଯୁକ୍ତି ଦିଆଯିବ । ସୂଚନା ଅନୁଯାୟୀ, ଗତ ଅଗଷ୍ଟ ୧୬ ତାରିଖରୁ କାଉନସେଲିଂ ପ୍ରକ୍ରିୟା ସରିଛି । କେଉଁ ବିଦ୍ୟାଳୟରେ କାହାକୁ ନିଯୁକ୍ତି ଦିଆଯିବ ତାହାର ତାଲିକା ମଧ୍ୟ ସମ୍ପୃକ୍ତ ଜିଲ୍ଲାକୁ ପଠା ସରିଛି । ଜିଲ୍ଲା ପରିଷଦ ବୈଠକରେ ଏହାକୁ ଅନୁମୋଦନ ମିଳିବ । ହେଲେ ଗତ ଜୁଲାଇ ୫ ତାରିଖରେ ବିଧାନସଭା ସଚିବ ସମସ୍ତ ଜିଲ୍ଲାପାଳଙ୍କୁ ଚିଠି କରି ବିଧାୟକ ସଭ୍ୟ ଥିବା କମିଟିର ବୈଠକ ବିଧାନସଭା ଆରମ୍ଭ ହେବାର ୩ଦିନ ପୂର୍ବରୁ ଏବଂ ସରିବାର ୩ଦିନ ପର୍ଯ୍ୟନ୍ତ ନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲା ପରିଷଦ ବୈଠକରେ ବିଧାୟକ ଜଣେ ସଭ୍ୟ ହୋଇଥିବାରୁ ବୈଠକ ହୋଇପାରିନାହିଁ । ଚଳିତ ସପ୍ତାହରେ ବୈଠକ ନେଇ ନୋଟିସ୍ ଜାରି କରିବାକୁ ସମସ୍ତ ଜିଲ୍ଲାପାଳଙ୍କୁ ଓଡ଼ିଶା ରାଜ୍ୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ବିଧାନସଭାର ଅଧିବେଶନ ଶେଷ ହେବା ପରେ ପରେ ଜିଲ୍ଲା ପରିଷଦ ବୈଠକ ବସିପାରିବ । ସମସ୍ତ ଜିଲ୍ଲାରେ ୧୮ ତାରିଖ ପୂର୍ବରୁ ବୈଠକ ଶେଷ କରିବା ପାଇଁ ଏବଂ ସମସ୍ତ ସଦସ୍ୟଙ୍କୁ ୭ଦିନ ପୂର୍ବରୁ ଅବଗତ କରିବା ପାଇଁ ନୋଟିସ ଜାରି କରିବାକୁ କୁହାଯାଇଛି । ଜିଲ୍ଲାପରିଷଦ ବୈଠକ ଚୂଡ଼ାନ୍ତ କରି ୭ ଦିନ ମଧ୍ୟରେ ଅବଗତ କରବା ପାଇଁ ଗତକାଲି ଓସେପା ବିଜ୍ଞପ୍ତି ପ୍ରକାଶ କରିଛି ।

## ରାଜ୍ୟରେ ଆନ୍ଧ୍ର ବିଇଡି ଦଲାଲ ସକ୍ରିୟ

**ଭୁବନେଶ୍ୱର:** ରାଜ୍ୟରେ ବିଇଡି ନାମଲେଖା ଜାରି ରହିଥିବା ବେଳେ 'ଆନ୍ଧ୍ର ବିଇଡି' ପାଇଁ ଦଲାଲ ସକ୍ରିୟ ହୋଇଗଲେଣି । ଖୁବ୍ ସହଜରେ ଏବଂ ବିନା ପାଠପଢ଼ାରେ ବିଇଡି ଯୋଗ୍ୟତା ହାସଲ କରିବାର ସ୍ୱପ୍ନ ଦେଖାଉଛନ୍ତି । ଅର୍ଦ୍ଧସତ୍ୟ କହି ନାମଲେଖା ପାଇଁ ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କୁ ରାଜି କରାଉଛନ୍ତି । ଥରେ ଜଣେ ରାଜି ହୋଇଗଲେ, ଚାଲାକି କରି ଆଗ ସେମାନଙ୍କ ଅସଲ ପ୍ରମାଣପତ୍ର ହାତେଇ ନେଉଛନ୍ତି । ଫଳରେ ପରେ ଆଉ ପଛକୁ ଫେରିବାକୁ କିମ୍ବା ନିଷ୍ପତ୍ତି ପରିବର୍ତ୍ତନ କରିବାକୁ ଛାତ୍ରଛାତ୍ରୀମାନଙ୍କ ପାଖରେ ସୁଯୋଗ ରହୁନି । ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଦଲାଲଙ୍କ କଥାରେ ପଡ଼ି ବହୁ ଛାତ୍ରଛାତ୍ରୀ ଠକେଇର ଶିକାର ହେଉଛନ୍ତି । ଆଡମିସନ୍ ସମୟରେ ଦଲାଲଙ୍କ ପ୍ରତିଶ୍ରୁତି ଓ ବାସ୍ତବ ସ୍ଥିତିରେ ମେଳ ଖାଉନାହିଁ । ଲକ୍ଷେରୁ ଦେଢ଼ଲକ୍ଷ ଟଙ୍କାରେ ବିଇଡି କରାଇଦେବାର ପ୍ରତିଶ୍ରୁତି ଦେଇ ଆଡମିସନ୍ କରାଇଦେବା ପରେ ଗୋଟିଏ ପରେ ଗୋଟିଏ ବାହାନା କରି ଶିକ୍ଷାନୁଷ୍ଠାନଗୁଡ଼ିକ ପର୍ଯ୍ୟାୟକ୍ରମେ ଛାତ୍ରଛାତ୍ରୀଙ୍କୁ ଶୋଷୁଛନ୍ତି । ଖାଲି ସେତିକି ନୁହେଁ, କିଛି ଦଲାଲ ଏନ୍‌ସିଟିଇ ଅନୁମୋଦନ ନଥିବା କଲେଜରେ ମଧ୍ୟ ଛାତ୍ରଛାତ୍ରୀଙ୍କ ନାମ ଲେଖାଇ ସେମାନଙ୍କୁ ଠକୁଛନ୍ତି । ଆନ୍ଧ୍ର ବିଇଡି ପାଇଁ ଆଚାର୍ଯ୍ୟ ନାଗାର୍ଜୁନ ବିଶ୍ୱବିଦ୍ୟାଳୟ ଓ ଆନ୍ଧ୍ର କେଶରୀ ବିଶ୍ୱବିଦ୍ୟାଳୟ ଦୁଇଟି ପରିଚିତ ନାମ । ଏହି ଦୁଇଟିରେ ନାମ ଲେଖାଇବା ପାଇଁ ରାଜ୍ୟରେ ବହୁ ଦଲାଲ୍ ସକ୍ରିୟ ହୋଇଛନ୍ତି । ଯେଉଁ ଛାତ୍ରଛାତ୍ରୀମାନେ ବିଇଡି ପ୍ରବେଶିକା ପରୀକ୍ଷା ଦେଇଛନ୍ତି, ସେମାନଙ୍କୁ ଫୋନ୍ କରି କେତେ ମାର୍କ ପାଇଛନ୍ତି, ପଚାରୁଛନ୍ତି । ସାମାନ୍ୟ କମ୍ ମାର୍କ ଥିଲେ ମଧ୍ୟ ଓଡ଼ିଶା ବିଇଡି ହେବ ନାହିଁ ବୋଲି କହିବା ସହ ବର୍ଷେ ନଷ୍ଟ ନକରି କମ୍ ଖର୍ଚ୍ଚରେ ଆନ୍ଧ୍ର ବିଇଡି କରିପାରିବେ କହି ପ୍ରଲୋଭିତ କରୁଛନ୍ତି । ନାଗାର୍ଜୁନ ବିଶ୍ୱବିଦ୍ୟାଳୟ ଅଧୀନସ୍ଥ କଲେଜରେ ପଢ଼ିବା ପାଇଁ ଦୁଇବର୍ଷର କୋର୍ସ ଫି' ବାବଦକୁ ୧ ଲକ୍ଷ ୩୦ ହଜାର ଟଙ୍କା ପଡୁଛି । ସେହିପରି ଆନ୍ଧ୍ର କେଶରୀ ପାଇଁ ୧ ଲକ୍ଷ ଟଙ୍କାରେ ହୋଇଯାଉଥିବା କହୁଛନ୍ତି । ପରୀକ୍ଷା ସମୟରେ ସମସ୍ତ ସହଯୋଗ ମିଳୁଛି ଏବଂ ନିୟମିତ କ୍ଲାସ୍ ନକଲେ ମଧ୍ୟ କୌଣସି ଅସୁବିଧା ନାହିଁ ବୋଲି ପ୍ରତିଶ୍ରୁତି ଦେଉଛନ୍ତି । ଯିଏ ଟିକିଏ ବି ଦଲାଲଙ୍କ ଏହି ପ୍ରତିଶ୍ରୁତିରେ ଭଳୁଛି, ତା'ଠାରୁ ଆଗ ଅସଲ ସାର୍ଟିଫିକେଟ୍ ନେଇଯାଉଛନ୍ତି । ଫଳରେ ଛାତ୍ରଛାତ୍ରଙ୍କ ପାଖେ ଆଉ ପଛକୁ ଫେରିବା ବା ମନ ବଦଳାଇବାର ସୁଯୋଗ ରହୁନାହିଁ । କିନ୍ତୁ ଦଲାଲଙ୍କ ପ୍ରତିଶ୍ରୁତି ଓ ବାସ୍ତବ ସ୍ଥିତି ଭିନ୍ନ ।

## ନଭେମ୍ବର ୧୫ରୁ ଐତିହାସିକ ବାଲିଯାତ୍ରା

**କଟକ :** କଟକ ଜିଲ୍ଲା ତଥା ରାଜ୍ୟର ପ୍ରାଚୀନ କଳା, ହସ୍ତଶିଳ୍ପ, ସଂସ୍କୃତି ଏବଂ ସାମୁଦ୍ରିକ ଐତିହ୍ୟକୁ ସ୍ମରଣ କରିବା ଉଦ୍ଦେଶ୍ୟରେ ଚଳିତ ବର୍ଷ ନଭେମ୍ବର ୧୫ରୁ ୨୨ ତାରିଖ ପର୍ଯ୍ୟନ୍ତ ବାଲିଯାତ୍ରା, କଟକ ଉତ୍ସବ-୨୦୨୪ ଅନୁଷ୍ଠିତ ହେବ । ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହଠାରେ ଅନୁଷ୍ଠିତ ପ୍ରଥମ ବାଲିଯାତ୍ରା ପ୍ରସ୍ତୁତି ବୈଠକରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ବି. ପରମେଶ୍ୱରନ୍ ବିଗତ ବର୍ଷ ତୁଳନାରେ ଚଳିତ ବର୍ଷ ବାଲିଯାତ୍ରାକୁ ଅଧିକ ଚିତାକର୍ଷକ, ସୁରକ୍ଷିତ ଓ ଜନାଦୃତ କରିବା ସହ ଉତମ ସମନ୍ୱୟ ରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ । ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଚଳିତ ବର୍ଷ ବାଲିଯାତ୍ରାକୁ ଅଧିକ ଆକର୍ଷଣୀୟ କରିବା ସହ ଗତବର୍ଷର ଭୁଲ୍ ତ୍ରୁଟିକୁ ସୁଧାରିବାକୁ ପ୍ରୟାସ କରାଯିବା ଉପରେ ଗୁରୁତ୍ୱ ଦିଆଯିବ ବୋଲି କହିଛନ୍ତି । ଆଇନ ଶୃଙ୍ଖଳା, ଗମନାଗମନ, ଯାତାୟତ, ଯାନବାହନ ନିୟନ୍ତ୍ରଣ, ଗାଡି ରହଣୀ ସ୍ଥଳ, ସ୍ୱଚ୍ଛତା, ବିଦ୍ୟୁତ୍ ଯୋଗାଣ, ପଡିଆ ସମତୁଲ କରିବା, ଖାଦ୍ୟ ସୁରକ୍ଷା, ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଓ ଅସ୍ଥାୟୀ ଶୌଚାଳୟ ନିର୍ମାଣ ଆଦି ବିଷୟରେ ପୂର୍ବ ବର୍ଷର ଅଭିଜ୍ଞତାକୁ ନେଇ ଯେଉଁସବୁ ସ୍ଥାନରେ ସୁଧାର ଆଣିବାର ଆବଶ୍ୟକତା ରହିଛି, ସେ ଦିଗରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ଡିସିପି ଅନିଲ କୁମାର ମିଶ୍ର ଯୋଗଦେଇ ଜନଗହଳିକୁ ନିୟନ୍ତ୍ରଣ କରିବା ସହ ସୁରକ୍ଷାକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ପାର୍କିଂସ୍ଥାନ ବୃଦ୍ଧି କରାଯିବା ସହ ୱାଚ୍ ଟାୱାର ନିର୍ମାଣ ତଥା ଏନଡିଆରଏଫ ଓ ଏସଡିଆରଏଫ ଦଳ ମୁତୟନ, ପାର୍କିଂ ସ୍ଥାନରୁ ଯାତ୍ରୀମାନଙ୍କୁ ଯାତ୍ରା ପଡିଆ ପର୍ଯ୍ୟନ୍ତ ଯାତାୟତକୁ ସୁଗମ ପରିଚାଳନା ଉପରେ ଗୁରୁତ୍ୱ ଦେଇଥିଲେ । ପାର୍କିଂ ସ୍ଥାନ ବୃଦ୍ଧି, ପଡିଆ ଓ ଆଖପାଖ ଅଞ୍ଚଳର ଉପଯୁକ୍ତ ଆଲୋକିକରଣ, କାର୍ତ୍ତିକେଶ୍ୱର ଭସାଣୀ ତାରିଖ ପରିବର୍ତ୍ତନ ଆଦି ଉପରେ ଶ୍ରୀ ମିଶ୍ର ଗୁରୁତ୍ୱ ଦେଇଥିଲେ । ସମ୍ପୃକ୍ତ ବିଭିନ୍ନ ବିଭାଗୀୟ ଅଧିକାରୀ ଆଲୋଚନାରେ ଭାଗ ନେଇ ବିଗତ ବର୍ଷର ଅଭିଜ୍ଞତାକୁ ପାଥେୟ କରି ଚଳିତ ବର୍ଷ ନିଜ ନିଜର ଦାୟିତ୍ୱ ସୁଚାରୁରୂପେ ବହନ କରିବାକୁ ପ୍ରତିଶୃତି ଦେଇଥିଲେ । ବାଲିଯାତ୍ରାର ସୁପରିଚାଳନା ନିମନ୍ତେ ବିଭିନ୍ନ କମିଟି ଗଠନ କରାଯାଇ ପରବର୍ତି ପର୍ଯ୍ୟାୟରେ କାର୍ଯ୍ୟର ଅଗ୍ରଗତୀ ସମ୍ପର୍କରେ ଆଲୋଚନା କରାଯିବ । ଏହି ବୈଠକରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ କଟକ ସୁବାସ ଚନ୍ଦ୍ର ରାୟ, ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ, ଅତିରିକ୍ତ ଜିଲ୍ଲାପାଳ ଡକ୍ଟର ଦିବ୍ୟଲୋଚନ ମହନ୍ତ ଓ ଉପଜିଲ୍ଲାପାଳ କଟକ ସଦର ଜ୍ୟୋତି ଶଙ୍କର ରାୟ, ଜିଲ୍ଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ ଓ ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।



## ରତ୍ନଭଣ୍ଡାରରେ ଲାଗିବ କି ସ୍ମାର୍ଟ ଭୋଲଟ୍ ?



**ପୁରୀ :** ଶ୍ରୀମନ୍ଦିର ରତ୍ନଭଣ୍ଡାର ଅଧିକ ସୁରକ୍ଷିତ ହେବ କି ? ରତ୍ନଭଣ୍ଡାରରେ ଲାଗିବ କି ସ୍ମାର୍ଟ ଭୋଲ୍ଟ ? କାରଣ ରତ୍ନଭଣ୍ଡାରକୁ ଅଧିକ ସୁରକ୍ଷିତ ରଖିବା ପାଇଁ ସ୍ମାର୍ଟ ଭୋଲ୍ଟ ଲଗାଇବାକୁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେଇଛି ଦେଶର ଅଗ୍ରଣୀ ସିକ୍ୟୁରିଟି ସଲ୍ୟୁସନ୍ କମ୍ପାନୀ ଗୋଦରେଜ୍ । ଗୋଦରେଜ୍ ସିକ୍ୟୁରିଟି ସଲ୍ୟୁସନ କାର୍ଯ୍ୟକାରୀ ଉପ-ସଭାପତି ପୁଷ୍କର ଗୋଖଲେ କହିଛନ୍ତି, ପ୍ରସ୍ତାବିତ ରତ୍ନଭଣ୍ଡାର ଭୋଲ୍ଟ ଚାବିରେ ଖୋଲିବା ସହ ବାୟୋମେଟ୍ରିକ ଅର୍ଥାତ୍ ଫିଙ୍ଗର ଲକରେ ମଧ୍ୟ ଖୋଲିପାରିବ । ଏମିତିକି ଏହି ଭୋଲ୍ଟରେ ଡୁଆଲ କଣ୍ଟ୍ରୋଲ, ଡିଜିଟାଲ ପ୍ୟାଡ ସହ ଟାଇମ୍ ଲକ୍ ଭଳି ବୈଶିଷ୍ଟ୍ୟକୁ ଖଞ୍ଜା ଯାଇପାରିବ । ତେବେ ଶ୍ରୀମନ୍ଦିର ରତ୍ନଭଣ୍ଡାରର ପ୍ରସ୍ତାବିତ ଭୋଲ୍ଟରେ କେଉଁ ସବୁ ବୈଶିଷ୍ଟ୍ୟ ରହିବ, ସେ ନେଇ ରାଜ୍ୟ ସରକାର ଓ ମନ୍ଦିର ପ୍ରଶାସନ ଚୂଡ଼ାନ୍ତ ନିଷ୍ପତ୍ତି ନେବେ ବୋଲି ଶ୍ରୀ ଗୋଖଲେ କହିଛନ୍ତି ।

## ରାଜ୍ୟ ଖାଦ୍ୟ ସୁରକ୍ଷା କମିଶନ ଅଧ୍ୟକ୍ଷ ପଦରେ ଜଣେ ଡକାୟତ ବସିଛନ୍ତି: ଖାଦ୍ୟ ଯୋଗାଣ ମନ୍ତ୍ରୀ

**ଭୁବନେଶ୍ୱର :** ରାଜ୍ୟ ଖାଦ୍ୟ ସୁରକ୍ଷା କମିଶନ ଅଧ୍ୟକ୍ଷ ପଦରେ ଜଣେ ଚୋର-ଡକାୟତ ଏବେ କାର୍ଯ୍ୟ କରୁଛନ୍ତି ବୋଲି ରାଜ୍ୟ ଖାଦ୍ୟଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି । ଏପରିକି ବହୁ ଆଇଏଏସ୍, ଆଇଏଫଏସ ଓ ଓଏଏସ୍ ଅଫିସରଙ୍କୁ ଅଣଦେଖା କରି ଜଣେ କୋଇଲା ଚୋରା କାରବାରରେ ଲିପ୍ତ ବ୍ୟକ୍ତିଙ୍କୁ ଏହି ଅଧ୍ୟକ୍ଷ ପଦବୀରେ କିଭଳି ଅବସ୍ଥାପିତ କରାଯାଇଛି ତା'ର ତଦନ୍ତ କରିବା ପାଇଁ ରାଜ୍ୟ ସରକାର ଖୁବଶୀଘ୍ର ଏକ କମିଟି ଗଠନ କରିବେ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି । ତେବେ ଜଣେ କାର୍ଯ୍ୟରତ ରାଜ୍ୟ ଖାଦ୍ୟ ସୁରକ୍ଷା କମିଶନ ଅଧ୍ୟକ୍ଷଙ୍କୁ ଖୋଦ୍ ରାଜ୍ୟ ସରକାରଙ୍କ ବିଭାଗୀୟ ମନ୍ତ୍ରୀ ଏଭଳି ଚୋର-ଡକାୟତ ବୋଲି ବିଧାନସଭାରେ ମତ ଦେବାକୁ ନେଇ ଏବେ ସାଧାରଣରେ ଚର୍ଚ୍ଚା ଜୋର ଧରିଛି ।




ବିଧାନସଭାରେ ପ୍ରଶ୍ନକାଳରେ ବିଧାୟକ ସନାତନ ବିଜୁଳିଙ୍କ ଅତିରିକ୍ତ ପ୍ରଶ୍ନର ଉତ୍ତର ଦେଇ ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି ଯେ, ପୂର୍ବରୁ କେଉଁ ଆଧାରରେ ଆଦୌ ଜ୍ଞାନ ନଥିବା ବ୍ୟକ୍ତିଙ୍କୁ କିଭଳି ଖାଦ୍ୟ ସୁରକ୍ଷା କମିଶନ ଅଧ୍ୟକ୍ଷ ପଦରେ ବସାଇ ଦିଆଯାଇଛି ତାହା ତାଙ୍କୁ ଆଶ୍ଚର୍ଯ୍ୟ କରିଛି । ଅନେକ ଯୋଗ୍ୟ ବ୍ୟକ୍ତି ଏହି ପଦବୀ ପାଇଁ ଆବେଦନ କରିଥିଲେ, କିନ୍ତୁ ସେମାନଙ୍କ ବଦଳରେ ଜଣେ କୋଇଲା ଚୋରା କାରବାର କରୁଥିବା ଓ ପାଉଁଶ ପକାଉଥିବା ବ୍ୟକ୍ତିଙ୍କୁ ଅଧ୍ୟକ୍ଷ ପଦରେ ନିଯୁକ୍ତି ଦିଆଯାଇଛି । ପୂର୍ବ ସରକାରରେ ଜଣେ ଅଣଓଡ଼ିଆ ଅଫିସରଙ୍କୁ ଯିଏ ଖୁସି କରିପାରିଲା ତାଙ୍କୁ ପଦବୀ ମିଳୁଥିଲା । ଏହି ଅଧ୍ୟକ୍ଷ ପଦବୀ ପାଇଁ ଆବେଦନ କରିଥିବା ଯୋଗ୍ୟ ବ୍ୟକ୍ତିଙ୍କ ଲମ୍ବା ତାଲିକା ଅଛି । ଆଇଏଫଏସ୍ ସୁଶୀଲ କୁମାର ପୋପଲି ଓ ଶିଶିର କୁମାର ରଥୋଙ୍କ ଭଳି ଆଇଏଫଏସ୍ ଅଫିସରମାନେ ଆବେଦନ କରିଥିଲେ । କିନ୍ତୁ ଜଣେ ବିଏ ପାସ୍ କରିଥିବା ବ୍ୟକ୍ତିଙ୍କୁ ଅଧ୍ୟକ୍ଷ ପଦରେ ବସାଯାଇଛି । କମିଶନ ଅଧ୍ୟକ୍ଷ ନିଯୁକ୍ତି ପ୍ରକ୍ରିୟା ପାଇଁ ନିୟମ ରହିଛି । କମିଶନରେ ଯିଏ ରହିବେ ସେ ସର୍ବଭାରତୀୟ ସେବାରେ ଚାକିରିର ଅଭିଜ୍ଞତା ଥିବ କିମ୍ବା କେନ୍ଦ୍ର-ରାଜ୍ୟ ସରକାରୀ ସେବାରେ କାର୍ଯ୍ୟ କରିଥିବେ । ନଚେତ୍ କୃଷି, ଖାଦ୍ୟ,ବେସାମରିକ, ସୁଷମ ଖାଦ୍ୟ ଆଦି କ୍ଷେତ୍ରରେ ନୀତି ନିର୍ଦ୍ଧାରଣ ଅବା ପ୍ରଶାସନିକ ଜ୍ଞାନ ଥିବ । କିନ୍ତୁ ଏବେ ଯେଉଁ ବ୍ୟକ୍ତି କମିଶନ ଅଧ୍ୟକ୍ଷ ପଦରେ ଅଛନ୍ତି ସେ ଚୋରା କୋଇଲା କାରବାର କରୁଥିବା ଓ ପାଉଁଶ ପରିବହନ କରୁଥିବା ଜଣେ ବ୍ୟକ୍ତି । ସେ ଏହି ପଦବୀକୁ ଉପଯୋଗ କରି ନିଜର ଗୁଡ଼ିଏ ଗାଡ଼ି ପରିବହନ ବ୍ୟବସାୟରେ ଲଗାଇଛନ୍ତି । ମାସକୁ ୩ଲକ୍ଷ ଟଙ୍କା ଦରମା ନେଉଛନ୍ତି । ତାଙ୍କ ପାଇଁ ୧୫-୨୦ଜଣ ଅଫିସର କାମ କରୁଛନ୍ତି । କ୍ୟାବିନେଟ୍ ମନ୍ତ୍ରୀଙ୍କ ଭଳି ବିରାଟ ସରକାରୀ କ୍ୱାର୍ଟର୍ସ ମଧ୍ୟ ନେଇଛନ୍ତି । ତେଣୁ ରାଜ୍ୟ ସରକାର ଏକ କମିଟି ଗଠନ କରି ଏହି ନିଯୁକ୍ତି ପ୍ରକ୍ରିୟା ଠିକ୍ ଥିଲା କି ନାହିଁ ତା'ର ଖୁବଶୀଘ୍ର ତଦନ୍ତ କରିବେ । କିଛି ଅନିୟମିତତା ମିଳିଲେ ତାଙ୍କୁ ଏହି ପଦବୀରୁ ବିତାଡ଼ିତ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର ବିଧାନସଭାରେ ସୂଚନା ଦେଇଛନ୍ତି ।

## ଯୋଗ୍ୟ ହିତାଧିକାରୀଙ୍କୁ ମିଳିବ ରାସନ କାର୍ଡ : ମନ୍ତ୍ରୀ

**ଭୁବନେଶ୍ୱର :** ରାଜ୍ୟର ହିତାଧିକାରୀଙ୍କୁ ସେପ୍ଟେମ୍ବର ସୁଦ୍ଧା ନୂଆ ରାସନ କାର୍ଡ ଦିଆଯିବ । ଏନେଇ ଆଜି ବିଧାନସଭାରେ ସୂଚନା ଦେଇଛନ୍ତି ରାଜ୍ୟ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର । ବିଧାନସଭାରେ ମନ୍ତ୍ରୀ କହିଛନ୍ତି ରାଜ୍ୟରେ ଖାଦ୍ୟ ସୁରକ୍ଷା ଯୋଜନାର ହିତାଧିକାରୀଙ୍କ ତଥ୍ୟାବଳୀକୁ ସ୍ୱଚ୍ଛ ଓ ପାରଦର୍ଶୀ କରିବା ଉଦ୍ଦେଶ୍ୟରେ ଆଧାରଭିତ୍ତିକ ଇ-କେୱାଇସି ଯାଞ୍ଚ ପ୍ରକ୍ରିୟା ଚାଲିଛି । ଏଥି ସହିତ ନୂଆ କାର୍ଡ ପାଇଁ ଆବେଦନ ମଧ୍ୟ ଜାରି ରହିଛି । ଏହି ପ୍ରକ୍ରିୟା ଶେଷ ହେବାପରେ ସେପ୍ଟେମ୍ବର ସୁଦ୍ଧା ହିତାଧିକାରୀଙ୍କୁ ନୂଆ ରାସନ କାର୍ଡ ଦିଆଯିବ । ସୂଚନାଯୋଗ୍ୟ ବର୍ତ୍ତମାନ ରାଜ୍ୟରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଅଧିନରେ ୯୨.୬୬ଲକ୍ଷ ପରିବାରର ୩ କୋଟି ୨୫ଲକ୍ଷ ୯୩ହଜାର ୮୭୫ଜଣ ହିତାଧିକାରୀ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ୩.୧୫ଲକ୍ଷ ପରିବାରର ୧୦.୦୨ଲକ୍ଷ ହିତାଧିକାରୀ ଉପକୃତ ହେଉଛନ୍ତି । ଏବେ ଏହି ଦୁଇଟି ଯୋଜନାରେ ସାମିଲ ହେବା ପାଇଁ ଆହୁରି ୯ ଲକ୍ଷ ଆବେଦନ ହୋଇଛି । ନୂଆ ହିତାଧିକାରୀ ଚୟନ ପାଇଁ ସରକାର ୧୨ଟି ମାନଦଣ୍ଡ ଓ ଅଯୋଗ୍ୟଙ୍କୁ ବାଦ୍ ଦେବା ପାଇଁ ୧୦ଟି ମାନଦଣ୍ଡ ନିର୍ଦ୍ଧାରଣ କରିଛନ୍ତି । ଜିଲ୍ଲାସ୍ତରରେ ବିଭାଗୀୟ କର୍ମଚାରୀମାନଙ୍କ ଦ୍ୱାରା ଏହାର ଉପଯୁକ୍ତ ତଦନ୍ତ କରାଯାଇ ଯୋଗ୍ୟ ବିବେଚିତ ଆବେଦନକାରୀଙ୍କୁ ଏଥିରେ ସାମିଲ କରାଯାଉଛି ।

ଯୋଜନା ଓ ସଂଯୋଜନ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି

# ଜିଲ୍ଲା ବୁଲିବେ ଶାସନ ସଚିବ ଓ ବରିଷ୍ଠ ଅଧିକାରୀ

**ଭୁବନେଶ୍ୱର :** ଶାସନ ସଚିବ ଓ ବରିଷ୍ଠ ଅଧିକାରୀ ବୁଲିବେ ଜିଲ୍ଲା । କିଏ କେଉଁ ଜିଲ୍ଲା ବୁଲିବେ ସେ ନେଇ ତାଲିକା ପ୍ରକାଶ କରିଛି ଯୋଜନା ଓ ସଂଯୋଜନ ବିଭାଗ । ଜିଲ୍ଲାସ୍ତରରେ ସରକାରୀ ଯୋଜନା ଓ କାର୍ଯ୍ୟକ୍ରମ କିପରି ଚାଲିଛି ସେ ନେଇ ଶାସନ ସଚିବ ଓ ବରିଷ୍ଠ ଅଧିକାରୀ ତଦାରଖ କରିବେ । ଏହି ତାଲିକା ପ୍ରତିମାସରେ ବଦଳିବ ବୋଲି କୁହାଯାଇଛି । ଗ୍ରାଉଣ୍ଡରେ କିପରି ଲୋକ ସହାୟତା ଓ ସୁଫଳ ପାଉଛନ୍ତି ସେ ନେଇ ତଦାରଖ କରିବେ ଅଧିକାରୀ । ଏଥିରେ ବେଶୀ ଫୋକସ ଆଦିବାସୀ ଓ ଅପହଞ୍ଚ ଇଲାକାକୁ ରଖାଯାଇଛି । ଅଧିକାରୀମାନେ ଧାର୍ଯ୍ୟ ମୂଲ୍ୟ ଦେଇ ଏସସି/ଏସଟି ଛାତ୍ରାବାସ କିମ୍ବା ସ୍କୁଲରେ ମଧ୍ୟାହ୍ନ ଭୋଜନ ଖାଇ ମାନ ପରଖିବେ । ଆହାର କେନ୍ଦ୍ରରେ ବି ମାନ ପରୀକ୍ଷା କରିବାକୁ କୁହାଯାଇଛି । ପରିଦର୍ଶନ ସମୟରେ ସରକାରୀ ଚିକିତ୍ସାଳୟରେ ରୋଗୀ, ଅଙ୍ଗନବାଡ଼ି ହିତାଧିକାରୀ, ବିଦ୍ୟାଳୟ ଓ ଛାତ୍ରୀନିବାସର ବାଳିକାମାନଙ୍କ ସହ କଥାବାର୍ତ୍ତା କରି ଫିଡବ୍ୟାକ ନେବେ । ଆଠଟି ମୁଖ୍ୟ ଡିଏମଏଫ ଜିଲ୍ଲାରେ ଖଣିଜ ପାଣ୍ଠିର ବିନିଯୋଗ ସମ୍ବନ୍ଧରେ ସମୀକ୍ଷା କରିବେ । ଏହାପରେ ସେମାନେ ଜିଲ୍ଲାପାଳଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ ଦିଗରେ ପରାମର୍ଶ ଦେବେ । ନୂତନ ପ୍ରକଳ୍ପର ମଧ୍ୟ ସମୀକ୍ଷା କରିବେ । ଆକାଂକ୍ଷୀ ଜିଲ୍ଲାଗୁଡ଼ିକର ପ୍ରଗତି ନେଇ ସମୀକ୍ଷା କରିବେ । ୨୯ ଗୋଟି ଆକାଂକ୍ଷୀ ବ୍ଲକଗୁଡିକର ବିକାଶ କାମ ତଦାରଖ କରିବେ । ଅଧିକାରୀମାନେ ପରିଦର୍ଶନ ପରେ ପ୍ରତିଟି ପରିଦର୍ଶନର ସାରାଂଶ ମୁଖ୍ୟ ଶାସନ ସଚିବ ଓ ଉନ୍ନୟନ କମିଶନରଙ୍କ ନିକଟରେ ଦାଖଲ କରିବେ ବୋଲି କୁହାଯାଇଛି । ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଜଗତସିଂହପୁର ଜିଲ୍ଲା ପରିଦର୍ଶନ କରିବେ ବୋଲି କୁହାଯାଇଛି । ସେହିପରି ଦେଓରଞ୍ଜନ ସିଂହ ଅନୁଗୁଳ, ସୁରେନ୍ଦ୍ର କୁମାର କଟକ, ଜି, ମାଥିଭାତନାନ କେନ୍ଦ୍ରାପଡ଼ା, ହେମନ୍ତ ଶର୍ମା କେନ୍ଦୁଝର, ବିଷ୍ଣୁପଦ ସେଠୀ ମାଲକାନଗିରି, ଚିତ୍ରା ଆରୁମୁଗମ କୋରାପୁଟ, ସୁଶୀଲ କୁମାର ଲୋହାନୀ କଳାହାଣ୍ଡି, ଅରବିନ୍ଦ ପାଢୀ ଖୋର୍ଦ୍ଧା, ଶାଶ୍ୱତ ମିଶ୍ର ବରଗଡ଼, ବୀର ବିକ୍ରମ ଯାଦବବ ବଲାଙ୍ଗୀର, ବିଶାଳ କୁମାର ଦେବ ନୂଆପଡ଼ା, ଉଷା ପାଢୀ କନ୍ଧମାଳ, ସଞ୍ଜୟ କୁମାର ସିଂହ ମୟୂରଭଞ୍ଜ, ସୁରେଶ କୁମାର ବଶିଷ୍ଠ ପୁରୀ, ଶୁଭା ଶର୍ମା ଗଜପତି, ଭାସ୍କର ଜ୍ୟୋତି ଶର୍ମା ନବରଙ୍ଗପୁର, ଶାଳିନୀ ପଣ୍ଡିତ ରାୟଗଡ଼ା, ଅଶ୍ୱଥି ଏସ ସୁନ୍ଦରଗଡ଼, ପାଟିଲ ରାଜେଶ ପ୍ରଭାକର ଦେବଗଡ, ଅରବିନ୍ଦ ଅଗ୍ରୱାଲ ସମ୍ବଲପୁର, ବଲୱନ୍ତ ସିଂହ ଗଞ୍ଜାମ, ଭୂପେନ୍ଦ୍ର ଏସ ପୁନିଆ ଝରସୁଗୁଡ଼ା, ଯାମିନୀ ଷଡ଼ଙ୍ଗୀ ସୋନପୁର, ଗୁହା ପୁନମ ତାପସ କୁମାର ଭଦ୍ରକ, ବିଜୟ କେତନ ଉପାଧ୍ୟାୟ ବୌଦ୍ଧ, ଡି, ପ୍ରଶଆନ୍ତ କୁମାର ରେଡ୍ଡୀ ବାଲେଶ୍ୱର, ଏନ. ଥିରୁମାଲା ନାଏକ ନୟାଗଡ଼, ସୁଧାଂଶୁ ମୋହନ ସାମଲ ଢେଙ୍କାନାଳ, ରଶ୍ମିତା ପଣ୍ଡା ଯାଜପୁର ପରିଦର୍ଶନ କରିବେ ବୋଲି ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି ।



## ବିଧାୟକଙ୍କ ଭତ୍ତା ଓ ପେନ୍‌ସନ ବୃଦ୍ଧି ଦାବି

**ଭୁବନେଶ୍ୱର :** ବିଧାନସଭାରେ ଉଠିଲା ବିଧାୟକଙ୍କ ଭତ୍ତା ଓ ପେନସନ୍ ବୃଦ୍ଧି ପ୍ରସଙ୍ଗ । ପ୍ରଶ୍ନକାଳରେ ଶାସକ ଦଳର ବିଧାୟକଙ୍କ ସହ ବିରୋଧୀ କଂଗ୍ରେସ ଓ ବିଜେଡି ବିଧାୟକମାନେ ମଧ୍ୟ ସମାନ ଦାବି କରିଛନ୍ତି । ଯାହାକୁ ନେଇ ବାଚସ୍ପତି ସୁରମା ପାଢୀ ମଧ୍ୟ ଗୃହରେ ରୁଲିଂ ଦେବା ସହ ସରକାରଙ୍କୁ ବିଧାୟକ ଦାବି ପ୍ରତି ଧ୍ୟାନ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ବିଧାନସଭା ଶୂନ୍ୟକାଳରେ ଉଠିଥିଲା ବିଧାୟକ ଏବଂ ପୂର୍ବତନ ବିଧାୟକଙ୍କ ପେନସନ୍ ଓ ଭତ୍ତା ବୃଦ୍ଧି ପ୍ରସଙ୍ଗ । କଂଗ୍ରେସ ବିଧାୟକ ତାରା ବାହିନିପତି ଏହି ପ୍ରସଙ୍ଗ ଉଠାଇଥିଲେ । ଏହାପରେ ବିଜେପି ବିଧାୟକ ସନାତନ ବିଜୁଳି ଓ ବିଜେଡ଼ି ବିଧାୟକ ବି ସମାନ ପ୍ରସଙ୍ଗ ଉଠାଇଲେ । ବିଜେପି ବିଧାୟକ ପୂର୍ଣ୍ଣ ସେଠି କହିଥିଲେ ବର୍ତ୍ତମାନ୍ ଯୁଗରେ ସମସ୍ତଙ୍କୁ ବ୍ଲଡ୍ ପ୍ରେସର ଓ ଡାଇବେଟିସ । ଏଥିପାଇଁ ଖର୍ଚ୍ଚ ବଢୁଚି । ନିର୍ବାଚନୀ ମଣ୍ଡଳୀ ଯିବା ଆସିବାରେ ତେଲ ପୋଡୁଛି । ତେଣୁ ବର୍ତ୍ତମାନ ବିଧାୟକଙ୍କ ଭତ୍ତା ସହ ପୂର୍ବତନ ବିଧାୟକଙ୍କ ପେନସନ୍ ବୃଦ୍ଧି କରାଯାଉ । କଂଗ୍ରେସ ବିଧାୟକ ଦାଶରଥି ଗମାଙ୍ଗୋ ବି ସମାନ ପ୍ରସଙ୍ଗ ଉଠାଇଲେ ।



କାହା କଥାରେ ଯଦି କୌଣସି ଭୁଲ୍ କିମ୍ବା ଠିକ୍ ହୋଇଯାଉଥାନ୍ତା, ତେବେ ଦୁନିଆ ସ୍ୱର୍ଗ ପାଲଟି ଯାଇଥାନ୍ତା।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୯ - ୧୫ ସେପ୍ଟେମ୍ବର, ୨୦୨୪

# ଗୋଦରୀଲୋ ନିଜ ଗୋଡକୁ ଅନା



ସମ୍ପାଦକୀୟ

ତାରକ ମହାନ୍ତି

ହିନ୍ଦୀରେ କଥାଟିଏ ଅଛି 'ଚୋର ମଚାଏ ସୋର' ଏହାର ଅର୍ଥ ଚୋର ନିଜେ ଚୋରି କରି ଅନ୍ୟକୁ ଚୋର ଚୋର କହି ଜୋରସେ ଚିଲ୍ଲାଏ। ଅର୍ଥାତ ଅନ୍ୟକୁ ଚୋର କହି ନିଜେ ପଳାୟନ କରିବା ବା ବଞ୍ଚିଯିବା। ଏହି ଉକ୍ତିଟି ଏବେ ଓଡିଶା ରାଜନୀତି ପାଇଁ ବେଶ ପ୍ରଯୁଜ୍ୟ। କହିବାର କଥା ହେଉଛି ଜଣେ ବ୍ୟକ୍ତି ଓଡିଶା ଶାସନକୁ ଦୀର୍ଘବର୍ଷ ନିଜ ଅକ୍ତିଆରରେ ରଖି ଯାହା ଅପକର୍ମ କରିଥିଲେ କ୍ଷମତାରୁ ଯିବା ପରେ ତାହାର ଦୋଷ ଏବେ ନୂଆ ବିଜେପି ସରକାର ଉପରେ ଲଦି ଚାଲିଛନ୍ତି। ତାହା ବିଧାନସଭା ଭିତରେ ହେଉ ସୋସିଆଲ ମିଡିଆରେ। ବିଜେଡି ବିଧାୟକ ଓ ନେତା ତିନି ମାସର ମୋହନ ସରକାରଙ୍କୁ ବଦନାମ କରିବା ପାଇଁ ପ୍ରାଣମୂର୍ଚ୍ଛା ଉଦ୍ୟମ କରୁଛନ୍ତି। ଜିଏସଟି କାହିଁକି ବିମାନ ବନ୍ଦରରୁ ସୁନା ଜବତ କଲା ଓ ଏ ସୁନା ରୁପା କାହାର ସେଥିନେଇ ବିଜେପିକୁ ଦୋଷ ଦେଉଛି ବିଜେଡି। ଏଇ ଯେମିତି ବିଜେଡି ରାଜ୍ୟସଭା ସଦସ୍ୟା ସୁଲତା ଦେଓ ବାଇଟ ଦେଇ ଗପୁଛନ୍ତି ଏ ଜବତ ସୁନା ରୁପା କାହାର ଓ କୁଆଡେ ଯାଉଥିଲା। ସେ କଣ ଜାଣିନାହାନ୍ତି ବିକ୍ରୟକର ବିଭାଗ ହେଉ ଆୟକର ବିଭାଗ ଯେଉଁ ଜିନିଷ ଉପରେ ରେଡ କରନ୍ତି ତାହା ପଛରେ କିଛି ସୂଚନା ଓ ତଥ୍ୟ ଥାଏ। ଜବତ ସାମଗ୍ରୀ କିଏ କେଉଁଠୁ ଆଣିଲା କୁଆଡ଼କୁ ନେଉଥିଲା ଓ ଏହାର ଉପଯୁକ୍ତ ପ୍ରମାଣ ଯାଞ୍ଚ ହେବା ପରେ ତଥ୍ୟ ପ୍ରକାଶ ପାଏ। ଅନୁସନ୍ଧାନ ଜାରି ରହିଥିବା ବେଳେ ଏନେଇ ସରକାର କଣ ଆଗୁଆ କିଛି କହିପାରନ୍ତି କି ? ସେହିଭଳି କେନ୍ଦ୍ର ଶିକ୍ଷାମନ୍ତ୍ରୀ ରେଭେନ୍ସା ବିଶ୍ୱବିଦ୍ୟାଳୟ ନାମ ପରିବର୍ତ୍ତନକୁ ନେଇ କଣ କହିଲେ ସେଥିପାଇଁ କଣ ମୋହନ ସରକାର ଦାୟୀ ରହିବେ କି ? ତେଣୁ କେଉଁ ପରିପ୍ରେକ୍ଷୀରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଏହା କହିଛନ୍ତି ଓ ଏହାର ଯଥାର୍ଥତା କେତେ ତାହା ତର୍ଜମା ନକରି ଆମେ ଯଦି ସବୁକଥା ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା କରିବା ତେବେ ଏଥିରୁ ନିଷ୍କର୍ଷ କଣ ମିଳିବ ତାହା ଆଗେ ଚିନ୍ତା କରିବା ଉଚିତ। ଆଗରୁ ପୂର୍ବ ସରକାର ଅନେକ କିଛିର ନାମ ପରିବର୍ତ୍ତନ କରିଥିଲେ। ତାହା ସରକାରୀ ଯୋଜନା ହେଉ ବା ସଚିବାଳୟର ନାମ ପରିବର୍ତ୍ତନ। ପ୍ରଶ୍ନ ଉଠୁଛି ସଚିବାଳୟକୁ ଲୋକସେବା ଭବନ କଣ ପାଇଁ କରାଗଲା? ଏଥିରେ ରାଜ୍ୟବାସୀଙ୍କର କେଉଁ ସ୍ୱାର୍ଥ ସାଧିତ ହୋଇଛି। ବରଂ କୋଭିଡ ବାହାନାରେ ଲୋକସେବା ଭବନକୁ ଲୋକଙ୍କ ଯିବା ଉପରେ ରୋକ ଲାଗିଥିଲା। ଏପରିକି ସାମ୍ବାଦିକ ମାନଙ୍କ ଲୋକସେବା ଭବନ ପ୍ରବେଶ ଉପରେ କଡା କଟକଣା ଲଗାଇଥିଲେ ପୂର୍ବ ସରକାର। ସେତେବେଳେ କୌଣସି ବିଜେଡି ନେତା ମନ୍ତ୍ରୀ ଏହା ଉପରେ ପଦୁଟିଏ କହିନଥିଲେ। କାରଣ ସେମାନଙ୍କର ସେତେବେଳେ ପାଟି ଖୋଲିବାର ଦମ ନଥିଲା। ସେତେବେଳେ ଜଣେ ବ୍ୟକ୍ତି ଓଡିଶା ଶାସନକୁ ଅକ୍ତିଆର କରି ଏମାନଙ୍କୁ ମୁଲିଆ କରିଦେଇଥିଲେ। କାଳେ ତୃତୀୟ ମହଲା ତଥ୍ୟ ପଦାକୁ ଆସିଯିବ ସେଥିନେଇ ସମସ୍ତ ପ୍ରକାର କଟକଣା ଆରମ୍ଭ କରି ଦୁର୍ନୀତିକୁ ବଡ଼ ପ୍ରଶୟ ଦେଇଥିଲେ। ଏବେ ଦେଖୁନାହାନ୍ତି ପ୍ରତ୍ୟେକଦିନ ଭିଜିଲାନ୍ସ ଧରୁଥିବା ସରକାରୀ ବାବୁଙ୍କ କେତେ କେତେ ସମ୍ପତ୍ତି ମିଳୁଛି, ସେମାନେ ସବୁ ସେହି ପୂର୍ବ ସରକାର ଅମଳରେ ଏହାକୁ ଉପାର୍ଜନ କରିଥିଲେ। ଏଥିରୁ ବିଚାର କରନ୍ତୁ କେତେ ସ୍ୱଚ୍ଛ ଥିଲା ଆମର ପୂର୍ବ ସରକାର। ସ୍ୱଚ୍ଛ ନିର୍ମଳ ସରକାର କହି ଯେଉଁ ସରକାର ସମୟରେ ବ୍ୟାପକ ଦୁର୍ନୀତି ଚାଲିଥିଲା ତାଙ୍କୁ ସମୀକ୍ଷା ନକରି ଯେତେବେଳେ ଗୋଟେ ନୂଆ ସରକାର ଆସୁ ଆସୁ ଆମେ କାହିଁକି ଏତେ ତତ୍ପରତା ଦେଖାଉଛେ ତାହାର ଅର୍ଥ କିଛି ବୁଝାପଡୁନି।

ବର୍ତ୍ତମାନ ପରିପ୍ରେକ୍ଷୀରେ ମୋହନ ସରକାର କୃଷିକୁ ଗୁରତ୍ୱ ଦେଇ ବେକାରଙ୍କୁ ନିଯୁକ୍ତି ଦେବା ନିହାତି ଆବଶ୍ୟକ। ରାଜ୍ୟକୁ ପୁଣିଥରେ କୃଷିଭିତ୍ତିକ ରାଜ୍ୟ ଭାବେ ପ୍ରତିଷ୍ଠା କରିପାରିଲେ ଦାଦନ ସଂଖ୍ୟା କମିବା ସହ ଆମେ ଆଳୁ, ପିଆଜ, ମାଛ, ଅଣ୍ଡା ଓ ଅନ୍ୟାନ୍ୟ ନିର୍ଭରଶୀଳ ଖାଦ୍ୟ ପଦାର୍ଥରେ ବଳକା ରାଜ୍ୟ ପାଲଟିପାରନ୍ତେ। ଏହି ସମୟରେ ମହାନଦୀ ଜଳ ବିବାଦର ସମାଧାନ ଜରୁରୀ। କାରଣ କେନ୍ଦ୍ର ଓ ରାଜ୍ୟ ଉଭୟ ବିଜେପି ହାତରେ ରହିଛି। ତେଣୁ ଏଥିରେ କାହାକୁ ଦୋଷ ନଦେଇ ଘଟଣାର ତୁରନ୍ତ ସମାଧାନ ନକଲେ ଅଣମୌସୁମୀ ସମୟରେ ଶୁଖିଲା ପଡୁଥିବା ମହାନଦୀ ଦିନେ ମରୁଭୂମି ପାଲଟିଯିବାର ଆଶଙ୍କା ରହିଛି। ଏଭଳି ଅନେକ ଆହ୍ୱାନର ମୁକାବିଲା କରିବା ମୋହନ ସରକାରଙ୍କୁ ସମସ୍ୟା ଦେଇ ଗତି କରେଇବାର ସମୟ ନେଇଆସିପାରେ। ମାତ୍ର ଏସବୁର ସମାଧାନ ଅସମ୍ଭବ ନୁହେଁ। ଭଲ କାମ କଲେ ହିଁ ରାଜ୍ୟରେ ବିକାଶ ହୋଇପାରିବ। ତେଣୁ ପ୍ରଚାରଧର୍ମୀ ଯୋଜନାରୁ ଦୂରେଇ ରହି ବାସ୍ତବ ଯୋଜନା କରିବାର ଆବଶ୍ୟକତା ରହିଛି। ପୂର୍ବ ସରକାର ସମୟରେ ଚାଲିଥିବା ଲାଞ୍ଚ କାରବାର ଉପରେ ଅଙ୍କୁଶ ଲଗାଇ ପ୍ରକୃତ ସ୍ୱଚ୍ଛ ଶାସନ ଦେବା ହେଉଛି ଜଣେ ସାଧୁ ମୁଖ୍ୟମନ୍ତ୍ରୀଙ୍କ ଧର୍ମ। ତେଣୁ ଶାସକ ଯେପର୍ଯ୍ୟନ୍ତ ନିର୍ମଳ ହୃଦୟ ଓ ନୀତିନିଷ୍ଠ ରହିବେ ସେତେବେଳେ ଲାଞ୍ଚୁଆ ଅଧିକାରୀ ଦୁର୍ନୀତି କରିବାକୁ ଡରିବେ। ରାଜ୍ୟରେ ଯେପର୍ଯ୍ୟନ୍ତ ଦୁର୍ନୀତି ଓ ଲାଞ୍ଚ କାରବାର ବନ୍ଦ ନହେବ ଏହା ପ୍ରଗତିର ପ୍ରତିରୋଧ ହୋଇଚାଲିଥିବ। ରାଜକୋଷ ଖାଲିହେଉଥିବ, କିନ୍ତୁ ଅସଲ ବିକାଶ ହୋଇପାରିବନି। ନିକଟରେ ଭିଜିଲାନ୍ସ ଧରିଥିବା ସୁକତେଲ ପ୍ରକଳ୍ପ ମୁଖ୍ୟଯନ୍ତ୍ରୀ କେତେ କୋଟିର ଦୁର୍ନୀତି କରିଥିଲେ ତାହାର ଆକଳନ ଦେଖିଲେ କିଛି ଅବୁଝା ରହିବନାହିଁ। ଏଭଳି ପ୍ରତ୍ୟେକ କାର୍ଯ୍ୟରେ ଦୁର୍ନୀତି ଚାଲିବ ପ୍ରକଳ୍ପର ମାନ କିଭଳି ହେଉଥିବ ତାହା ଅନୁମେୟ। ଏପଟେ ଯୋଜନା ଅର୍ଥ ହଡପ ଅନ୍ୟପଟେ ଲାଞ୍ଚ କାରବାର ବ୍ୟବସ୍ଥାକୁ କିଭଳି ଦୁର୍ବଳ କରୁଛି ତାହା ଭାବିଲେ ଆଶ୍ଚର୍ଯ୍ୟ ଲାଗୁଛି। ଯେଉଁ ସରକାରଙ୍କ ସମୟରେ ସମସ୍ତ ପ୍ରକାର ଅବ୍ୟବସ୍ଥା ଚାଲିଥିଲା ସେ ନିରବ ରହିବା ବଦଳରେ ନୂଆ ସରକାରଙ୍କୁ ବଦନାମ କରିବା ପାଇଁ ଚକ୍ରାନ୍ତ କରିବା ଦ୍ୱନ୍ଦ୍ୱ ସୃଷ୍ଟି କରୁଛି। ମହାନଦୀ ଜଳ ବିବାଦକୁ ନେଇ ମାମଲାର ସମାଧାନ ଏଯାଏ ହୋଇପାରିନାହିଁ। କେଉଁଥିପାଇଁ ଏ ବିବାଦ ଉପୁଜିଲା ଓ କାହିଁକି ଓଡ଼ିଶାର ଜୀବନ ରେଖା ମହାନଦୀ ଶୁଖିଲା ପଡିଲା ଓ ଏଥିପାଇଁ କେଉଁମାନେ ଦାୟୀ ତାଙ୍କ ଉପରେ ପୂର୍ବ ସରକାର କାହିଁକି କାର୍ଯ୍ୟାନୁଷ୍ଠାନ ନେଇନଥିଲେ ତାହା ମଧ୍ୟ ସନ୍ଦେହ ଘେରରେ। ସେହିଭଳି ପୋଲାଭରମକୁ ନେଇ ବିରୋଧୀ ବିଜେଡି ଦଳ ନିଜର ସ୍ୱର ବଦଳାଇ ସବୁ ଦୋଷ ମୋହନ ସରକାରଙ୍କର ବୋଲି କହିବା ହାସ୍ୟାସ୍ପଦ ମନେହୁଏ। ନିଜ ସମୟରେ ଯାହା କରିବା କଥା ତାହା କାହିଁକି କରିହେଲାନାହିଁ ତାହାର ତର୍ଜମା କରିବା ବଦଳରେ ଅନ୍ୟ ଉପରେ ଦୋଷାରୋପ କରିବା ଅତି ସହଜ କଥା। କଥାରେ ଅଛି ଗୋଦରୀଲୋ ନିଜ ଗୋଡକୁ ଅନା। ଠିକ୍ ସେହିପରି ବିଜେଡି ନିଜର କୁକର୍ମ ପାଇଁ ପଶ୍ଚାତାପ କରିବା ବଦଳରେ ପୁଣି କେମିତି ଶାସନ କ୍ଷମତାକୁ ଫେରିବେ ସେହି ଚିନ୍ତାରେ ଏବେଠାରୁ ନୂଆ ରଣନୀତି ବୋଧେ ପ୍ରସ୍ତୁତ କରୁଛନ୍ତି। ତାହା ଚର୍ଚ୍ଚାରେ ରହିବାକୁ ହେଉ କିମ୍ବା ବିରୋଧୀ ଦଳ ବୋଲି ବିରୋଧ କରିବା ଫର୍ମୁଲା ହେଉ। ପୁରୁଣା ରୋଗର ନିଦାନ ସହଜ ହୋଇନଥାଏ। ଏଥିପାଇଁ ଅଧିକ ସମୟ ଲାଗେ। ତେଣୁ ପୂର୍ବ ସରକାରର ପାପ ଧୋଇବାକୁ ମୋହନ ସରକାରଙ୍କୁ ନିଶ୍ଚୟ ସମୟ ଲାଗିବ।

ଯୋଗାଯୋଗ ଠିକଣା
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# 'ଓଡିଆକୁ ଅଡୁଆ'



ଗଜାନନ ମିଶ୍ର

ଓଡିଆଙ୍କ ଟଙ୍କା ଖାଇବା ବଢିଆ! ଧିକ୍ ଜୀବନ! ଏ ଯାଏ ରହିଛି ଯାହା ଏତେସବୁ ଦେଖିବାକୁ, ଶୁଣିବାକୁ।ଜଣା ପଡିଯାଉଛି ଏବେ, ଏ ସରକାର ବି କୁହନ୍ତି ଯେଡେ ନୁହନ୍ତି ସେଡେ! କି କଥା! କେଉଁଆଡେ ଗଲା ଓଡିଆ ଅସ୍ମିତା!

ଇଂରେଜି ଭାଷା ହେଉଛି ମାରକ ଭାଷା। ସମଗ୍ର ବିଶ୍ୱର କେତେ କେତେ ଭାଷାକୁ ମାରିଦେଇ ସାରିଲାଣି, ସରକାର ସ୍ମରଣ କରିବା କଥା। ଇଂରେଜି ଟିକିଏ ସ୍ଥାନ ପାଇଲା ଅର୍ଥ ବ୍ୟାପିଯିବ ଧାନ କିଆରୀର ସମନା ଲଟା ପରି, ଆଉ ଖାଇଯିବ ସବୁ, ମିଶେଇ ଦେବ ଅସ୍ତିତ୍ୱ ମୂଳରୁ। ସତର୍କ!

ସିଧା କଥା ହେଉଛି- ଭାରତୀୟ ସମ୍ବିଧାନରେ ଅଷ୍ଟମ ସୂଚୀରେ ଇଂରେଜିକୁ ସ୍ଥାନୀତ କରାଯାଇ ନାହିଁ। ଧାରା ୩୪୩ କହୁଛି ସମ୍ବିଧାନ ଲାଗୁ ହେବାର ପନ୍ଦର ବର୍ଷ ଯାଏ ଇଂରେଜି ରହିବ। ପୁନଶ୍ଚ ଓଡିଶା ସରକାରୀ ଭାଷା ଆଇନ ୧୯୫୪ ସ୍ପଷ୍ଟ କହୁଛି 'ସବୁ ବା ଯେ କୌଣସି ଉଦ୍ଦେଶ୍ୟରେ ଓଡିଆ ଭାଷା ବ୍ୟବହାର କରାଯିବ।' ସୁତରାଂ ସରକାର ସ୍ୱୟଂ ହେଲେ ବି ଇଂରେଜି ବ୍ୟବହାର ପାଇଁ ଅନୁମତି ଦେଇ ପାରିବେ ନାହିଁ। ଏମିତି ହେଲେ ଅସାମ୍ବିଧାନିକ, ବେଆଇନ ଓ ଲୋକ ବିରୋଧୀ ହେବ। ସରକାର ଗଠନ କରିବା ପୂର୍ବରୁ ଭାରତୀୟ ଜନତା ଦଳ ଓଡିଆ ଭାଷାକୁ ବ୍ୟବହାର କରାଯିବ ବୋଲି ପ୍ରତିଶ୍ରୁତି ଦେଇ ଲୋକଙ୍କ ଭୋଟ ପାଇଥିଲା। ଏବେ ବିରୋଧାଭାସ କାହିଁକି ? ସାହସ ଓ ପ୍ରତିଶ୍ରୁତି କେଉଁଆଡେ ଗଲା ?

ଅଧସ୍ତନ ଅଦାଲତର ଭାଷା ଓଡିଆ ବୋଲି ୧୯୭୨ରୁ ବିଜ୍ଞପ୍ତି ବାହାରି ସାରିଛି। ୨୦୦୭ରୁ ମାନ୍ୟବର ଉଚ୍ଚନ୍ୟାୟାଳୟ କଟକର ଆଦେଶ ଅଛି ଓଡିଆରେ ନକଲ ଯୋଗାଇଦେବାକୁ। ଏ ଯାଏ ହେଲା ନାହିଁ। ଏପରିକି ସ୍ନାତକ ସ୍ତରରେ ଆଇନ ପାଠ ବି ଓଡିଆରେ ପଢା ହେଉ ନାହିଁ। ଏ ଲେଖକ ନିଜେ ୨୦୧୫ ମସିହାର ଏପ୍ରିଲ ପହିଲା ଓ ଜୁଲାଇ ୧ରୁ ୮ ଯାଏ ଲୋକଭବନ ସାମ୍ନାରେ ଲୟର ପିଏମ୍‌ଜିରେ ଅନଶନରେ ବସିଥିଲେ। ସାରା ରାଜ୍ୟରେ ଚହଳ ପଡିଥିଲା। ସେତେବେଳର ଆଇନ ମନ୍ତ୍ରୀ ଆସି ଭୁଲ ହେଉଛି ବୋଲି ସ୍ୱୀକାର କରିଥିଲେ। ଭାଷା ଆଇନ ସଂଶୋଧିତ ହେଲା। ତଥାପି କିଛି ପରିବର୍ତ୍ତନ ହୋଇ ପାରିଲା ନାହିଁ। ଧନ୍ୟ କହିବା କାହାକୁ! ଓଡିଆ ଭାଷା ବୋଧେ ଜୀବନ ବଳି ମାଗୁଛି, ଯଦି ଏୟା, ଏ ଲେଖକ ପ୍ରସ୍ତୁତ ନିଜକୁ ଉତ୍ସର୍ଗ କରିଦେବାକୁ। କଥାରେ ନୁହେଁ, କାର୍ଯ୍ୟରେ ଏ ଲେଖକ ବିଶ୍ୱାସ କରନ୍ତି। ଏ ସରକାର ଜାଣି ରଖିବା ହୁଅନ୍ତୁ। ଭୁଆଁ ବୁଲେଇ ପାରିବେ ନାହିଁ କେହି କାହାକୁ ସବୁଦିନ। ଧୈର୍ଯ୍ୟର ପରୀକ୍ଷା ଆଉ କେତେ ଦେବାକୁ ହେବ କେଜାଣି! ୧୯୩୬ରେ ଭାଷାକୁ ନେଇ ଓଡିଶା ଗଠିତ ହୋଇଥିଲା, ୧୯୪୭ରେ ଇଂରେଜମାନେ ଭାରତଛାଡି ପଳେଇଲେ। ଜାତିରପିତା ମହାତ୍ମା ଗାନ୍ଧୀ କହିଲେ, ହିନ୍ଦୁସ୍ତାନର ଭାଷାରେ ଏଥର ସବୁ କାର୍ଯ୍ୟ ଚାଲିବ। ଏ ଯାଏ କାହିଁକି ହେଉ ନାହିଁ। ମାତୃଭୂମି ମାତୃଭାଷାର ମମତା କେଉଁଠି ରହିଲା ? ଏମିତି ଭୂଇଁରେ କେମିତି ଜିଇଁ ରହିହେବ ? ଆମ ସରକାର ଆମ ଭାଷାରେ ଆଉ କେବେ କରିବେ କାମ!

ମାଲିକ ମାନୁଛି ଚାକିରିଆଙ୍କ ପରାମର୍ଶ। ଲୋକେ ରହୁଛନ୍ତି ଅନ୍ଧାରରେ। ଅନ୍ଧ ରାଜ୍ୟ, ଅନ୍ଧ ଦେଶ, ସବୁ ସର୍ବନାଶ! ରକ୍ଷା କରି ପାରିବେ ପୀତବାସ! ଦେଖାଯାଉ କାହା ଅକ୍ତିଆରରେ ଆମ ଆକାଶ! ଲୋକତନ୍ତ୍ରରେ ଲୋକଙ୍କ ପାଖରେ ସାର୍ବଭୌମ କ୍ଷମତା। ଆଜି ନ ହେଲେ ବି ଆସନ୍ତାକାଲି କେହି ଜଣେ ନିଶ୍ଚୟ କରିବ ମାଟିର ଭାଷାରେ ସବୁ କାର୍ଯ୍ୟ। ସରକାର ବୁଝନ୍ତୁ ବୁଝି ଯାଆନ୍ତୁ ଶୀଘ୍ର। ତୋ ବାକ୍ୟ ତୁହି ରକ୍ଷାକର!

*ତପୋବନ, ଟିଟିଲାଗଡ*

# ସାମ୍ପ୍ରଦାୟିକତା ପ୍ରାକୃତିକ ନୁହେଁ, ମନୁଷ୍ୟକୃତ !



ଅସିତ ମହାନ୍ତି

ସାମ୍ପ୍ରଦାୟିକତା ହେଉଛି ଏକ ବିଚାରଧାରା ଯାହା ଅନୁଯାୟୀ ଏକ ସମାଜ ବିଭିନ୍ନ ଧାର୍ମିକ ସମ୍ପ୍ରଦାୟରେ ଭିନ୍ନ ସ୍ୱାର୍ଥ ସହିତ ବିଭାଜିତ ହୋଇଥାଏ। ସାମ୍ପ୍ରଦାୟିକତାର ଅର୍ଥ ହେଉଛି ସଂକୀର୍ଣ୍ଣ ମନୋଭାବ ଯାହା ଧର୍ମ ଏବଂ ସମ୍ପ୍ରଦାୟର ନାମରେ କେବଳ ନିଜର ବ୍ୟକ୍ତିଗତ ଧର୍ମର ସ୍ୱାର୍ଥକୁ ସମଗ୍ର ସମାଜ ତଥା ଜାତିର ବ୍ୟାପକ ସ୍ୱାର୍ଥ ବିରୁଦ୍ଧରେ ପ୍ରୋତ୍ସାହିତ ତଥା ସୁରକ୍ଷା କରିବାର ଭାବନାକୁ ଗୁରୁତ୍ୱ ଦେଇଥାଏ। ଗୋଟିଏ ସମ୍ପ୍ରଦାୟର କିମ୍ବା ଧର୍ମର ଅନ୍ୟ ସମ୍ପ୍ରଦାୟ କିମ୍ବା ଧର୍ମ ବିରୁଦ୍ଧରେ ଦେଖାଯାଇଥିବା ଶତ୍ରୁତା ସାମ୍ପ୍ରଦାୟିକତା ଭାବରେ ପ୍ରକାଶ କରାଯାଇଥାଏ। ଏହା ଏକ ଆଦର୍ଶକୁ ପ୍ରତିପାଦିତ କରେ ଯେଉଁଥିରେ ସାମ୍ପ୍ରଦାୟିକତା ଆଧାରରେ ରାଜନୈତିକ ସ୍ୱାର୍ଥ ପରିବେଷଣ କରାଯାଏ ଏବଂ ସାମ୍ପ୍ରଦାୟିକ ଭାବନାର ଏକ ବିଶେଷ ଫଳାଫଳ ଭାବରେ ସାମ୍ପ୍ରଦାୟିକ ହିଂସା ଘଟଣା ଘଟେ। ପ୍ରଥମେ ଆମକୁ ବୁଝିବାକୁ ହେବ ଯେ ସାମ୍ପ୍ରଦାୟିକତା ସ୍ୱାଭାବିକ ନୁହେଁ। ଏହା ପ୍ରକୃତରେ ମନୁଷ୍ୟକୃତ, କାରଣ ଏହା ମନୁଷ୍ୟ ଦ୍ୱାରା ନିର୍ମିତ, ତେଣୁ ଏହି ରୋଗ ଦୂର ହୋଇପାରିବ। ଆମେ ଆଗକୁ ବଢିବା ପୂର୍ବରୁ ଆମକୁ ବୁଝିବାକୁ ପଡିବ ଯେ ଭାରତରେ ସାମ୍ପ୍ରଦାୟିକତା କିପରି ବିକଶିତ ହେଲା ?

ନିଶ୍ଚିତ ଭାବରେ ପ୍ରାଚୀନ କାଳରେ ସମାଜକୁ ବିଭିନ୍ନ ଶ୍ରେଣୀ ଏବଂ ଧର୍ମରେ ବିଭକ୍ତ କରାଯାଇଥିଲା, ଏହା ସତ୍ତ୍ୱେ ଆମେ ଭାରତୀୟ ସମାଜରେ ସାମ୍ପ୍ରଦାୟିକତା ଉପରେ ଆଧାରିତ ହିଂସା ବିଷୟରେ କୌଣସି ସୂଚନା ପାଇନାହୁଁ। ମୌର୍ଯ୍ୟ କାଳରେ ମଧ୍ୟ ଅଶୋକାଙ୍କ ଲେଖାରେ ଧାର୍ମିକତା ଏବଂ ସହନଶୀଳତା ସମ୍ବନ୍ଧୀୟ ସୂଚନା ମିଳିଥାଏ, ଯେଉଁଥିରେ ତାଙ୍କର ଧାମ ନୀତିର ଆଲୋଚନା ବିଶେଷ ଉଲ୍ଲେଖନୀୟ। ଷୋଡଶ ଶତାବ୍ଦୀରେ ମୋଗଲ ସମ୍ରାଟ ଆକବରଙ୍କ ଦ୍ୱାରା ସୁଲହ-ଏ-କୁଲ କାର୍ଯ୍ୟକାରୀ କରାଯାଇଥିଲା। ଏହାର ଅର୍ଥ ହେଉଛି 'ସମସ୍ତଙ୍କ ପାଇଁ ଶାନ୍ତି' ବା 'ସମ୍ପୂର୍ଣ୍ଣ ଶାନ୍ତି'। ଆକବର ଏହି ନୀତି ମାଧ୍ୟମରେ ତାଙ୍କ ରାଜ୍ୟର ବିଭିନ୍ନ ସମ୍ପ୍ରଦାୟକୁ ଏକଜୁଟ କରିବାକୁ ଚେଷ୍ଟା କରିଥିଲେ। ସୁଲହ-ଏ-କୁଲର ଉଦ୍ଦେଶ୍ୟ ଥିଲା ଯେ ସମସ୍ତ ଧର୍ମର ଲୋକମାନେ ପରସ୍ପର ସହ ସୁସମ୍ପର୍କରେ ବଞ୍ଚିବା ଉଚିତ ଏବଂ ସେମାନଙ୍କ ମଧ୍ୟରେ କୌଣସି ଭେଦଭାବ ରହିବା ଉଚିତ ନୁହେଁ। ଏହି ନୀତି ଅନୁଯାୟୀ ସମସ୍ତ ଧର୍ମକୁ ଅଭିବ୍ୟକ୍ତିର ସ୍ୱାଧୀନତା ଦିଆଯାଇଥିଲା, କିନ୍ତୁ ଏହା ମଧ୍ୟ କୁହାଯାଇଥିଲା ଯେ କୌଣସି ଧର୍ମ ରାଜ୍ୟର ଅଧିକାରକୁ ଦୁର୍ବଳ କରିବ ନାହିଁ କିମ୍ବା ଅନ୍ୟ କୌଣସି ଧର୍ମ ସହିତ ଯୁଦ୍ଧ କରିବ ନାହିଁ। ଧାର୍ମିକ ସହନଶୀଳତା ଏବଂ ସାଂସ୍କୃତିକ ଆସ୍ମିଲେସନ ସୁଲହ-ଏ-କୁଲ ନୀତି ମାଧ୍ୟମରେ ପ୍ରଚାର କରାଯାଇଥିଲା। ଏହି ନୀତି ଅନୁଯାୟୀ, ସମସ୍ତ ଧର୍ମର ଭଲ ଜିନିଷ ଗ୍ରହଣ କରି ଦିନ୍-ଏ -ଇଲାହିର ନାମକ ଏକ ନୂତନ ଧର୍ମ ମଧ୍ୟ ସୃଷ୍ଟି ହୋଇଥିଲା। ଏକ ପ୍ରକାରେ, ଆକବର ଭାରତର ସମସ୍ତ ଧର୍ମ ପାଇଁ ସମାନତା ନୀତିର ମୂଳଦୁଆ ପକାଇଥିଲେ।

ଯଦିଓ ଆଉରଙ୍ଗଜେବଙ୍କ ଦ୍ୱାରା କିଛି କାର୍ଯ୍ୟ କରାଯାଇଥିଲା ଯାହା ଧାର୍ମିକ ଦୃଷ୍ଟିକୋଣରୁ ଅସହିଷ୍ଣୁ ବୋଲି କୁହାଯାଇପାରେ ଯେପରିକି ମନ୍ଦିର ଭାଙ୍ଗିବା, ବାଧ୍ୟତାମୂଳକ ରୂପାନ୍ତର, ଶିଖ ଗୁରୁଙ୍କ ହତ୍ୟା ଇତ୍ୟାଦି କିନ୍ତୁ ଏହି ସବୁ ଘଟଣା ସାଧାରଣତଃ ହୋଇନଥିଲା ବରଂ ଏହା ବ୍ୟତିକ୍ରମପୂର୍ଣ୍ଣ ଥିଲା। ଉଭୟ ହିନ୍ଦୁ ଏବଂ ମୁସଲମାନ ସେମାନଙ୍କର ଆର୍ଥିକ ସ୍ୱାର୍ଥ ବାଣ୍ଟିଥିଲେ ଏବଂ ଉଭୟ ଶାନ୍ତିପୂର୍ଣ୍ଣ ସହଭାଗିତା ଉପରେ ବିଶ୍ୱାସ କରୁଥିଲେ। ଭାରତରେ ସାମ୍ପ୍ରତିକ ସାମ୍ପ୍ରଦାୟିକତାର ମୂଳ ବ୍ରିଟିଶମାନଙ୍କ ଆଗମନ ସହିତ ଭାରତୀୟ ସମାଜରେ ପ୍ରତିଷ୍ଠିତ ହୋଇଥିଲା। ଉପନିବେଶବାଦର ପ୍ରଭାବ ଏବଂ ଏହା ବିରୋଧରେ ସଂଗ୍ରାମର ଆବଶ୍ୟକତା'ର ପ୍ରତିଫଳନ ଥିଲା। ୧୮୫୭ର ବିଦ୍ରୋହ ସମୟରେ(୧୮୫୭ ର ବିଦ୍ରୋହ, ଯାହାକୁ ଭାରତୀୟ ବିଦ୍ରୋହ ବା ଭାରତୀୟ ସ୍ୱାଧୀନତାର ପ୍ରଥମ ଯୁଦ୍ଧ ମଧ୍ୟ କୁହାଯାଏ, ଏହା ଭାରତ ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ଥିଲା। ଏହା ମେ ୧୦, ୧୮୫୭ ରେ ମେରଠ ସହରରେ ବ୍ରିଟିଶ ଇଷ୍ଟ ଇଣ୍ଡିଆ କମ୍ପାନୀର ସିପାହୀ (ଭାରତୀୟ ସୈନିକ)ଙ୍କ ବିଦ୍ରୋହ ଭାବରେ ଆରମ୍ଭ ହୋଇଥିଲା ଏବଂ ଖୁବ୍ ଶୀଘ୍ର ଏହା ଭାରତର ଅନ୍ୟାନ୍ୟ ସ୍ଥାନକୁ ବ୍ୟାପି ଯାଇଥିଲା) ହିନ୍ଦୁ ଏବଂ ମୁସଲମାନମାନେ ଏକଜୁଟ ହୋଇଥିଲେ, କିନ୍ତୁ ଏହା ପରେ ପରିସ୍ଥିତି ବଦଳିଗଲା ଏବଂ ବ୍ରିଟିଶମାନେ 'ବିଭାଜନ ଏବଂ ନିୟମ' ନୀତି ମାଧ୍ୟମରେ ଭାରତରେ ସେମାନଙ୍କର ସ୍ୱାର୍ଥ ପୂରଣ କଲେ। ଏଥିପାଇଁ ସମୟ ସମୟରେ ତାଙ୍କ ଦ୍ୱାରା 'ସାମ୍ପ୍ରଦାୟିକ କାର୍ଡ' ବ୍ୟବହାର କରାଯାଉଥିଲା। ବାସ୍ତବରେ ୧୮୫୭ ର ବିଦ୍ରୋହ ଏପରି ଥିଲା, ଯାହାକୁ ଦେଖି ଇଂରେଜମାନେ ଭୟଭୀତ ହୋଇଥିଲେ ଏବଂ ହୃଦୟଙ୍ଗମ କରିଥିଲେ ଯେ, ଭାରତୀୟ ମାନଙ୍କ ଏହି ଏକତା ଯଦି ଚିରସ୍ଥାୟୀ ହୁଏ ତେବେ ସେମାନଙ୍କୁ ଶାସନ କରିବା କଷ୍ଟକର। ତେଣୁ ସେମାନେ 'ଫୁଟ ଡାଲୋ ଔର ରାଜ କରୋ'ର ଶୁତ୍ର ବାହାରକଲେ। ସେମାନଙ୍କୁ ଜଣାଥିଲା ଯେ ଭାରତ ଏକ ଦେଶ ଯାହା ବିବିଧତାରେ ପରିପୂର୍ଣ୍ଣ। ଏଠାରେ ସବୁ ଧର୍ମ ଏବଂ ଜାତି ମିଳିମିଶି ରହୁଛନ୍ତି। ତେଣୁ ଯଦି ଧର୍ମ ଏବଂ ଜାତିକୁ ନେଇ ଏଠାରେ ବିଭେଦ ସୃଷ୍ଟି କରାଯାଏ ତେବେ ଏମାନଙ୍କୁ ଶାସନ କରିବାରେ କୌଣସି ଅସୁବିଧା ହେବ ନାହିଁ। ସେଥିପାଇଁ ସେମାନେ ହିନ୍ଦୁ ଏବଂ ମୁସଲିମ ମାନଙ୍କୁ ସମ୍ପ୍ରଦାୟିକତା ର ପରିବେଶ ସୃଷ୍ଟି କରିବା ପାଇଁ ବ୍ୟବହାର କରୁଥିଲେ। ଏତିକି ନୁହେଁ ସେମାନେ କିଛି ଲୋକଙ୍କୁ ଭଡାରେ ଆଣି ଏପ୍ରକାର କାର୍ଯ୍ୟରେ ନିୟୋଜିତ କରୁଥିଲେ। ଅବଶ୍ୟ, ୧୯୦୫ ରେ ବଙ୍ଗଳା ବିଭାଜନ ହେବାର କାରଣ ପ୍ରଶାସନିକ ଅସୁବିଧା ବୋଲି କୁହାଯାଉଥିଲା କିନ୍ତୁ ଏହା କେବଳ ସାମ୍ପ୍ରଦାୟିକତା ଆଧାରରେ ସମ୍ପନ୍ନ ହୋଇଥିଲା। ୧୯୦୬ ମସିହାରେ ହିନ୍ଦୁ-ମୁସଲମାନ ସାମ୍ପ୍ରଦାୟିକତା ଆଧାରରେ ମୁସଲିମ୍ ଲିଗ୍ ପ୍ରତିଷ୍ଠା କରାଯାଇଥିଲା। ୧୯୦୯ ର ମର୍ଲି-ମିଣ୍ଟୋ ସଂସ୍କାର / ଭାରତ ସରକାର ଅଧିନିୟମ, ଯାହା ମୁସଲମାନ ଶ୍ରେଣୀ ପାଇଁ ପୃଥକ ଚୟନକର୍ତ୍ତାଙ୍କ ବିଷୟରେ କଥାବାର୍ତ୍ତା ହୋଇଥିଲା, କେବଳ ହିନ୍ଦୁ-ମୁସଲମାନ ଏକତାକୁ ଦୁର୍ବଳ କରିବା ଏବଂ ଦୁଇ ଶ୍ରେଣୀ ମଧ୍ୟରେ ବିବାଦର ପରିସ୍ଥିତି ସୃଷ୍ଟି କରିବା ପାଇଁ ଅଣାଯାଇଥିଲା। ୧୯୩୨ ମସିହାରେ, ବିଭିନ୍ନ ସମ୍ପ୍ରଦାୟକୁ ସନ୍ତୁଷ୍ଟ କରିବା ପାଇଁ 'ସାମ୍ପ୍ରଦାୟିକ ପୁରସ୍କାର' ଘୋଷଣା କରାଯାଇଥିଲା। ଏହା ସାମ୍ପ୍ରଦାୟିକ ରାଜନୀତିରେ ଅଧିକ ଉତ୍ସାହ ଦେଇଥିଲା। ୧୯୪୦ ର ଲାହୋର ଅଧିବେଶନରେ ପାକିସ୍ତାନର ଏକ ମୁସଲମାନ ସଂଖ୍ୟାଲଘୁ ଅଞ୍ଚଳର ଚାହିଦା ସାମ୍ପ୍ରଦାୟିକତାର ଆତ୍ମା ଦ୍ୱାରା ଅନୁପ୍ରାଣିତ ହୋଇଥିଲା। ୧୯୪୭ ମସିହାରେ ଭାରତ ବିଭାଜିତ ହୋଇଥିଲା। ଯଦିଓ ଏହି ବିଭାଜନ ସ୍ୱାଧୀନତା ପରେ ଘଟିଥିଲା, ଯେତେବେଳେ ସାମାଜିକ ଏବଂ ରାଜନୈତିକ କାରଣଗୁଡ଼ିକ ଏହାର ଆଧାର ପ୍ରସ୍ତୁତି ପାଇଁ ମୁଖ୍ୟତଃ ଦାୟୀ, ସାମ୍ପ୍ରଦାୟିକ କାରଣଗୁଡ଼ିକ ମଧ୍ୟ ସମାନ୍ତରାଳ ଭାବେ ଉପସ୍ଥିତ ଥିଲା। ସାମ୍ପ୍ରଦାୟିକତା ଉପରେ ଆଧାରିତ ରାଜନୀତିର ଏହି କ୍ରମ ଏଠାରେ ବନ୍ଦ ହୋଇନାହିଁ କିନ୍ତୁ ସ୍ୱାଧୀନତା ପରେ ମଧ୍ୟ ଭାରତୀୟ ସମାଜ ତଥା ରାଜନୀତିରେ ଉପସ୍ଥିତ ଅଛି। ସାମ୍ପ୍ରଦାୟିକତାର କାରଣ: ବର୍ତ୍ତମାନ ପରିସ୍ଥିତିରେ, ସାମ୍ପ୍ରଦାୟିକତାର ଉତ୍ପତ୍ତି ପାଇଁ କୌଣସି ଗୋଟିଏ କାରଣ ସମ୍ପୂର୍ଣ୍ଣ ଦାୟୀ ହୋଇପାରିବ ନାହିଁ, ବରଂ ଏହା ବିଭିନ୍ନ କାରଣର ମିଶ୍ରିତ ରୂପରେ ପରିଣତ ହୋଇଛି। ସାମ୍ପ୍ରଦାୟିକତା ପାଇଁ ଦାୟୀ କେତେକ ଗୁରୁତ୍ୱପୂର୍ଣ୍ଣ କାରଣଗୁଡ଼ିକ ହେଉଛି - ରାଜନୈତିକ କାରଣ: ବର୍ତ୍ତମାନ, ବିଭିନ୍ନ ରାଜନୈତିକ ଦଳ ସେମାନଙ୍କର କାରଣ: ବର୍ତ୍ତମାନ, ବିଭିନ୍ନ ରାଜନୈତିକ ଦଳ ଲାଭ ହାସଲ କରିବା ପାଇଁ ସାମ୍ପ୍ରଦାୟିକତାକୁ ଗ୍ରହଣ କରନ୍ତି। ଏକ ପ୍ରକ୍ରିୟା ଭାବରେ ରାଜନୀତିର ସାମ୍ପ୍ରଦାୟିକତା ଭାରତରେ ସାମ୍ପ୍ରଦାୟିକତାକୁ ପ୍ରୋତ୍ସାହିତ କରିବା ସହିତ ଦେଶରେ ସାମ୍ପ୍ରଦାୟିକ ହିଂସାକୁ ବଢ଼ିଥାଏ। ଏ ବିଷୟରେ ସମସ୍ତେ ଜାଣନ୍ତି ଯେ, ଭାରତର ନିର୍ବାଚନ ଆର୍ଥିକ ପ୍ରଶ୍ନକୁ ନଉଠାଇ, ଜାତି ଏବଂ ଧର୍ମ ଆଧାରରେ ହୋଇଥାଏ। ତେଣୁ ରାଜନୀତିକ ଦଳ ପାଇଁ ଏହାଠାରୁ ସୁବିଧା ଆଉ କଣ ହୋଇପାରେ। ଅର୍ଥନୈତିକ କାରଣ: ବିକାଶର ଅସମାନ ସ୍ତର, ଶ୍ରେଣୀ ବିଭାଜନ, ଦାରିଦ୍ର ଏବଂ ବେକାରୀ ଇତ୍ୟାଦି କାରଣ ସାଧାରଣ ଲୋକଙ୍କ ମଧ୍ୟରେ ଅସୁରକ୍ଷିତତାର ଭାବନା ସୃଷ୍ଟି କରେ। ଅସୁରକ୍ଷିତତାର ଅନୁଭବ ଯୋଗୁଁ, ସରକାରଙ୍କ ଉପରେ ଲୋକଙ୍କ ବିଶ୍ୱାସ କମିଯାଏ ଏବଂ ପରିଣାମ ସ୍ୱରୂପ, ଲୋକମାନେ ସେମାନଙ୍କର ଆବଶ୍ୟକତା / ଆଗ୍ରହ ପୂରଣ କରିବା ପାଇଁ ସାମ୍ପ୍ରଦାୟିକ ଧାଡ଼ିରେ ଗଠିତ ବିଭିନ୍ନ ରାଜ ନୈତିକ ଦଳକୁ ଆବେଦନ କରନ୍ତି। ପ୍ରଶାସନିକ କାରଣ: ପୋଲିସ ଏବଂ ଅନ୍ୟାନ୍ୟ ପ୍ରଶାସନିକ ୟୁନିଟ୍ ମଧ୍ୟରେ ସମନ୍ୱୟର ଅଭାବ। ବେଳେବେଳେ, ପୋଲିସ୍ କର୍ମଚାରୀଙ୍କ ସଠିକ୍ ତାଲିମର ଅଭାବ, ସାମ୍ପ୍ରଦାୟିକ ହିଂସାକୁ ପ୍ରୋତ୍ସାହିତ କରୁଥିବା କାରଣ ମଧ୍ୟରେ ସମ୍ମିଳିତ ହୋଇଥାଏ। ମନସ୍ତାତ୍ତ୍ୱିକ କାରଣ: ଦୁଇ ସମ୍ପ୍ରଦାୟ ମଧ୍ୟରେ ବିଶ୍ୱାସ ଏବଂ ପାରସ୍ପରିକ ବୁଝା ମଣାର ଅଭାବ କିମ୍ବା ଗୋଟିଏ ସମ୍ପ୍ରଦାୟର ଅନ୍ୟ ସମ୍ପ୍ରଦାୟର ସଦସ୍ୟଙ୍କ ଉପରେ ଅତ୍ୟାଚାର ଇତ୍ୟାଦି ସେମାନଙ୍କ ମଧ୍ୟରେ ଭୟ, ସନ୍ଦେହ ଏବଂ ବିପଦର ଭାବନା ସୃଷ୍ଟି କରେ। ଏହି ମାନସିକ ଭୟ ଯୋଗୁଁ, ବିବାଦ, ପରସ୍ପର ପ୍ରତି ଘୃଣା, କ୍ରୋଧ ଏବଂ ଭୟ ସୃଷ୍ଟି ହୁଏ। ମିଡିଆ ସମ୍ବନ୍ଧୀୟ କାରଣ: ମିଡିଆ ପ୍ରାୟତଃ ସମ୍ବେଦନଶୀଳ ଅଭିଯୋଗ କରେ ଏବଂ ଖବର ଭାବରେ ଗୁଜବ ପ୍ରଚାର କରେ। ଏହା ବେଳେବେଳେ ପ୍ରତିଦ୍ୱନ୍ଦ୍ୱୀ ଧାର୍ମିକ ଗୋଷ୍ଠୀ ମଧ୍ୟରେ ତିକ୍ତତା ଏବଂ ଦଙ୍ଗା ସୃଷ୍ଟି କରିଥାଏ। ଏଥି ସହିତ ଦେଶର ଯେକୌଣସି ଅଞ୍ଚଳରେ ସାମ୍ପ୍ରଦାୟିକ ଉତ୍ତେଜନା କିମ୍ବା ଦଙ୍ଗା ସହ ବାର୍ତ୍ତା ବିସ୍ତାର କରିବାକୁ ସୋସିଆଲ ମିଡିଆ ମଧ୍ୟ ଏକ ଶକ୍ତିଶାଳୀ ମାଧ୍ୟମ ପାଲଟିଛି। ଦେଶରେ ସାମ୍ପ୍ରଦାୟିକତା ସହ ଜଡିତ କେତେକ ପ୍ରମୁଖ ଘଟଣା: ବିଭିନ୍ନ ସାମାଜିକ, ରାଜନୈତିକ , ଅର୍ଥନୈତିକ ଏବଂ ପ୍ରଶାସନିକ କାରଣଗୁଡିକ ଭାରତରେ ସାମ୍ପ୍ରଦାୟିକ ହିଂସା ପରିସ୍ଥିତି ସୃଷ୍ଟି ଏବଂ ଉତ୍ସାହିତ କରିବା ପାଇଁ ସାମୂହିକ ଭାବରେ ଦାୟୀ। ଏହି ସାମୂହିକ କାରଣଗୁଡିକର ଫଳାଫଳକୁ ଆମେ ସମୟ ସମୟରେ ସାମ୍ପ୍ରଦାୟିକ ହିଂସା ଆକାରରେ ଦେଖୁ। ଦେଶରେ ସାମ୍ପ୍ରଦାୟିକ ହିଂସା ସହ ଜଡିତ କିଛି ଘଟଣା ହେଉଛି - ୧୯୪୭ ରେ ଭାରତର ବିଭାଜନ, ୧୯୮୪ ରେ ଶିଖ ବିରୋଧୀ ଦଙ୍ଗା, ୧୯୮୯ ରେ କାଶ୍ମୀରୀ ପଣ୍ଡିତଙ୍କୁ ଉପତ୍ୟକାରୁ ବହିଷ୍କାର, ୧୯୯୨ ରେ ବାବ୍ରି ମସଜିଦ ବିବାଦ, ୨୦୦୨ ରେ ଗୁଜୁରାଟରେ ଦଙ୍ଗା, ୨୦୧୩ ରେ ମୁଜାଫରପୁରରେ ଦଙ୍ଗା ଇତ୍ୟାଦି। ସାମ୍ପ୍ରଦାୟିକତାର ପରିଣାମ: ଦେଶରେ ବାରମ୍ବାର ସାମ୍ପ୍ରଦାୟିକ ହିଂସା ଧର୍ମନିରପେକ୍ଷତା ଏବଂ ଧାର୍ମିକ ସହନଶୀଳତାକୁ ପ୍ରୋତ୍ସାହିତ କରୁଥିବା ସାମ୍ବିଧାନିକ ମୂଲ୍ୟବୋଧ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସାମ୍ପ୍ରଦାୟିକ ହିଂସାର ଶିକାର ହୋଇଥିବା ପରିବାରମାନେ ଅଧିକ କ୍ଷତିଗ୍ରସ୍ତ ହୁଅନ୍ତି, ଘର, ପ୍ରିୟଜନ ଏବଂ ଏପରିକି ସେମାନଙ୍କର ଜୀବିକା ନିର୍ବାହର ସାଧନାରୁ ବଂଚିତ ହୋଇଥାନ୍ତି। ସାମ୍ପ୍ରଦାୟିକତା ସମାଜକୁ ସାମ୍ପ୍ରଦାୟିକ ଆଧାରରେ ବିଭକ୍ତ କରେ। ସାମ୍ପ୍ରଦାୟିକ ହିଂସା ମାମଲାରେ ସଂଖ୍ୟାଲଘୁ ସମ୍ପ୍ରଦାୟକୁ ସମାଜରେ ସନ୍ଦେହ ଦେଖାଯାଏ ଏବଂ ଏହା ଦେଶର ଏକତା ତଥା ଅଖଣ୍ଡତା ପ୍ରତି ବିପଦ ସୃଷ୍ଟି କରେ। ସାମ୍ପ୍ରଦାୟିକତା ମଧ୍ୟ ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ପାଇଁ ଏକ ଚ୍ୟାଲେଞ୍ଜ ଉପସ୍ଥାପନ କରେ, କାରଣ ସାମ୍ପ୍ରଦାୟିକ ହିଂସାର ପ୍ରବର୍ତ୍ତକ ଏବଂ ଏହାର ଶିକାର ହୋଇଥିବା ଦୁଇ ପକ୍ଷର ବ୍ୟକ୍ତିମାନେ ଦେଶର ନାଗରିକଙ୍କୁ ଅନ୍ତର୍ଭୁକ୍ତ କରନ୍ତି। ସମାଧାନ: ଶାନ୍ତି, ଅହିଂସା, ଦୟା, ଧର୍ମନିରପେକ୍ଷତା ଏବଂ ମାନବବାଦ ତଥା ବୈଜ୍ଞାନିକତା ଏବଂ ଯୁକ୍ତିଯୁକ୍ତତା, ମୂଲ୍ୟବୋଧ ଉପରେ ଆଧାର କରି ବିଦ୍ୟାଳୟ ଏବଂ କଲେଜ / ବିଶ୍ୱବିଦ୍ୟାଳୟରେ ପିଲାମାନଙ୍କୁ ଅନ୍ତର୍ଭୁକ୍ତ କରିବା ଉପରେ ଧ୍ୟାନ ଦେବା ଏବଂ ମୂଲ୍ୟବୋଧ ଭିତ୍ତିକ ଆଧାରିତ ଶିକ୍ଷା ଉପରେ ଗୁରୁତ୍ୱାରୋପ କରିବାର ଆବଶ୍ୟକତା ଅଛି ଯାହା ସାମ୍ପ୍ରଦାୟିକ ଭାବନାକୁ ରୋକିବାରେ ଗୁରୁତ୍ୱପୂର୍ଣ୍ଣ ପ୍ରମାଣିତ ହୋଇପାରେ। ଏକ ମହତ୍ୱପୂର୍ଣ୍ଣ ବିଷୟ ହେଉଛି ଶିକ୍ଷା ମାଧ୍ୟମରେ ସମ୍ପ୍ରଦାୟିକତା କିପରି ମନୁଷ୍ୟକୃତ - ପ୍ରାକୃତିକ ନୁହେଁ, ଏବିଷୟରେ ଐତିହାସିକ ତଥ୍ୟକୁ ତୋଳିଧରିବା ଉଚିତ। ଏଥିସହ ଶିକ୍ଷା ଏବଂ ଯୁବକମାନଙ୍କ ବେକାରୀ ସମସ୍ୟାକୁ କୌଣସି ଭେଦଭାବ ନକରି ଦୂର କରିବାର ଆବଶ୍ୟକତା ରହିଛି ଯାହା ଦ୍ୱାରା ଏକ ଆଦର୍ଶ ସମାଜ ପ୍ରତିଷ୍ଠା ହୋଇପାରିବ। ଶେଷରେ ସମାଜରେ ଏକ ସାଂସ୍କୃତିକ ପରିବେଶ ସୃଷ୍ଟି କରିବା ପାଇଁ ବୁଦ୍ଧିଜୀବୀ ବର୍ଗଙ୍କୁ ସାମ୍ନାକୁ ଆସିବାକୁ ହେବ ଯେଉଁମାନେ ଦେଶରେ ଯେଉଁ ନକାରାତ୍ମକ ପରିବେଶ ସୃଷ୍ଟି ହୋଇଛି, ସେ ସ୍ଥାନରେ ଉନ୍ନତ ନୀତି ନୈତିକତା ଏବଂ ଚରିତ୍ର ଗଢିତୋଳିବା ପାଇଁ ସତତ କାର୍ଯ୍ୟ କରିବା ଉଚିତ। ସେଥିପାଇଁ ଉନ୍ନତ ସାହିତ୍ୟ, ଚିତ୍ର କଳା, ପ୍ରେରଣାଦାୟକ ଚଳଚିତ୍ର ଏବଂ ସ୍ୱାଧୀନତା ସଂଗ୍ରାମରେ ଜୀବନ ଦେଇଥିବା କ୍ରାନ୍ତିକାରୀ ଯେଉଁମାନେ ସମ୍ପ୍ରଦାୟିକତା ବିରୁଦ୍ଧରେ ଲଢେଇ କରିଥିଲେ, ସେସବୁ ବିଷୟରେ କାର୍ଯ୍ୟକ୍ରମ ଆୟୋଜନ କରିବା ଉଚିତ। ଯେହେତୁ ସମ୍ପ୍ରଦାୟିକତା ମାନବକୃତ, ଯେଉଁଥିରେ ମିଥ୍ୟା ଭାବନାକୁ ସମ୍ମିଳିତ କରାଯାଇ ଲୋକଙ୍କୁ ଭ୍ରମରେ ପକାଯାଇଛି, ବର୍ତ୍ତମାନ ଆମର କର୍ତବ୍ୟ ହେଉଛି ଲୋକମାନଙ୍କ ସମ୍ମୁଖରେ ସତ୍ୟତାକୁ ଐତିହାସିକ ତଥ୍ୟ ମାଧ୍ୟମରେ ଉଜାଗର କରି ସେମାଙ୍କ ମସ୍ତିଷ୍କରୁ ଏହି ଭାବନାକୁ ଦୂର କରାଯାଇପାରିବ। ଏହା ସମୟ ସାପେକ୍ଷ ହେଲେ ମଧ୍ୟ ଫଳପ୍ରଦ ଉପାୟ।

*ସୁଜନପୁର, ଯାଜପୁର*
*ଦୂରଭାଷ : ୯୩୪୮୭୬୮୮୧୨*

## ଧାରାବାହିକ ଉପନ୍ୟାସ

# ମୌନ ଯୋଗୀ

### ପୁଷ୍ପାରାଣୀ ପଟେଲ



ଭାଗ-୩୦

**ପୂର୍ବାଭାଷ**

*ସ୍ନିଗ୍ଧା ଓ ପୂରବୀ ଆଜି ଖୋଲି ଦେଇଥିଲେ ପରସ୍ପରକୁ ପରସ୍ପର ନିକଟରେ। ପୂରବୀ ଶୁଣୁଥିଲା ଓ ସ୍ନିଗ୍ଧା ବଖାଣି ଚାଲିଥିଲା ନିଜକୁ, ସେ ଭୋଗିଥିବା କିଛି ଦୁଃଖକୁ-କିଛି ସୁଖକୁ। ପୂରବୀ ଭାବୁଥିଲା, 'ଆହା, କେତେ ଦୁଃଖ ଜମାଟ ବାନ୍ଧିଛି ସ୍ନିଗ୍ଧାର କୋମଳ ମନଟିରେ ସତେ। ବାପାଙ୍କର ବିଶ୍ୱାସକୁ, ଭଲ ପାଇବାକୁ ପାଇବା ପାଇଁ ଏତେ ପରିଶ୍ରମ କରି ପ୍ରଥମ ସ୍ଥାନ ଅଧିକାର କଲା ପରେ ମଧ୍ୟ କଣ ସେ ଜିତି ପାରିଲାକି ତା' ବାପାଙ୍କର ବିଶ୍ୱାସକୁ ? 'କାହିଁ ପାରିଲାନି ତ !' ତେବେ କ'ଣ ହେଲା ଆଗକୁ .... ! !*

*(ପୂର୍ବପ୍ରକାଶ ଉତ୍ତାରୁ)*

*"ହାଏ ... ପୂରବୀ ! ମୁଁ କେତେ ମିଛରେ ନିଜ ଭିତରେ ଗୁଡେଇ ହେଉଥିଲି ଏତେ ଦିନ। ଦେଖିପାରି ନଥିଲି, ମୋ' ବାପାଙ୍କ ଭିତରେ ଲୁଚିଥିବା ସେଇ ସାଧାରଣରୁ ଅତି ସାଧାରଣ ବାପାଙ୍କୁ ମୋ'ର। ଭେଟିଲି, ଯେତେବେଳେ ଶୁଣିଲି ସବୁ ସାଧାରଣ ବାପାଙ୍କ ପରି ସେ ବି କହୁଥିଲେ, 'ଝିଅ ଘିଅ ! ଯେତେ ଶୀଘ୍ର ଦାୟିତ୍ୱ ମୁକ୍ତ ହେଇଯିବ, ସେତେ ଭଲ।'*

*ମନ, ମସ୍ତିଷ୍କ ସବୁ ଆନ୍ଦୋଳିତ ହେଇ ଉଠିଲା ବାପାଙ୍କ କଥା ଶୁଣି। ହୁଏତ ବିଦ୍ରୋହ ବି କଲା ତେବେ ନିଜ ଭିତରେ। ମୋ' ନିଜ ମନର ପ୍ରଶ୍ନସବୁ ଜମାଟ ବାନ୍ଧି ପାହାଡ ପରି କଠିଣ ରୂପ ନେଉଥିଲା ମୋ' ଭିତରେ। କାହା ପାଖରୁ ବା ଉତ୍ତର ଆଶା କରନ୍ତି, ମୋ'ର ଯେ ପ୍ରଶ୍ନ କରିବାର ହିଁ ସାମର୍ଥ୍ୟ ନଥିଲା। ଛୋଟଟି ବେଳୁ ସଂସ୍କାରୀ, ସୁଶିଳ ଝିଅଟିଏର ମୁକୁଟ ପିନ୍ଧାଇ ସେମାନେ ଯେ ଛଡାଇ ନେଇଥିଲେ ମୋ'ର ସ୍ୱର ମୋ' ପାଖରୁ।*

*ତା' ବୋଲି ମୋ' ପ୍ରଶ୍ନର ମୁଁ ଉତ୍ତର ପାଇଲିନି ବୋଲି ତ ନୁହଁ। ପାଇଲି, ଯେବେ ଯାଇ ବସିଲି ବିବାହ ବେଦୀରେ। ତାଲା ପକାଇଲି ମୋ'ର ସେଇ ଦୁର୍ମୂଲ୍ୟ ସାର୍ଟିଫିକେଟ୍ ମାନଙ୍କୁ ଘରର ପୁରୁଣା କାଠ ଆଲମାରୀ ଭିତରେ ଓ ଚୁପ୍ ଚାପ୍ ଯାଇ ବସିଲି ଜଣେ ଅଜଣା ଅଶୁଣା ମଣିଷର ଡାହାଣ କଡରେ, ତା'ର ଓ ତା' ପରିବାରର ଦାୟିତ୍ୱକୁ ମୁଣ୍ଡରେ ମୁଣ୍ଡାଇ।*

*- ଉତ୍ତର କ'ଣ ଜାଣ ?*

*- ମୁଁ ଏ ସମାଜର ସବୁ ଝିଅଙ୍କ ପରି ଏକ ସାଧାରଣ ଝିଅ ହିଁ, ଯାହାର ଜନ୍ମ ପରଠୁ ସଭିଏଁ ଗୋଟିଏ କଥା ଘୋଷି ରଖିଥାନ୍ତି ମନରେ, 'ଝିଅ ଜନମ ଚୁଲି ମୁଣ୍ଡକୁ'। ମୋ' ବାପା ବି ଏ ସମାଜର ସବୁ ବାପାଙ୍କ ପରି ଏକ ସାଧାରଣ ବାପା, ଯିଏ ଝିଅ ଜନ୍ମ ହେବା ପରଠାରୁ ଦାୟିତ୍ୱ ବୋଝରେ ଚାପି ହେଇଯାନ୍ତି। ଝିଅକୁ ସୁରକ୍ଷିତ ଭବିଷ୍ୟତ ଦେବା ନ୍ୟାୟରେ ଖୋଜି ବୁଲନ୍ତି ବରପାତ୍ର।*

*ମୁଁ କ'ଣ ଭୁଲ କହୁଛି, ପୂରବୀ ?*

*(ପୂର୍ବପ୍ରକାଶ ଉତ୍ତାରୁ)*

ତାଙ୍କର ପ୍ରୋଫାଇଲ୍ ଫଟୋରେ ଅନେକଥର ହାତ ବୁଲାଇ ଆଣି ମୁଁ ଭାବେ, 'ସେ ଦେଖିବାକୁ କିଭଳି ହେଇଥିବେ ? ଏଇ କଣ୍ଠସ୍ୱର ପରି ମିଠା ! ଆଖି ଦୁଇଟି କେମିତି ଦେଖାଯାଉଥିବ ? କ'ଣ ଠିକ୍ ଏଇ ଫଟୋ ଭଳି ଯାହା ଦିଶେ ଖୁବ୍ ଏକାପରି, ସେଇ ମୁଁ ଛୋଟବେଳୁ, ଠାକୁର ଘରେ ଘଣ୍ଟା ଘଣ୍ଟା ଧରି ଦେଖି ଆସିଥିବା ଭୋଳାନାଥଙ୍କର ଅର୍ଦ୍ଧ ନିମୀଳିତ ଆଖି ପରି।'

ସେ ବି ମୋ' ଭଳି ହିଁ ଅସ୍ଥିରତା ଭୋଗୁଥିଲେ ବୋଧହୁଏ। ଦିନେ କହିଲେ - ମୁଁ ଦେଖିବାକୁ ଚାହେଁ। ପଠାଅ। ମୋବାଇଲରେ ତୁମର ଭିଡିଓ ଟିଏ କରି ପଠାଅ।

'ଆଃ... ଖୁବ୍ ଲାଗ ଲାଗିଲା ମୋ'ତେ !'

ମୁଁ କହିଲି, ମୋତେ ଆସେନା ସେସବୁ। ପାଞ୍ଚ ମିନିଟ୍ ଯାଇନି, ମୋ' ହ୍ୱାଟ୍‌ସଆପ୍‌ରେ ମେସେଜ୍ ନୋଟିଫିକେସନ୍।

'ଓଃ... ଭିଡିଓ ଟିଏ। କମ୍ ସମୟ ଅବଧିର ! କିଏ ଏ ? କ'ଣ ଭିଡିଓ ଯେ ?' - ଡାଉନ୍‌ଲୋଡ୍ କରିନେଲି ଭିଡିଓଟିକୁ।

ଆହା ... ଏତେଦିନ ଜୀବନ ଧନ୍ୟ ହେଲା ଯେମିତି। ଦିଶିଗଲେ ନୀଳ ପୁରୁଷ... ସ୍ୱପ୍ନ ନାୟକ... ମନର ମଣିଷ !

ପିନ୍ଧିଥିଲେ... ଗୋଟିଏ ହାଲୁକା ନୀଳ ଫୁଲ୍ ସାର୍ଟ। ତା'ଠାରୁ ଅଳ୍ପ ଗାଢ଼ ନୀଳ ରଙ୍ଗର ଜିନ୍ସ ପ୍ୟାଣ୍ଟ ଓ ଶୀତକୁ ମାତ୍ ଦେବା ପାଇଁ ଗାଢ଼ ନୀଳ ରଙ୍ଗର ହାଫ୍ ସ୍ୱେଟର୍।

ନୀଳ ପୁରୁଷ- କାହ୍ନା ଏଇ ରାଧାର !

ମୋ' ମୁହଁର ରଙ୍ଗ କ'ଣ ଥିଲା ସେତେବେଳେ ? ମୁଁ ଦର୍ପଣ ନଦେଖି ବି କହିପାରେ... ଲାଲ। ଗାଢ଼ ଲାଲ। ରକ୍ତବର୍ଣ୍ଣା କୃଷ୍ଣଚୂଡ଼ା ଲକ୍ଷ ଲକ୍ଷ ଫୁଟିଗଲେ କି ନିମିଷକେ ହୃଦୟ କନ୍ଦରେ ! ! କେଜାଣି ? ମୁଁ ବିଭୋର ହେଇ ନିଜକୁ ହିଁ ଭୁଲିବସେ ଆଜି ବି ମନେ ପଡିଗଲେ ସେଇ ଅପୂର୍ବ ମୁହୂର୍ତ୍ତ।

ଭିଡିଓ ପଛକୁ ମେସେଜ୍ - ଏଇଭଳି ଭିଡିଓ କରି ପଠାଅ।

"ହେଃ...ଏଭଳି ସୁନ୍ଦର ପୁରୁଷଙ୍କୁ କ'ଣ ପଠାଯାଇ ପାରେ ମୋ'ର ଏଇଭଳି ଅସୁନ୍ଦର ମୁହଁର ଫଟୋ ! ସେ...ନା...ନା... !" ତାଙ୍କ ଅନୁରୋଧ ନପାଳିବି କେମିତି ଯେ ? ଘର, ଅଗଣାରେ ଫୁଟିଥିବା ଫୁଲ ଓ ମୋ'ର ଝାପସା ଏକ ଫଟୋକୁ ନେଇ ତିଆରିଲି ଭିଡିଓ କିଛି ମିନିଟ୍‌ରେ।

ତାକୁ ଦେଖି ସେ ହସିଦେଇ କହିଲେ, 'ଏ କ'ଣ ? ମୁଁ ତ ଦେଖିବାକୁ ଚାହୁଁଥିଲି ତୁମ ଲାଜ ଲାଜ ହସ ... ଧୀର ଧୀର ଚାଲି... !'

'ହେଃ... ଏ କବି ମାନଙ୍କର ଯେ ସବୁ କଥା ପ୍ରେମ ପ୍ରେମ ବାସେ।' ମୁଁ ଲାଜରେ ଶଢ଼ିଗଲି ପୁଣିଥରେ।



ଏତେ ଯୁଗଧରି ନିଜକୁ ଭୁଲି ଆସିଥିବା ମୁଁ, ବାରମ୍ବାର ନିଜକୁ ଦର୍ପଣରେ ଦେଖିଲି। ସଜାଇ ହେଲି। ମୋ'ତେ ଦେଖୁଥିଲା କିଏ ଜାଣିନି ! କାହିଁକି ଦର୍ପଣ ଦେଖିଲେ ଲାଜରେ ଲାଲ୍ ପଡି ଯାଉଥିଲା ମୋ ମୁହଁ - କେଜାଣି ! କେବଳ ଏତିକି ଜାଣିଲି, ମୁଁ ଫେରି ଯାଉଥିଲି ମୋ' ଚପଳ କୈଶୋରକୁ। ମୋ' ଆଦ୍ୟ ଯୌବନକୁ।

ଆହା... ସତରେ କ'ଣ ଏମିତି ବି ହୁଏ। ହେଉଥିବ ନିଶ୍ଚିତ। ମୁଁ ତ ଭୋଗିଛି ମୁହୂର୍ତ୍ତ ମୁହୂର୍ତ୍ତ, ଏଇ ଅବୟସର ଶିହରଣକୁ... ଆଉ ପୁଣି ବାକ୍ୟ ଶେଷରେ ବିସ୍ମୟ ସୂଚକ ଚିହ୍ନ ରଖିବି କାହିଁକି। କାହିଁକି ଯେ ?

।।୬।।

ପ୍ରେମ ଯଦି ଆମ ଜୀବନରେ ସମୁଦ୍ରର ଉତ୍ତାଳ ତରଙ୍ଗ ହେଇ ଆସେ, ତେବେ ଅସୁବିଧା। ହଁ, ଯଦି ସେ ଆସେ ନଈର ଛୋଟ ଛୋଟ ଲହରି ପରି, ତେବେ ଜୀବନକୁ ତରଙ୍ଗାୟିତ କରିଥାଏ। ଆମକୁ ଆଜୀବନ ସତେଜ କରି ଜିଆଁଇ ରଖେ। ସେ ଖୁବ୍ ଭଲ ଭାବରେ ବୁଝିଥିଲେ ଏକଥା। ବୁଝି ନଥିଲା ଯଦି କିଏ, ସେ ହେଉଛି ମୁଁ।

ମୋ'ର ଅଧୀର ମନକୁ ମୋର ହିଁ ଆକଟ ଲଗାଇବା ଉଚିତ ଥିଲା। ଏତେ ବର୍ଷର ଅପେକ୍ଷା ପରେ ପ୍ରିୟ ମଣିଷଟିଏ ପାଇ ମୁଁ ଛୋଟ ପିଲାଟିଏ ପରି ଲୋଭୀ ହେଇ ଉଠିଥିଲି ବୋଧେ। ତାଙ୍କ ସହିତ ବିତୁଥିବା ପ୍ରତ୍ୟେକଟି ମୁହୂର୍ତ୍ତକୁ ସାଇତି ରଖୁଥିଲି ହୃଦୟ ସିନ୍ଦୁକରେ ଦୁର୍ମୂଲ୍ୟ ମଣି, ମାଣିକ୍ୟ ପରି।

ମୋର ଏଭଳି ଆତୁରପଣକୁ ଦେଖି ସେ କ'ଣ ଭାବୁଥିଲେ କେଜାଣି। ଥରେ ଥରେ ମୋ' ସାଥିରେ ରୁକ୍ଷତା ମଧ୍ୟ ଦେଖେଇଲେ। ତଥାପି ମୁଁ କ'ଣ ବଦଳୁଥିଲି ?

ନା .... ! ସେଇ ଅସ୍ଥିରତା ତାଙ୍କୁ ଦେଖିବା ପାଇଁ। ସେଇ ଆତୁରତା ଥରେ ତାଙ୍କ ସହିତ କଥା ହେବା ପାଇଁ। ସେଇ ଈର୍ଷା ତାଙ୍କୁ ଅନ୍ୟ କୌଣସି ଝିଅ ସାଥିରେ ଦେଖିନେଲେ। ସେଇ ଅଭିମାନ ଥରେ ସେ ଯଦି ମୋତେ ସମୟ ନଦେଲେ।

ଆହା ... ପ୍ରେମର ଅନ୍ୟ ଏକ ନିଆଁ ବୋଧେ 'ପ୍ରଚଣ୍ଡ ଦୁର୍ବଳତା' ଏକ ନିର୍ଦ୍ଦିଷ୍ଟ ମଣିଷଟି ପାଇଁ !

ତାଙ୍କର ପ୍ରତ୍ୟେକ ଥରର ରୁକ୍ଷ ବ୍ୟବହାର ପରେ ମୁଁ ଭାବୁଥିଲି, ଏ ସମ୍ପର୍କ ଆଉ ଟିକେ ନିବିଡ ହେବା ଖୁବ୍ ଜରୁରୀ !

ସେଦିନ ଖୁବ୍ ରାତି ହେଇଯାଇଥିଲା। କବିତା, ଗପ, ଉପନ୍ୟାସରୁ ଆଲୋଚନା ଉଦ୍ଭ୍ରାନ୍ତ ହେଇ ଚାଲି ଯାଇଥିଲା ଅନ୍ୟ କେଉଁ ଦିଗକୁ। ପ୍ରେମ-ପ୍ରେମର ଶାରୀରିକ ଆକର୍ଷଣର ଉପସ୍ଥିତି ଏଭଳି ଅନେକ କିଛି। ଅନ୍ୟ ଦିନ ଗୁଡିକରେ ରାତି ଅଧିକ ହେଲେ ସେ କହନ୍ତି, 'ଶୋଇପଡ ! ରାତି ଅଧିକ ହେଲେ ପୁରୁଷ ପୁଅଙ୍କ ମନ ବଦଳିଯାଏ। ମୁଁ ବି ପୁରୁଷ। ମୋ' ମନ ବଦଳିବା ପୂର୍ବରୁ ଶୋଇଯାଅ !' କିନ୍ତୁ ସେଦିନ - ସେ ବି ଆନମନା, ମୁଁ ବି ଚଞ୍ଚଳ।

*(କ୍ରମଶଃ)*

---

## ଭାଗ୍ୟକନ୍ୟା ଲେଖିକା

# ଭିନ୍ନ ଏକ ଶ୍ରାବଣୀ

### ଲୋପାମୁଦ୍ରା ନାୟକ



ଶ୍ରାବଣଟା ପୁଣି ଆସିଛି
ବାଟ-ଘାଟ,ବିଲ-ବଣ ଜଳମଗ୍ନ
ଅମଡ଼ା ସେ ବାଟ ଟାରେ ବି ପାଣି ଭର୍ତ୍ତି
ଯେଉଁ ରାସ୍ତାଟା ଦିର୍ଘ ଦିନରୁ ବନ୍ଦ ପଡିଥିଲା
ବହୁ ସମୟ ପରେ
ସେଠାରେ ଦୁଇଟା ପାଦ ଚିହ୍ନ।
ଧରିତ୍ରୀ ସବୁଜ ଚାଦର ଢାଙ୍କିଲା ପରେ
ସବୁ ଏଠି ଖୁସିର ସଂଗୀତ ଗାନ୍ତି
କେବେ ଗୋଟେ ଫିଲ୍ମ ଦେଖିଲା ବେଳେ
ଜିଣିଥିଲି ଶ୍ରାବଣୀର ଆଖି ଲୁହ ..
ବର୍ଷା ହୋଇ ଝରେ...ହେଲେ,
ମୁଁ ତ ପୃଥିବୀରେ ରୁହେ,
ଏଠି ହଜାରେ ଶ୍ରାବଣୀ।
କାହା ଆଖି ଲୁହରେ ପୃଥିବୀ ଭିଜେ କିଏ ଜାଣେ
ଶ୍ରାବଣର ରାତିରେ ସ୍ୱପ୍ନକୁ ଦ୍ୱାହି ଦେଇ
କେ ତକିଆ ଭିଜାଏ ତ କିଏ..
ସକାଳୁ ଖୁସିର ସଂଗୀତ ଗାଏ।
କେ ଜାଣେ ଭିନ୍ନ ଏକ ଶ୍ରାବଣୀ ଏଠି ବି ରହେ
ପରିଚୟ ଅଜଣା,

ଗତକାଲିର ବର୍ଷା ଭସେଇ ଦେଇଛି ସବୁ
ଉଜାଡ଼ି ଦେଇଛି ସ୍ୱପ୍ନର ସେ ମାର୍ବଲ କାନ୍ଥ
ବେସାହାରା ସାଜି,
ମୃସଳ ଶ୍ରାବଣ ସୁଅରେ ଆଜି କେବଳ
ଦୁଇଟା ଲଙ୍ଗଳା ପାଦ ଚିହ୍ନ।

ସତରେ କେତେ ଖିଆସି ଏ ପୃଥିବୀଟା
ଭିନ୍ନ ସେ ଶ୍ରାବଣୀର ପାପୁଲିରେ
ଧରେଇ ଦେଇଛି ସଫେଦ ଚାଦର,
ମୁଣ୍ଡରେ ପାହାଡ଼ ବୋଝ,
ଆଖିରେ ଶ୍ରାବଣ ରତୁର ଧାର।
ସତରେ, ଏମିତି ହୁଅନ୍ତାନି
ରତୁଟା ସବୁଜ ଚାଦର ତଳୁ ସୁନେଲି ଗଣ୍ଠି ଖୋଲି
ସେ ଶ୍ରାବଣୀର ଦୁଃଖ ହରନ୍ତା...ହୁଏତ,
ଭିନ୍ନ କିଛି ଶ୍ରାବଣୀ ଚକ୍ଷୁରେ ସୁଖ ଦିଶନ୍ତା ।

*ମଙ୍ଗଳପୁର, ଦାନଗଦି,ଯାଜପୁର*

---

# କେବେ ଆସିବ

### ମନୋଜ କୁମାର ମେହେର



ଆସିବ ଆସିବ କହି
କେବେ ତ ଆସୁନ !

କିଏ କହେ,
ଯୁଗ ବଦଳିଲେ ତୁମେ ଆସ ବୋଲି,
ଏଠି ତ ଯୁଗ ପରେ ଯୁଗ ବଦଳି ଚାଲିଚି
ତଥାପି ତ ତୁମେ ଆସୁନ !

କିଏ କହେ,
ଅଧର୍ମ ବଢ଼ିଲେ ତୁମେ ଆସ ବୋଲି,
ଏ ଦୁନିଆରେ ତ ଅନ୍ୟାୟ
ଅତ୍ୟାଚାର, ଧର୍ଷଣ, ହିଂସା ବଢ଼ିଚାଲିଛି
ତଥାପି ତ ତୁମେ ଆସୁ ନାହିଁ !

କେବେ
ଦ୍ରୋପଦିର ବସ୍ତ୍ର ହରଣ ବେଳେ
ତୁମେ ଆସିବାର ଶୁଣିଥିଲି,

ଏବେ ତ ସବୁବେଳେ,ସବୁଦିନେ
ଦ୍ରୋପଦିର ବସ୍ତ୍ର ହରଣ ହୁଏ
ଦିବାଲୋକରେ,ପୁଣି ବିଚ୍ ବଜାରରେ,
ତଥାପି ତ ତୁମେ ଆସୁନ !

ଥରୁଟିଏ ତ ତୁମେ ଆସ,
ଆସ,
ମଣିଷର ଅନ୍ତରାତ୍ମାରେ
ସଦବୁଦ୍ଧି ଦେବାପାଇଁ ...
ଅଧର୍ମକୁ ସମାପ୍ତ କରି
ଅସୁରରୁପି ମଣିଷର ସଂହାର କରିବା ପାଇଁ।

*ବଣ୍ଡାକୁଟୁରା, ଜୁନାଗଡ଼*
*କଳାହାଣ୍ଡି*
*ମୋ-୯୩୩୭୭୯୩୧୫୭*

---

# ଗୁରୁ

### ଦିନେଶ ମେହେର



ଆଜି କବିତା ଟିଏ ଲେଖିବି ଲେଖିବି ବୋଲି
କାହିଁ କେତେବେଳୁ ବସି ବସି
ଭାବୁଛି ଯେ ଶବ୍ଦ ସବୁ
କୁଆଡ଼େ ଉଭେଇ ଯାଉଛନ୍ତି କେଜାଣି !
ଜାଣେ,
ଏଇ ଶବ୍ଦ,ଦିନେ ତମଠୁଁ ହିଁ ଆରମ୍ଭ ହେଇଥିଲା,
ଦୁଇ ହଜାର ନ' ମସିହାରୁ !
ଦିନେ,
ଖନେଇ ଖନେଇ
ଅ' ରୁ ଲ ଯାଏଁ କହିବା ବେଳେ
କେତେ ଥର ଯେ ଭୁଲି ଯାଇଛି ଅକ୍ଷର, ବନାନ !
ଆଉ ବି ଜାଣେ
ମୋ ଜଣା ଅଜଣା ଭିତରେ ତମେ ହିଁ ତ
ସୁଧାରି ନେଇଥିଲ ବନାନ ସବୁକୁ,
ପୁଣି ମୋ ଓଠରେ ଭରି ଦେଇଥିଲେ ଶବ୍ଦ
ଆଉ ଶବ୍ଦ।
ସେଦିନ,
ଶବ୍ଦଟିଏ କହି ପାରୁନଥିବା ବାଳୁତ
ଦିନେ, ବକ୍ତୃତା ପ୍ରତିଯୋଗିତା ରେ
ପୁରସ୍କୃତ ହେବା ପଛରେ
ଅବଦାନ କାହାର ହେଇଥାଇ ପାରେ
କାହାକୁ ଯେ ଅଛପା ଅଛି କହିଲ ?

ଜାଣିଛ,
ସବୁପରେ ବି
ଆଜି ସେଇ ଦିନ ସବୁ ରହିଛି
ତମେ ବି ଅଛ ଆଉ
ମୋର ସେଇ ଅଧାଗଢ଼ା ସ୍ୱପ୍ନ ମାନେ,
ଏବେ ବି ଚାହେଁ ତମ ହାତରେ କୋମଳ ସ୍ପର୍ଶ,
ଯା' ସ୍ପର୍ଶରେ ଜୀବନ୍ତ ହେଇ ଉଠିବେ
ସେଇ ସ୍ୱପ୍ନ ମାନେ,
ଯାହା
ଜୀବନ୍ୟାସ ର ବିଜମନ୍ତ୍ର ପାଇବା ଆଶାରେ
ଆଶାୟୀ ହେଇ ଜଗି ବସିଛନ୍ତି
କାହିଁ କେତେ ଦିନରୁ।

*ପଳାସ, ଜୁନାଗଡ଼, କଳାହାଣ୍ଡି*

---








**ଆଧ୍ୟାନ୍ତ ମିଶ୍ର**

ଷ୍ଟାଣ୍ଡାର୍ଡ - ଏଲକେଜି

ଖଡିଆଲ ପବ୍ଲିକ ସ୍କୁଲ

---

# ଶ୍ରେଷ୍ଠ ତ୍ୟାଗୀ ଉର୍ମିଳା

### ରୀକ୍ଷିରାମ ମେହେର





ଭଗବାନ ରାମଙ୍କୁ ଯେତେବେଳେ ବନବାସ ହେଲା ତ ତାଙ୍କ ଧର୍ମପତ୍ନୀ ମା ସୀତା ସହର୍ଷ ବନବାସ ସ୍ୱୀକାର କରି ନେଲେ। ବାଲ୍ୟ କାଳରୁ ରାମଙ୍କ ପଛରେ ଦୌଡୁଥିବା ଅନୁଜ ଲକ୍ଷ୍ମଣ କେମିତି ରାମଙ୍କଠାରୁ ଦୁରେଇ ଯାଇ ଥାଆନ୍ତେ, ଲକ୍ଷ୍ମଣ ମାତା ସୁମିତ୍ରାଙ୍କଠାରୁ ତ ବନଗମନର ଆଜ୍ଞା ନେଇ ହିଁ ସାରି ଥିଲେ। ପରନ୍ତୁ, ପତ୍ନୀ ଉର୍ମିଳାଙ୍କ କକ୍ଷ ଆଡକୁ ଅଗ୍ରସର ହେଉଥିବା ବେଳେ ମନେ ମନେ ଭାବୁଥିଲେ, ମାତା ଆଜ୍ଞା ଦେଇଦେଲେ, ହେଲେ ଉର୍ମିଳାଙ୍କୁ କେମିତି ବୁଝେଇବି କଣ କହିବି। ଏମିତି ଭାବୁ ଭାବୁ ଯେମିତି ନିଜ କକ୍ଷରେ ପହଞ୍ଚିଛନ୍ତି, ଦେଖିଲେ ଉର୍ମିଳା ହାତରେ ଆରତୀ ଥାଳି ଧରି ଦଣ୍ଡାୟମାନ, କହିଲେ, ଆପଣ ମୋ ପାଇଁ ଚିନ୍ତା ଛାଡ଼ନ୍ତୁ, ପ୍ରଭୁଙ୍କ ସେବା ପାଇଁ ବଣକୁ ଯାଆନ୍ତୁ, ମୁଁ ଆପଣଙ୍କୁ ରହିବା ପାଇଁ ବାଧ କରିବି ନାହିଁ। ବରଙ୍ଗ ଯିବା ପାଇଁ ହସି ହସି ବିଦାୟ ଦେବି,ମୋ ଯୋଗୁଁ ଆପଣଙ୍କ ସେବାରେ କୌଣସି ବାଧା ନ ଆସୁ,ସେଥିପାଇଁ ଆପଣଙ୍କ ସାଥିରେ ବନକୁ ଯିବାକୁ ଜିଦି ବି କରିବିନି। ଲକ୍ଷ୍ମଣଙ୍କୁ କହିବାକୁ ସଙ୍କୋଚ ଲାଗୁଥିଲା, ପରନ୍ତୁ ତାଙ୍କର କିଛି କହିବା ପୂର୍ବରୁ ହିଁ ଉର୍ମିଳା ତାଙ୍କର ସମସ୍ତ ଦ୍ୱିଧା ଦୂର କରିଦେଲେ, ବାସ୍ତବରେ ଏହା ହିଁ ପତ୍ନୀର ଧର୍ମ, ଯାହା ପ୍ରମାଣିତ କରିଦେଲେ,ପତିର ମନ କଥା ଜାଣି ସଂଶୟ ଦୂର କରିଦେବା ହିଁ ଆଦର୍ଶ ପତ୍ନୀର କର୍ତ୍ତବ୍ୟ। ଲକ୍ଷ୍ମଣ ତ ରାମଙ୍କ ସହିତ ବନ ଗମନ କଲେ, ପରନ୍ତୁ ଉର୍ମିଳା, ଚଉଦ ବର୍ଷ କାଳ ଜଣେ ତପସ୍ୱିନୀ ଭଳି ଜୀବନ ଯାପନ କଲେ, ବଣରେ ଭାଇ ଭାଉଜଙ୍କ ସେବାରେ ବ୍ରତୀ ଲକ୍ଷ୍ମଣ କେବେ ଶୋଇ ନ ଥିଲେ, ସେହି ପରିପେକ୍ଷିରେ ଉର୍ମିଳା ମଧ୍ୟ ନିଜ ମହଲର ଦ୍ୱାର କେବେବି ବନ୍ଦ କରି ନ ଥିଲେ, ସାରା ରାତ୍ରି ଉଜାଗର ରହି ଦୀପ ଜଳେଇ ସେହି ଦୀପ ଶିଖାକୁ କେବେ ନିର୍ବାପିତ ହେବାକୁ ଦେଇ ନ ଥିଲେ। ଯେତେବେଳେ ମେଘନାଦ ସହିତ ଯୁଦ୍ଧରେ ଲକ୍ଷ୍ମଣଙ୍କ ଶକ୍ତି ଭେଦ ହେଲା, ହନୁମାନ ମୃତ୍ୟୁ ସଂଜୀବନୀ ସନ୍ଧାନରେ ଯାଇ ପାହାଡ଼ ନେଇ ଫେରୁଥିଲେ, ବାଟରେ ଅଯୋଧ୍ୟା ଉପର ଦେଇ ଗଲା ବେଳେ ଭରତ ତାଙ୍କୁ ରାକ୍ଷସ ଭାବି ବାଣ ଚଳେଇ ଦେଲେ, ଭରତଙ୍କ ଅସ୍ତ୍ରଘାତରେ ହନୁମାନ ତଳେ ଓହ୍ଲେଇ ଯାଆନ୍ତି, ହନୁମାନ ସାରା ବୃତ୍ତାନ୍ତ ଶୁଣାନ୍ତି କି, ସୀତାଙ୍କୁ ରାବଣ ନେଇ ଯାଇଛି, ଇନ୍ଦ୍ରଜିତ ସହିତ ଯୁଦ୍ଧରେ ଲକ୍ଷ୍ମଣ ମୂର୍ଚ୍ଛିତ ହୋଇଛନ୍ତି। ହନୁମାନ ଠାରୁ ଏହି ବାର୍ତ୍ତା ଶୁଣିବା ମାତ୍ରେ ମାତା କୌଶଲ୍ୟା କୁହନ୍ତି, ରାମଙ୍କୁ କହିଦେବ, ବିନା ଲକ୍ଷ୍ମଣରେ ସେ ଯେମିତି ଅଯୋଧ୍ୟା ଭୂମିରେ ପାଦ ନରଖେ, ବରଙ୍ଗ ବଣରେ ରହିଯିବ, ମାତା ସୁମିତ୍ରା କୁହନ୍ତି, ରାମକୁ କହିବ, ଚିନ୍ତା କରିବାର କୌଣସି କାରଣ ନାହିଁ। ଏବେ ବି ଶତ୍ରୁଘ୍ନ ଅଛି। ମୁଁ ତୁରନ୍ତ ତାକୁ ପଠାଉଛି। ମୋର ଦୁଇ ପୁତ୍ର ରାମ ସେବା ପାଇଁ ହିଁ ତ ଜନ୍ମ ହେଇଛନ୍ତି।

ହନୁମାନ ସମସ୍ତ ମାଁ ମାନଙ୍କ କଥା ଶୁଣି, ମା' ମାନଙ୍କର ପ୍ରେମ ଦେଖି ହନୁମାନଙ୍କ ଆଖିରୁ ଅଶ୍ରୁ ଧାରା ବହି ଚାଲିଥାଏ, କିନ୍ତୁ ଯେବେ ସେ ଉର୍ମିଳାଙ୍କୁ ଦେଖିଲେ, ଭାବୁ ଥାଆନ୍ତି, ଏ ମହିଳା ଜନକ କାହିଁକି କେମିତି ଏତେ ପ୍ରସନ୍ନ ଚିତ୍ତରେ ଦଣ୍ଡାୟମାନ ଅଛନ୍ତି, କ'ଣ ଯାଙ୍କୁ ଯାଙ୍କ ପତିଙ୍କ ଜୀବନର କୌଣସି ଚିନ୍ତା ନାହିଁ। ହନୁମାନ ପଚାରନ୍ତି, ହେ ଦେବୀ, ଆପଣଙ୍କ ପ୍ରସନ୍ନତାର କାରଣ କଣ ? ଆପଣଙ୍କ ପତିଙ୍କ ପ୍ରାଣ ସଙ୍କଟରେ, ଆସନ୍ତା କାଲି ପ୍ରଭାତର ସୂର୍ଯ୍ୟ ଉଦୟ ହେବା ମାତ୍ରେ ଆପଣଙ୍କ କୂଳ ପ୍ରଦୀପ ଲିଭି ଯିବ।

ଉର୍ମିଳା ଯେତେବେଳେ ହନୁମାନଙ୍କୁ ଉତ୍ତର ଦେଲେ ତାହା ଶୁଣି ତିନି ଲୋକର କୌଣସି ପ୍ରାଣୀ ତାଙ୍କର ବନ୍ଦନା ନ କରି ରହି ପାରିବନି, ସେ କହିଲେ, ମୋ କୂଳ-ପ୍ରଦୀପ କୌଣସି ସଙ୍କଟରେ ନାହିଁ, ତାହା କେବେବି ଲିଭି ଯାଇ ନପାରେ, ରହିଲା ସୂର୍ଯ୍ୟ ଉଦୟର କଥା, ଯଦି ଆପଣ ଚାହୁଁଛନ୍ତି ତ ଅଯୋଧ୍ୟାରେ କିଛି ଦିନ ବିଶ୍ରାମ କରି ନିଅନ୍ତୁ,କାହିଁକି ନା, ଆପଣଙ୍କର ସେଠାରେ ପହଞ୍ଚିବା ବିନା ସୂର୍ଯ୍ୟ ଉଦୟ ହେଇ ପାରିବ ନାହିଁ ଆପଣ କହୁଥିଲେ ନା,ପ୍ରଭୁ ଶ୍ରୀରାମ ମୋ ପତିଙ୍କୁ ତାଙ୍କ କୋଳରେ ଧରି ବସିଛନ୍ତି ବୋଲି ,ଯିଏ ଯୋଗେଶ୍ୱର ଶ୍ରୀରାମଙ୍କ କୋଳରେ ଶୋଇଛି,କାଳ ତାଙ୍କୁ ଛୁଇଁ ବି ପାରିବନି, ଏମିତିତ ଏ ଦୁହେଁ ଲୀଳା କରୁଛନ୍ତି।

ମୋ ପତି ଯେବେଠୁ ବଣକୁ ଗଲେଣି, ସେବେଠୁ ଶୋଇ ନାହାନ୍ତି, ଯେବେଠୁ ସେ ବଣରେ ଯାଇଛନ୍ତି,ସେ ନ ଶୋଇବା ପାଇଁ ପ୍ରତିଜ୍ଞା କରିଥିଲେ, ସେଥି ପାଇଁ କିଛି ସମୟ ବିଶ୍ରାମ ନେଉଛନ୍ତି। ଯେବେ ଭଗବାନଙ୍କ କୋଳ ମିଳିଗଲା,ବିଶ୍ରାମ ଟିକେ ଅଧିକ ମିଳିଗଲା, ସେ ଉଠି ଯିବେ, ଶକ୍ତି ମୋ ପତିଙ୍କୁ ଲାଗି ହିଁ ପାରିବନି, ତାହା ରାମଙ୍କୁ ହିଁ ଲାଗିଛି, କାରଣ,ମୋ ପତିଙ୍କ ସମସ୍ତ ଶ୍ୱାସରେ ହୃଦ୍‌ପସ୍ପନ୍ଦରେ, ଲୋମକୂପରେ, ପ୍ରତ୍ୟକ ରକ୍ତବିନ୍ଦୁରେ ରାମ, ଯେହେତୁ ତାଙ୍କ ଶରୀରରେ ଆତ୍ମାରେ ରାମ ହିଁ ରାମ, ତେବେ ଶକ୍ତି ରାମଙ୍କୁ ହିଁ ଲାଗିଥିବ, ଯନ୍ତ୍ରଣା ରାମଙ୍କୁ ହିଁ ହେଉଥିବ।

ତେଣୁ ହେ ହନୁମାନ ,ଆପଣ ନିଶ୍ଚିତ ହେଇ ଯାଆନ୍ତୁ, ଆପଣ ନ ପହଞ୍ଚିବା ପର୍ଯ୍ୟନ୍ତ ସୂର୍ଯ୍ୟ-ଉଦୟ ହେଇ ହିଁ ପାରିବେନି,ରାମ ରାଜ୍ୟର ମଜଭୁତ ସ୍ତମ୍ଭ ଜନକ ରାଜାର ଝିଅ ମାନେ ହିଁ ଥିଲେ। କେବେ ସୀତା ତ କେବେ ଉର୍ମିଳା କେବେ ଶୃତିକୀର୍ତ୍ତି, ଭଗବାନ ରାମ ତ କେବଳ ରାମରାଜ୍ୟର କଳସ ସ୍ଥାପନା କରିଥିଲେ, କିନ୍ତୁ ପ୍ରକୃତ ରାମରାଜ୍ୟ ତ ଏଇ ସଭିଙ୍କ ପ୍ରେମ,ତ୍ୟାଗ,ସମର୍ପଣ, ବଳିଦାନରେ ହିଁ ସ୍ଥାପିତ ହେଇଥିଲା। ଏଥିରୁ ପ୍ରମାଣିତ ହୁଏ ଯେ ଉର୍ମିଳା ହେଉଛନ୍ତି, ରାମାୟଣର ଗ୍ରନ୍ଥ ରେ ଜଣେ ଶ୍ରେଷ୍ଠ ତ୍ୟାଗୀ ଚରିତ୍ର ପଟଚିତ୍ର, ବନ୍ଧୁ ଗଣ ଏଇ ତ ଆମର ସଂସ୍କୃତି, ରାମାୟଣ ଆମକୁ ଏକ ସୁନ୍ଦର ପରିବାର, ମର୍ଯ୍ୟାଦାରେ ରହି ପରିବାର ପ୍ରତିପାଳନ ଏବଂ ଜଣେ ଜଣଙ୍କ ପାଇଁ କିପରି ସମ୍ପର୍କ ରହିବା କଥା, ତାହା ରାମାୟଣ ହିଁ ଶିକ୍ଷା ଓ ପ୍ରେରଣାର ସୋତ୍ର ଦେଇଥାଏ,ଏଥିପାଇଁ ଆମେ ଗର୍ବ କରିବା କଥା।

*ସାନପୋଡ଼ାଗୁଡ଼ା, କୋକସରା, କଳାହାଣ୍ଡି*
*ଦୂରଭାଷ : ୭୭୩୫୯୪୬୨୯୧*

ଏକମାତ୍ର
EKAMAATRA
ଅନୁସନ୍ଧାନ ପରେ ଖବର



# ନୂଆଁଖାଇର ମହକ







ପ୍ରେମାନନ୍ଦ ପାଣିଗ୍ରାହୀ

କୃଷି ହିଁ ମଣିଷର ଜୀବନ। କୃଷି ବିନା ଜୀବନ ସମ୍ଭବ ନୁହେଁ। ତେଣୁ ଉପନିଷଦରେ କୁହାଯାଇଛି- ଅନ୍ନଂ ବ୍ରହ୍ମତି ବ୍ୟଜନାତ। ଅର୍ଥାତ ଅନ୍ନର ଅନ୍ୟ ନାମ ହେଉଛି ବ୍ରହ୍ମ। ଅନ୍ନ ମାଲକ୍ଷ୍ମୀଙ୍କ ଦୟାରୁ ପ୍ରାପ୍ତ ହୋଇଥାଏ । ଶୁଦ୍ଧ ଅନ୍ନ ମନକୁ ଶାନ୍ତ ତଥା ପବିତ୍ର କରିଥାଏ । ପୂର୍ବ ଭାରତରେ ଧାନ ହିଁ କୃଷକମାନଙ୍କର ମୁଖ୍ୟ ଫସଲ। ଧାନକୁ କେନ୍ଦ୍ର କରି ଭାରତରେ ବିଭିନ୍ନ ପର୍ବପର୍ବାଣୀ ପାଳନ କରାଯାଏ। ଯେପରି କେରଳରେ ଅମନ, ଆସାମରେ ବିହୁ, ତାମିଲନାଡୁ ଓ ଆନ୍ଧ୍ର ପ୍ରଦେଶରେ ପୋଙ୍ଗଲ, ବିହାରରେ ଛଟ, ଓଡିଶାରେ ମକର, ଅକ୍ଷୟ ତୃତୀୟା, ନୂଆଁଖାଇ ଇତ୍ୟାଦି। ସେହି ପରମ୍ପରାରେ ପୂର୍ବ ଓଡିଶାରେ ସୁନିଆଁ ଭଳି ପଶ୍ଚିମ ଓଡିଶାର ୧୦ଟି ଜିଲ୍ଲା ଯଥା-ସମ୍ବଲପୁର, ବରଗଡ, ସୋନପୁର, ବଲାଙ୍ଗୀର, କଳାହାଣ୍ଡି, ଝାରସୁଗୁଡା, ଦେବଗଡ, ସୁନ୍ଦରଗଡ, ନୂଆପଡା, ବୌଦ୍ଧ ଜିଲ୍ଲାରେ ଗଣପର୍ବ ନୂଆଁଖାଇ ଉତ୍ସାହ ଉଦ୍ଦିପନାର ସହ ପାଳିତ ହୋଇଥାଏ। ଏଥିପାଇଁ ସବୁଠି ଉତ୍ସବର ବାତାବରଣ। ଆବାଳ ବୃଦ୍ଧ ବନିତା ନୂଆ ଉନ୍ମାଦନାରେ ନାଚି ଉଠନ୍ତି। ଖିରିପୁରିର ସୁଗନ୍ଧରେ ସହର ଠୁ ଗାଁ ଗଣ୍ଡା ମହକି ଉଠେ। ରାଜ୍ୟର ଅନ୍ୟାନ୍ୟ ଅଞ୍ଚଳ ଏବଂ ରାଜ୍ୟ ବାହାରେ ରହୁଥିବା ପଶ୍ଚିମାଞ୍ଚଳବାସୀ ନିଜ ଭିଟାମାଟିକୁ ଫେରି ଆସନ୍ତି ପରିବାର ସହ ନୂଆ ଖାଇବାକୁ।

କୃଷିଭିତ୍ତିକ ସଭ୍ୟତାର ମହାନ ସ୍ମାରକୀ ତଥା ଗ୍ରାମୀଣ ଏକତାର ପ୍ରତୀକ ନୂଆଁଖାଇ ପର୍ବ ବିଶ୍ୱ ଭ୍ରାତୃତ୍ୱ, ମୈତ୍ରୀ, ସଂହତିର ବୀଜ ବପନ କରେ। କ୍ଷେତରେ ନୂତନ ଭାବେ ଉତ୍ପାଦିତ ନୂଆ ଶସ୍ୟ କୌଣସି ଜୀବ, ଜନ୍ତୁଙ୍କ ଉଦରକୁ ଯିବା ପୂର୍ବରୁ ପ୍ରଥମେ ନିଜ ଇଷ୍ଟଦେବଦେବୀଙ୍କୁ ସମର୍ପଣ କରାଯାଇଥାଏ। କେବଳ ଧାନ ନୁହେଁ, ବର୍ଷର ପ୍ରଥମ ଅମଳ ହୋଇଥିବା ବିଭିନ୍ନ ଫଳ ଓ ପନିପରିବା ଆଦି ଦେବତାଙ୍କ ନିକଟରେ ପୂଜା ଭେଟି ଦେବାର ପରମ୍ପରା ରହିଛି। ମହାନ୍ ଭାରତୀୟ କୃଷି ସଂସ୍କୃତିର ଏହା ଏକ ମହାନ୍ ପରମ୍ପରା। ଶସ୍ୟ ପୂଜା ଆଜିର ସଂସ୍କୃତି ନୁହେଁ ଏହା ହରପ୍ପା ଓ ମହେଞ୍ଜୋଦାରୋ ସଂସ୍କୃତିର ଏକ ନିଦର୍ଶନ। ପ୍ରାଣୀର ଜୀବନ ଧାରଣ ପାଇଁ ଅନ୍ନ ଅନିବାର୍ଯ୍ୟ। ଋଷି ପଞ୍ଚମୀ ପରି ଏକ ପବିତ୍ର ଦିନର ଶୁଭ ଲଗ୍ନରେ ନୂଆ ଖାଇଲେ ସୁଖ ସମୃଦ୍ଧି ହୋଇଥାଏ ବୋଲି ବିଶ୍ୱାସ ରହିଛି।

***ପ୍ରଥା ଓ ପରମ୍ପରା :*** ନୂଆଁଖାଇ ପଶ୍ଚିମ ଓଡିଶାକୁ ସ୍ୱତନ୍ତ୍ର ପରିଚୟ ଦେଇଛି। ନୂଆଁଖାଇକୁ ନବରଙ୍ଗର ପର୍ବ କୁହାଯାଏ । ନବରଙ୍ଗ ନଅ ପ୍ରକାର ବିଧିରେ ଏହାକୁ ପାଳନ କରାଯାଏ। ସେଗୁଡିକ ହେଉଛି- ବେହେରନ, ଲଗ୍ନ ଦେଖା, ଡକାହକା, ସଫାସୁତୁରା, କିଣାବିକା, ନୂଆଧାନ ଖୋଜା, ବାଲି ପକା, ନୂଆଁଖାଇ ଓ ଭେଟଘାଟ । କାହିଁ କେଉଁ କାଳରୁ ପରମ୍ପରା ଅନୁଯାୟୀ ମା ସମଲେଶ୍ୱରୀଙ୍କ ଲଗ୍ନରେ ପଶ୍ଚିମ ଓଡିଶାର ଦଶଟି ଜିଲ୍ଲାର ପ୍ରାୟ ଦେଢ କୋଟି ଲୋକ ନୂଆଁ ଖାଇଥାନ୍ତି। ମା ସମଲେଶ୍ୱରୀଙ୍କ ଲଗ୍ନରେ ଛତିଶଗଡ ଓ ଝାଡଖଣ୍ଡର ଅନେକ ଲୋକ ମଧ୍ୟ ନୂଆଁ ଖାଇବାର ପରମ୍ପରା ରହିଛି। ସମ୍ବଲପୁରର ଆରାଧ୍ୟଦେବୀ ମା ସମଲେଶ୍ୱରୀଙ୍କ ପୀଠରେ ଜନ୍ମାଷ୍ଟମୀର ପରଦିନ ନବମୀରେ ନୂଆଁଖାଇ ପାଇଁ ଲଗ୍ନ ଧାର୍ଯ୍ୟ ହୋଇଥାଏ । ଏହି ଦିନ ବ୍ରହ୍ମ ମଣ୍ଡପ ପଣ୍ଡିତ ସଭାର ପଣ୍ଡିତମାନଙ୍କ ବୈଠକ ବସି ଲଗ୍ନ ଧାର୍ଯ୍ୟ ହୋଇଥାଏ। ଆଉ ଏହି ଲଗ୍ନ ଅନୁଯାୟୀ ମା ସମଲେଶ୍ୱରୀଙ୍କ ପୀଠରେ ନବାହ୍ନ ଲାଗି ହୋଇଥାଏ । ଚଳିତ ବର୍ଷ ସେପ୍ଟେମ୍ବର ୮ ତାରିଖ ରବିବାର ଭାଦ୍ରବ ମାସ ପଞ୍ଚମୀ ତିଥି ପୂର୍ବାହ୍ନ ୯ ଘ.୧୨ ମିନିଟ ଗତେ ଓ ୯ଘ.୨୭ ମିନିଟ ମଧ୍ୟରେ ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ସମଲେଶ୍ୱରୀଙ୍କ ଠାରେ ନବାନ୍ନ ଭୋଗ ଲାଗି ହେବା ପାଇଁ ଲଗ୍ନ ନିର୍ଣ୍ଣୟ କରାଯାଇଛି। ଲଗ୍ନ ବାହାରିବା ପରେ ପଣ୍ଡିତମଣ୍ଡଳୀ ସମଲେଶ୍ୱରୀ ମନ୍ଦିରକୁ ଯାଇ ପୂଜକ ଓ ଟ୍ରଷ୍ଟ କର୍ମକର୍ତ୍ତାଙ୍କୁ ଲଗ୍ନ ପତ୍ରିକା ପ୍ରଦାନ କରିଛନ୍ତି। ନୂଆଁଖାଇର କିଛି ଦିନ ପୂର୍ବରୁ ମହିଳାମାନେ ଘରଅଗଣା ଲିପାପୋଛା କରିବା ସହ ଘରକରଣା ସାମଗ୍ରୀକୁ ଧୂଆଁମଜା କରନ୍ତି। ନୂଆ ଧାନ, ମାଟି ଚୁଲି, ମାଟି ପାତ୍ର, ବାଉଁଶ ଟୋକେଇ, ଶାଳ-କୁରେଇ ପତ୍ର, ସାରୁ ଶାଗ ଠାରୁ ଆରମ୍ଭ କରି ବିଭିନ୍ନ ସାମଗ୍ରୀ ଯୋଗାଡ କରନ୍ତି। ପଶ୍ଚିମ ଓଡିଶାର ପରିଚୟ ହେଉଛି ସମ୍ବଲପୁରୀ ବସ୍ତ୍ର। ଏଣୁ ନୂଆଁଖାଇ ଭଳି ପର୍ବରେ ପରିବାରର ସମସ୍ତଙ୍କ ପାଇଁ ନୂତନ ସମ୍ବଲପୁରୀ ବସ୍ତ୍ର କରାଯାଏ। ମାସମଲେଶ୍ୱରୀ ଓ ୧୧୫ ପାର୍ଶ୍ୱଦେବଦେବୀଙ୍କ ପାଇଁ ନବାନ୍ନ ଭୋଗ ଲାଗି ହେବା ପାଇଁ ବଲବସପୁର ଗ୍ରାମର ଚାଷୀ ସୁବାସ ବେହେରା ନୂଆ ସରିଆ ଧାନ ଆଣି ମନ୍ଦିର ପୂଜକଙ୍କୁ ପ୍ରଦାନ କରିଛନ୍ତି। ଧାନ ସହିତ ସାରୁ ଶାଗ ବି ଅର୍ପଣ କରିଛନ୍ତି। ମାଙ୍କ ପାଇଁ ୬୦ ଦିନରେ ଏହି ଧାନ ଅମଳ କରାଯାଇଥାଏ । ପକ୍ଷୀ କିମ୍ବା କୌଣସି ପ୍ରାଣୀ ଯେପରି ଧାନକୁ ଅଇଁଠା ନକରିବେ ସେଥି ପ୍ରତି ବିଶେଷ ଦୃଷ୍ଟି ଦିଆ ଯାଇଥାଏ। ପ୍ରଚଳିତ ପରମ୍ପରା ଅନୁସାରେ ନୂଆଁଖାଇ ପୂର୍ବଦିନ ମଧ୍ୟାହ୍ନରେ ଇଷ୍ଟଦେବୀ ସମଲେଇଙ୍କୁ ସିନ୍ଦୁର ଅର୍ପଣ ନୀତି ହୁଏ। ଏହାପରେ ମନ୍ଦିର ପରିସରରେ ପାର୍ଶ୍ୱ ଦେବଦେବୀଙ୍କୁ ସିନ୍ଦୁର ଅର୍ପଣ କରାଯାଏ। ନୂଆଁଖାଇ ଦିନ ପ୍ରାତଃ ପୂଜା ପରେ ସକାଳେ ଗମ୍ଭୀରା ଓ ପାର୍ଶ୍ୱ ଦେବଦେବୀଙ୍କ ଠାରେ ବନା (ଝୋଟି) ଦିଆଯାଏ। ତାପରେ ମନ୍ଦିର ମୁଖ୍ୟ ପୂଜକଙ୍କ ସହ ତିନି ପୂଜକ ପରିବାର ଓ ଚାରି ବେହେରା ପରିବାରରୁ ନବାନ୍ନ ଭୋଗ ମନ୍ଦିରକୁ ଆସେ। ନିର୍ଦ୍ଧାରିତ ଲଗ୍ନରେ ନୂଆ ଚାଉଳ, କ୍ଷୀରି, ପିଠା ଆଦି ଭୋଗ ଲାଗି କରାଯାଏ। ପୂଜକମାନେ ତାପରେ ଗମ୍ଭୀରାରୁ ବାହାରି ୧୧୫ ପାର୍ଶ୍ୱ ଦେବଦେବୀଙ୍କୁ ନବାନ୍ନ ଭୋଗ ଲାଗି କରିଥାନ୍ତି। ପ୍ରଥମେ ଅଗ୍ରପୂଜ୍ୟ ଶ୍ରୀଗଣେଶଙ୍କ ଠାରୁ ଆରମ୍ଭ କରି ଶେଷରେ ମାଉଳୀ ମାଙ୍କ ଠାରେ ନବାନ୍ନ ଅର୍ପଣ କରାଯାଏ। ସାଧାରଣ ଲୋକେ ନିଜ ନିଜର ଇଷ୍ଟ ଦେବୀଙ୍କୁ ନବାନ୍ନ ସମର୍ପଣ କରନ୍ତି ଓ ସପରିବାର ଗୋଟିଏ ସ୍ଥାନରେ ବସି ଏହାକୁ



ସେବନ କରନ୍ତି। ଗୁହାଳ ପୂଜା ଠାରୁ ଆରମ୍ଭ କରି କ୍ଷେତ ପୂଜା ଓ ପତରରେ ନୂଆ ଖାଇବା ସମସ୍ତଙ୍କ ମନରେ ଅପୂର୍ବ ପୁଲକ ଭରି ଦେଇଥାଏ। ତେବେ ବିଭିନ୍ନ ଜାତିର ଲୋକେ ଅଲଗା ଅଲଗା ଗଛର ପତ୍ରରେ ଇଷ୍ଟଦେବୀଙ୍କୁ ଭୋଗ ଲଗାଇବା ସହ ନିଜେ ପ୍ରସାଦ ସେବନ କରିଥାନ୍ତି। ବ୍ରାହ୍ମଣ, ଗୋପାଳ, କୈବର୍ତ୍ତ ଜାତିର ଲୋକେ କୁରେଇ ପତ୍ରରେ, ତୁମ୍ୱାଳ ଜାତିର ଲୋକେ ଭାଲିଆ ପତ୍ରରେ, ଚଷା ଜାତିର ଲୋକେ ସରଗୀ ପତ୍ରରେ, ଭୁଲିଆ ଜାତିର ଲୋକେ ମହୁଲ ପତ୍ର ବ୍ୟବହାର କରିଥାନ୍ତି। ପୂର୍ବ ପୁରୁଷରୁ ଏହି ପ୍ରଥା ଚଳି ଆସୁଛି। ସେତିକି ନୁହେଁ ନିଜନିଜର ଇଷ୍ଟଦେବଦେବୀଙ୍କୁ ବି ଏହି ପତ୍ରଗୁଡିକରେ ତିଆରି ଖଲି, ଦନାରେ ନୂଆ ଭୋଗ ଲାଗି ହୁଏ। ଭାଇଚାରା ଓ ମହାମିଳନର ପର୍ବ ନୂଆଖାଇରେ ବନ୍ଧୁ ପରିଜନ ନିଜ ଭିଟାମାଟିକୁ ଫେରିଥାନ୍ତି। ପ୍ରତିଟି ପରିବାରରେ ଆଇଠୁ ନାତି-ନାତୁଣୀ ଯାଏଁ ଏକାଠି ହେବାର ସୌଭାଗ୍ୟରେ ଘର ଦୁଲୁକି ଉଠେ। ଗୋଧନ ପୂଜି ଗୋଶିଙ୍ଗରେ ରାକ୍ଷୀ ପିନ୍ଧାନ୍ତି। ସେମାନଙ୍କର ପରିଶ୍ରମ ପାଇଁ କୃତଜ୍ଞତାର ସ୍ୱରୂପ କଅଁଳ ଘାସ ଦେଇ ତୃପ୍ତ କରାନ୍ତି। ଚାଷୀ କ୍ଷେତକୁ ଗୋରସ, ଧୂପଦୀପ କେଇ ଟୋପା ପକାଇ ବସୁମାତାକୁ ପ୍ରଣିପାତ କରେ। ନବଧାନରୁ ଚୂଡା କିମ୍ବା ଚାଉଳରେ ପ୍ରସାଦ ବିଧି ଅନୁଯାୟୀ ତିଆରି ହୁଏ । ପ୍ରଥମେ ତାହା ଘରର ଇଷ୍ଟଦେବୀ ତଥା ମହାଲକ୍ଷ୍ମୀଙ୍କ ସମ୍ମୁଖରେ ପୂଜା କରାଯାଏ। ଇଷ୍ଟଦେବୀ ଓ ପୂର୍ବପୁରୁଷଙ୍କୁ ଭୋଗ ଲାଗି ହେବା ପରେ ପ୍ରତ୍ୟେକ ବ୍ୟକ୍ତି ସାନରୁ ବଡ ଯାଏ ସମସ୍ତେ ନିଜନିଜ ମୁଣ୍ଡରେ ଲଗାନ୍ତି।



ଭାରତ ପରି ଏକ କୃଷିପ୍ରଧାନ ଦେଶରେ ଅନ୍ନଭିତ୍ତିକ ପର୍ବର ଯଥେଷ୍ଟ ମହତ୍ତ୍ୱ ରହିଛି। ପ୍ରତ୍ୟେକ ପର୍ବପର୍ବାଣୀରେ ଚାଷ ଓ ଚାଷୀଙ୍କ କିଛିନା କିଛି ସମ୍ପୃକ୍ତି ଥାଏ। ଧାନକୁ କେନ୍ଦ୍ର କରି ଭାରତରେ ବିଭିନ୍ନ ପର୍ବପର୍ବାଣୀ ପାଳନ କରାଯାଏ। ଯେପରି କେରଳରେ ଅମନ, ଆସାମରେ ବିହୁ, ତାମିଲନାଡୁ ଓ ଆନ୍ଧ୍ର ପ୍ରଦେଶରେ ପୋଙ୍ଗଲ,ବିହାରରେ ଛଟ, ଓଡିଶାରେ ମକର, ଅକ୍ଷୟ ତୃତୀୟା, ନୂଆଁଖାଇ। ଶସ୍ୟ ପୂଜା ଆଜିର ସଂସ୍କୃତି ନୁହେଁ, ଏହା ହରପ୍ପା ଓ ମହେଞ୍ଜୋଦାର ସଂସ୍କୃତିର ଏକ ନିଦର୍ଶନ। ପଶ୍ଚିମ ଓଡିଶାରେ ପାଳନ କରାଯାଉଥିବା ବିଭିନ୍ନ ଅନ୍ନପର୍ବ ଅଥବା କୃଷିଭିତ୍ତିକ ପର୍ବ ମଧ୍ୟରୁ ନୂଆଁଖାଇ ସବୁଠାରୁ ବୃପର୍ବ । ସମ୍ବଲପୁର, ବରଗଡ, ସୋନପୁର, ବଲାଙ୍ଗୀର, କଳାହାଣ୍ଡି, ଝାରସୁଗୁଡା, ଦେବଗଡ, ସୁନ୍ଦରଗଡ, ଦେବଗଡ ଆଦି ୧୦ଟି ଜିଲ୍ଲାରେ ଗଣପର୍ବ ନୂଆଁଖାଇ ଉତ୍ସାହ ଉଦ୍ଦିପନାର ସହ ପାଳିତ ହୋଇଥାଏ। ଏଥିପାଇଁ ସବୁଠି ଉତ୍ସବର ବାତାବରଣ । ଆବାଳ ବୃଦ୍ଧ ବନିତା ନୂଆ ଉନ୍ମାଦନାରେ ନାଚି ଉଠନ୍ତି। ଖିରିପୁରିର ସୁଗନ୍ଧରେ ସହର ଠୁ ଗାଁ ଗଣ୍ଡା

ଋଷି ପଞ୍ଚମୀ ପରି ଏକ ପବିତ୍ର ଦିନର ଶୁଭ ଲଗ୍ନରେ ନୂଆ ଖାଇଲେ ସୁଖ,ସମୃଦ୍ଧି ମିଳିଥାଏ ବୋଲି ବିଶ୍ୱାସ ରହିଛି। ସମ୍ବଲପୁର, ବରଗଡ, ଝାରସୁଗୁଡାରେ ମା ସମଲେଶ୍ୱରୀ ପାଟଣାରେ ପାଟଣେଶ୍ୱରୀ, ବଲାଙ୍ଗୀରରେ ମା ସମଲେଶ୍ୱରୀ ଓ ପାଟଣେଶ୍ୱରୀ, ସୁବର୍ଣ୍ଣପୁରରେ ମା ସୁରେଶ୍ୱୀ ଙ୍କ ସହ କଳାହାଣ୍ଡି ଓ ନୂଆପଡା ଜିଲ୍ଲାରେ ସ୍ଥାନୀୟ ଗ୍ରାମଦେବୀ ତଥା ଅଞ୍ଚଳର ଇଷ୍ଟଦେବୀଙ୍କୁ ନିର୍ଦ୍ଧାରିତ ଲଗ୍ନରେ ନବାନ୍ନ ଅର୍ପଣ କରାଯାଏ। ନୂଆଁଖାଇର କିଛି ଦିନ ପୂର୍ବରୁ ମହିଳାମାନେ ଘରଅଗଣା ଲିପାପୋଛା କରିବା ସହ ଘରକରଣା ସାମଗ୍ରୀକୁ ଧୂଆଁମଜା କରନ୍ତି। ନୂଆ ଧାନ ,ମାଟି ଚୁଲି,ମାଟି ପାତ୍ର,ବାଉଁଶ ଟୋକେଇ, ଶାଳ-କୁରେଇ ପତ୍ର,ସାରୁ ଶାଗ ଠାରୁ ଆରମ୍ଭ କରି ବିଭିନ୍ନ ସାମଗ୍ରୀ ଯୋଗାଡ କରନ୍ତି। ପଶ୍ଚିମ ଓଡିଶାର ପରିଚୟ ହେଉଛି ସମ୍ବଲପୁରୀ ବସ୍ତ୍ର। ଏଣୁ ନୂଆଁଖାଇ ଭଳି ପର୍ବରେ ପରିବାରର ସମସ୍ତଙ୍କ ପାଇଁ ନୂତନ ସମ୍ବଲପୁରୀ ବସ୍ତ୍ର କରାଯାଏ। ପ୍ରଚଳିତ ପରମ୍ପରା ଅନୁସାରେ ନୂଆଁଖାଇ ଦିନ ପଶ୍ଚିମ ଓଡିଶାର ଆରାଧ୍ୟ ଦେବୀ ମା ସମଲେଶ୍ୱରୀଙ୍କ ଠାରେ ନବାନ୍ନ ଭୋଗ ଅର୍ପଣ ହେବା ପରେ ସାଧାରଣ ଲୋକେ ନିଜ ନିଜର ଇଷ୍ଟ ଦେବୀଙ୍କୁ ନବାନ୍ନ ସମର୍ପଣ କରନ୍ତି ଓ ସପରିବାର ଗୋଟିଏ ସ୍ଥାନରେ ବସି ଏହାକୁ ସେବନ କରନ୍ତି। ଗୁହାଳ ପୂଜା ଠାରୁ ଆରମ୍ଭ କରି କ୍ଷେତ ପୂଜା ଓ ପତରରେ ନୂଆ ଖାଇବା ସମସ୍ତଙ୍କ ମନରେ ଅପୂର୍ବ ପୁଲକ ଭରି




ମହକି ଉଠେ। ରାଜ୍ୟର ଅନ୍ୟାନ୍ୟ ଅଞ୍ଚଳ ଏବଂ ରାଜ୍ୟ ବାହାରେ ରହୁଥିବା ପଶ୍ଚିମାଞ୍ଚଳବାସୀ ନିଜ ଭିଟାମାଟିକୁ ଫେରି ଆସନ୍ତି ପରିବାର ସହ ନୂଆ ଖାଇବାକୁ।

କ୍ଷେତରେ ନୂତନ ଭାବେ ଉତ୍ପାଦିତ ଅନ୍ନକୁ ତାର ଇଷ୍ଟଦେବୀଙ୍କୁ ସମର୍ପଣ କରି ସେହି ପ୍ରସାଦକୁ ସେବନ କରିବା ଏହି ପର୍ବର ମୂଳ ଲକ୍ଷ୍ୟ। କୃଷି ହିଁ ମଣିଷର ଜୀବନ। କୃଷି ବିନା ଜୀବନ ସମ୍ଭବ ନୁହେଁ। ପ୍ରାଣୀର ଜୀବନ ଧାରଣ ପାଇଁ ଅନ୍ନ ଅନିବାର୍ଯ୍ୟ। ତେଣୁ ଉପନିଷଦରେ କୁହାଯାଇଛି ଅନ୍ନଂ ବ୍ରହ୍ମେତି ବ୍ୟଜନାତ। ଅର୍ଥାତ ଅନ୍ନର ଅନ୍ୟ ନାମ ହେଉଛି ବ୍ରହ୍ମ। ଅନ୍ନ ଭବନ୍ତି ଭୂତାନି...ଅର୍ଥାତ ଅନ୍ନ ଯୋଗୁଁ ସମସ୍ତ ପ୍ରାଣୀ ଜୀବନ ଧାରଣ କରନ୍ତି। ଅନ୍ନ ଲକ୍ଷ୍ମୀଙ୍କ ଦୟାରୁ ପ୍ରାପ୍ତ ହୋଇଥାଏ। ଶୁଦ୍ଧ ଅନ୍ନ ମନକୁ ଶାନ୍ତ ତଥା ପବିତ୍ର କରିଥାଏ। ତେଣୁ ଅନ୍ନକୁ ନେଇ ଓଡିଶାରେ ପାଳନ ହୁଏ ଅନେକ

ଦେଇଥାଏ। ତେବେ ବିଭିନ୍ନ ଜାତିର ଲୋକେ ଅଲଗା ଅଲଗା ଗଛର ପତ୍ରରେ ଇଷ୍ଟଦେବୀଙ୍କୁ ଭୋଗ ଲଗାଇବା ସହ ନିଜେ ପ୍ରସାଦ ସେବନ କରିଥାନ୍ତି। କିଏ କୁରେଇ ପତ୍ରରେ ତ କିଏ ଶାଳ, କଦଳୀ, ମହୁଲ, ରଙ୍ଗାଲ ପତ୍ରରେ ଚୁରାକୁଣ୍ଡା କରି ଇଷ୍ଟଦେବୀଙ୍କୁ ନୈବେଦ୍ୟ ଅର୍ପଣ କରିଥାନ୍ତି । ବ୍ରାହ୍ମଣ, ଗୋପାଳ, କୈବର୍ତ୍ତ ଜାତିର ଲୋକେ କୁରେଇ ପତ୍ରରେ, ତୁମ୍ୱାଳ ଜାତିର ଲୋକେ ଭାଲିଆ ପତ୍ରରେ, ଚଷା ଜାତିର ଲୋକେ ସରଗୀ ପତ୍ରରେ, ଭୁଲିଆ ଜାତିର ଲୋକେ ମହୁଲ ପତ୍ର ବ୍ୟବହାର କରିଥାନ୍ତି। ପ୍ରସାଦ ସେବନ ପରେ କନିଷ୍ଠମାନେ ବୟୋଜ୍ୟେଷ୍ଠମାନଙ୍କୁ ଭୂମିଷ୍ଠ ପ୍ରଣାମ କରିଥାନ୍ତି। ଏହାକୁ ନୂଆଁଖାଇ ଜୁହାର କୁହାଯାଏ। ଜ୍ୟେଷ୍ଠମାନେ କନିଷ୍ଠମାନଙ୍କୁ ଆଶୀର୍ବାଦ ପୂର୍ବକ ମଙ୍ଗଳ କାମନା କରିଥାନ୍ତି। ନବାହ୍ନ ଭକ୍ଷଣ କରିବା ପରେ ସାଇପଡିଶାଙ୍କ ମଧ୍ୟରେ ଶୁଭେଚ୍ଛା ଆଦାନ ପ୍ରଦାନ ହୁଏ



ପର୍ବପର୍ବାଣୀ। ଧାନରୁ ଅନ୍ନର ସୃଷ୍ଟି। ଅନ୍ନ ହିଁ ଭଗବାନ। ତେଣୁ କବି ଗଙ୍ଗାଧର ମେହେର କହିଛନ୍ତି- ଅନ୍ନ ଘେନି ରହିଛି ଅଖିଳ ସଂସାର,ଅନ୍ନ ବିନା ଜଗତେ ଉଠେ ହାହାକାର।

ପଶ୍ଚିମ ଓଡିଶାର ପ୍ରସିଦ୍ଧ ଏହି କୃଷିଭିତ୍ତିକ ପର୍ବ ନୂଆଁଖାଇ ପାଇଁ ପ୍ରଥମେ ମା ସମଲେଶ୍ୱରୀଙ୍କ ଲଗ୍ନ ଧାର୍ଯ୍ୟ କରାଯାଏ। ଝାଡୁଆପଡା ସ୍ଥିତ ବ୍ରହ୍ମପୁରା ମନ୍ଦିରରେ ପଣ୍ଡିତ ମହାସଭା ବସି ଲଗ୍ନ ସ୍ଥିର କରନ୍ତି।

। ବିଭିନ୍ନ ସ୍ଥାନରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୁଏ। ନୂଆଁଖାଇ ଏବେ ପଶ୍ଚିମ ଓଡିଶାର ପରିସୀମା ଡେଇଁ ବିଦେଶ ମାଟିରେ ପହଞ୍ଚିଲାଣି। ପଶ୍ଚିମ ଓଡିଶାର କଳା, ସଂସ୍କୃତି, ଭାଷା, ପରମ୍ପରା, ଚାଲିଚଳନ ଏବଂ ସର୍ବୋପରି ଭାବାବେଗ ପରିସ୍ଫୁଟ ହୁଏ ଏହି କୃଷିଭିତ୍ତିକ ପର୍ବରେ।

*ଭୁବନ,ଢେଙ୍କାନାଳ*
*ଦୂରଭାଷ : ୯୪୩୭୭୨୯୩୮୪*









# ଏକମାତ୍ର
ଅନୁଷ୍ଠାନ ପକ୍ଷେ ଖବର

ଭୁବନେଶ୍ୱର, ୯ - ୧୫ ସେପ୍ଟେମ୍ବର, ୨୦୨୪







## ନୂଆଁଖାଇ ଶୁଭେଚ୍ଛା



ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ଗଣପର୍ବ ପବିତ୍ର ନୂଆଁଖାଇ ଅବସରରେ ବଲାଙ୍ଗିର ଜିଲ୍ଲା ଲାଠୁର୍‌ବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ।



**ଶ୍ରୀଯୁକ୍ତ କିଶୋର ପୁଟେଲ**
ଶାଖା ପରିଚାଳକ
ବଲାଙ୍ଗିର ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ
ଲାଠୁର୍ ଶାଖା

ପଶ୍ଚିମ ଓଡ଼ିଶାର ଗଣପର୍ବ ପବିତ୍ର ନୂଆଁଖାଇ ଅବସରରେ ବାଗଦୋର ଗ୍ରାମ ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ।



**ଡୋଲାମଣି ସାହୁ**
ଯୋଗାଣ ସହାୟକ
ବାଗଦୋର ଗ୍ରାମ ପଞ୍ଚାୟତ
ବ୍ଲକ : ବେଲପଡା
ଜିଲ୍ଲା : ବଲାଙ୍ଗିର



## ଭବାନୀପାଟଣା ପୌରପରିଷଦ

ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ, ୨୦୨୪ ଉପଲକ୍ଷେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସଙ୍ଗେସଙ୍ଗେ ଭବାନୀପାଟଣା ପୌରପାଳିକାର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ସହରବାସୀଙ୍କ ସହଯୋଗ କାମନା କରୁଛି। ଆସନ୍ତୁ ଏହି ଶୁଭ ଅବସରରେ ଆମେ ସମସ୍ତେ ମିଶି ଭବାନୀପାଟଣାକୁ ଏକ ସବୁଜ, ସୁନ୍ଦର, ସ୍ୱଚ୍ଛ, ଆବର୍ଜନା ମୁକ୍ତ ଓ ପଲିଥିନ ମୁକ୍ତ ସହର ରୂପେ ପରିଣତ କରିବା ପାଇଁ ସଂକଳ୍ପ ନେବା ଏବଂ ନାରୀ ସଶକ୍ତିକରଣ ନିମନ୍ତେ ଅଗ୍ରସର ହେବା।

**ଶ୍ରୀଯୁକ୍ତ ବିଷ୍ଣୁ ପ୍ରଧାନ**
ଉପ-ନଗରପାଳ

**ଡା ସତ୍ୟସଂପର୍ଣ୍ଣା ରାଉତ**
ନିର୍ବାହୀ ଅଧିକାରୀ

ତଥା

ସମସ୍ତ ପାରିଷଦ ବୃନ୍ଦ, ଭବାନୀପାଟଣା ପୌରପରିଷଦ

ପଶ୍ଚିମ ଓଡ଼ିଶାର ଗଣପର୍ବ ପବିତ୍ର ନୂଆଁଖାଇ ଅବସରରେ ବଲାଙ୍ଗିର ଜିଲ୍ଲାବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ।



**ଜନାବ ଖାଁ**
ଜିଲ୍ଲା ପ୍ରତିନିଧି, ଏକମାତ୍ର
ବଲାଙ୍ଗିର

ପଶ୍ଚିମ ଓଡ଼ିଶାର ଗଣପର୍ବ ପବିତ୍ର ନୂଆଁଖାଇ ଅବସରରେ ବଲାଙ୍ଗିର ଜିଲ୍ଲାବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ।



**ଡମ୍ବରୁ ବେହେରା**
ବେହେରା ଫର୍ଟିଲାଇଜର
ଝର୍ନୀ
ତୁରେକେଲା, ବଲାଙ୍ଗିର


## ଧରାପଡିଲେ ନକଲି ଆରଆଇ

**ଭଦ୍ରକ :** ଭଦ୍ରକ ଜିଲ୍ଲାରେ ଦିନକୁ ଦିନ ନୂଆ ନୂଆ ତଥ୍ୟ ସାମ୍ନାକୁ ଆସୁଛି। ଏଠାରେ ନକଲି ଶିକ୍ଷକଙ୍କ ପରେ ଏବେ ଜଣେ ନକଲି ଆରଆଇ ଧରାପଡିଛନ୍ତି। ତାଙ୍କ ନାମ ଗଜେନ୍ଦ୍ର ଦାସ। ଶ୍ରୀ ଦାସ ଧରାପଡିବା ପରେ ଏହାକୁ ନେଇ ଜିଲ୍ଲା ସାରା ଜୋରଦାର ଚର୍ଚ୍ଚା ହେଉଥିବା ବେଳେ ରାଜ୍ୟରେ ମଧ୍ୟ ଏଭଳି ମିଛ ସରକାରୀ ଚାକିରିଆଙ୍କୁ ନେଇ କୋକୁଆ ଭୟ ଦେଖାଦେଲାଣି। ସୂଚନା ଅଧିକାର କର୍ମୀ ତଥା ସାମ୍ବାଦିକ ବିକାଶ ଧଳଙ୍କ ତଥ୍ୟ ଅନୁଯାୟୀ ଜିଲ୍ଲାରେ ଗଜେନ୍ଦ୍ରଙ୍କ ଭଳି ଅନେକ ମିଛ ସରକାରୀ ଚାକିରିଆ ରହିଛନ୍ତି। ଆଗାମୀ ଦିନରେ ସେମାନଙ୍କୁ ଖୋଜି ବାହାର କରାଯିବ ବୋଲି ଶ୍ରୀ ଧଳ ସୂଚନା ଦେଇଛନ୍ତି।



OFFICE OF THE COLLECTOR & DISTRICT MAGISTRATE: BHADRAK
(Establishment Section)

No 1923 /Estt Dated the 30/03/ 2024

ORDER

Whereas, the State Level Scrutiny Committee (Central Division), Cuttack had inquired into the allegation against Sri Gajendra Das, S/o-Brundaban Das, Vill-Patuli, PO-Baligaon, PS- Chandbali, Dist-Bhadrak that he being "NALUA KELA" by Caste,which comes under SC category had obtained a fake Scheduled Tribe Certificate & was appointed as Revenue Inspector under ST category in Bhadrak District in the year 2014.

And whereas, after the completion of enquiry, the SLSC (CD), Cuttack had come to the conclusion that, Sri Gajendra Das belongs to "Nalua Kela" Caste, which is recorded in Sl No. 45 of SC list of Odisha. Finally, the State Level Scrutiny Committee ordered to cancel/confiscate the "Sabar" ST Caste Certificate issued by the Tahasildar, Chandbali in favour of Sri Gajendra Das and directed the Collector, Bhadrakto take appropriate action against him for availing ST reservation benefit fraudulently and also directed to remove Sri Das from Govt. service forthwith without further notice.

And Whereas, the undersigned finds it inappropriate for initiating a departmental proceeding against the delinquent officer Sri Gajendra Das for disposing the case due to the following reasons. Firstly, the delinquent officer has secured the Govt. service of Revenue Inspector under ST category in a fraudulent manner by misrepresenting the fact i.e. submitting a fake Scheduled Tribe Certificate in the entry level of the service itself. Secondly, a detailed enquiry was conducted by the competent authority i.eState Level Scrutiny Committee (CD), Cuttack, where the principle of natural justice has been duly followed by giving adequate opportunity of hearing to the delinquent officer.

Now therefore, I Sri Dilip Routrai, IAS, Collector& Dist. Magistrate, Bhadrak in exercise of the powers conferred by Rule 13 r/w Rule 18(1) of Orissa Civil Service (CC&A) Rules, 1962 and provisions of Article 311 of Constitution of India, 1950 through this order pronounce to dismiss the said public servant namely Sri Gajendra Das, Revenue Inspector, Tahasil Office, Bhadrak from Govt. Service with immediate effect.

Appointing Authority
Collector, Bhadrak



ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ଗଣେଷ ପୂଜା : ବାମରୁ କର୍ପୋରେଟରଙ୍କ କାର୍ଯ୍ୟାଳୟ, ୱାର୍ଡ ନମ୍ବର-୫୮ / ଲକ୍ଷ୍ମୀ ବଜାର (ଏଟିଏମ୍ ଛକ), ନୀଳାଦ୍ରି ବିହାର / ସେକ୍ଟର-୫, ନୀଳାଦ୍ରି ବିହାର


PLOT FOR SALE
MOUZA:BHOLA



N.H. Bye Pass (Old Trunk Road), Near ASBM College, Chandaka, Bhubaneswar, Odisha
Contact : 8658607286


## ମୋ ଅନୁଷ୍ଠାନ ତରଫରୁ ଗୁରୁ ଦିବସରେ ଗୁରୁଙ୍କୁ ସମ୍ବର୍ଦ୍ଧିତ

**ବାଲେଶ୍ୱର, (ନରେନ୍ଦ୍ର ପ୍ରସାଦ ବେହେରା) :** ବାଲେଶ୍ୱର ଜିଲ୍ଲା ଖଇରା କଲେଜ ଛକ ନିକଟ ଗାୟତ୍ରୀ ଶକ୍ତି ପୀଠ ପରିସରରେ ମୋ ଅନୁଷ୍ଠାନ ସାହିତ୍ୟ ସଂସଦ ତରଫରୁ ପବିତ୍ର ଗୁରୁ ଦିବସରେ ଗୁରୁ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନିରଞ୍ଜନ ପ୍ରସାଦ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷା ଅଭିଲିପ୍ସା ସାହୁ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସୋର କଲେଜ ଅଧ୍ୟାପିକା ଡ. ପ୍ରମିଳା ପାତ୍ର ଏବଂ ସାମ୍ବାଦିକ ପଦ୍ମଲୋଚନ ଦାସ ଯୋଗ ଦେଇଥିଲେ। ଗୁରୁ ଶିଷ୍ୟର ପରମ୍ପରା ହେଉଛି ପବିତ୍ର ଗୁରୁ ଦିବସ। ମଞ୍ଚାସୀନ ଅତିଥି ମାନେ ଗୁରୁ ଶିଷ୍ୟର ନିବିଡ଼ ସମ୍ପର୍କ ଓ ପରମ୍ପରା ଗୁରୁ ଦିବସ ବିଷୟରେ ବହୁ ସୁନ୍ଦର ବକ୍ତବ୍ୟ ପ୍ରଦାନ କରିଥିଲେ। ଶିକ୍ଷକ ଭରତ ଚନ୍ଦ୍ର ଦାସ, ଭଗବାନ ପାଠୀ, ଦାମୋଦର ପାଢ଼ୀ, ରଘୁନାଥ ଜେନା, ସୁଦାମ ଚରଣ ରାଉତ, କୈଳାସ ଚନ୍ଦ୍ର ସେଣ୍ଠ, ଡ. ପ୍ରମିଳା ପାତ୍ର, ଭଗବାନ ସେଠୀ, ନିରଞ୍ଜନ ପ୍ରସାଦ ବେହେରା ଏବଂ ସାମ୍ବାଦିକ ଗୁରୁ କୈଳାସ ଚନ୍ଦ୍ର ଦାସଙ୍କୁ ମଞ୍ଚାସୀନ ଅତିମାନେ ଉତ୍ତରୀୟ ଓ ମାନପତ୍ର ଦେଇ 'ଆଦର୍ଶ ଶିକ୍ଷା ଗୁରୁ ସମ୍ମାନ-୨୦୨୪' ରେ ସମ୍ବର୍ଦ୍ଧିତ କରିଥିଲେ। ବଡ଼ ଦୁଃଖର କଥା କୌଣସି କାରଣ ବଶତଃ ଶିକ୍ଷକ ମାୟାଧର ସାହୁ, ରମାକାନ୍ତ ଶତପଥୀ, ଅଧ୍ୟାପିକା ସମାପ୍ତି ବେହେରା ଓ ଶିକ୍ଷୟିତ୍ରୀ ମମତାମୟୀ ବିଶ୍ୱକଲ୍ୟାଣୀ ରାଉତ ଅନୁପସ୍ଥିତ ଥିଲେ। ସମ୍ପାଦକ ନରେନ୍ଦ୍ର ପ୍ରସାଦ ବେହେରାଙ୍କ ଏଭଳି ମହତ କାର୍ଯ୍ୟକୁ ସମ୍ବର୍ଦ୍ଧିତ ପ୍ରତିଭା ମାନେ ଖୁବ୍ ପ୍ରଶଂସା କରିଥିଲେ। ଶକ୍ତିପୀଠର ମୁଖ୍ୟ ସଂଚାଳକ ଯଜ୍ଞ ବରାହ ମହାନ୍ତି ହୋଇଥିବା ବେଳେ କାର୍ଯ୍ୟକାରୀ ସଂଚାଳକ ଭାବେ ଜିତେନ୍ଦ୍ର ଦାସ ପାଠ କରିଥିବା ବେଳେ ପୂଜକ ସମସ୍ତଙ୍କୁ ଚନ୍ଦନ ପ୍ରଦାନ କରିଥିଲେ। ଶ୍ରୀ ଦାସଙ୍କ ଧର୍ମପତ୍ନୀ ଶକୁନ୍ତଳା ମହାନ୍ତି ଏବଂ ଭଉଣୀ କୁଞ୍ଜଲତା ମାହୁନ୍ତ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ। ଶେଷରେ ସମ୍ପାଦକଙ୍କ ଧନ୍ୟବାଦ ଅର୍ପଣ ପରେ କାର୍ଯ୍ୟକ୍ରମ ଶେଷ ହୋଇଥିଲା।






PLOT FOR SALE
MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455



MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30ft Approch Road
Contact : 8658607286 / 8917571455


### ବଲାଙ୍ଗିର ଜିଲ୍ଲାର ବେଧଡକରେ ଚାଲିଛି ସଟ୍ଟା ଖେଳ

## ସୁରକ୍ଷା ଦେଉଛି କି ପୋଲିସ ?

**ବଲାଙ୍ଗିର, (ଜନାବ ଖାଁ) :** ସଟ୍ଟା ଖେଳ ସହରାଞ୍ଚଳ ରେ ଏତେ ମାତ୍ରାରେ ଖେଳା ଯାଉଛି ଯେ ତାର କୌଣସି ଗଣନା କରାଯାଇ ପାରିବ ନାହିଁ। ଯେତେବେଳେ ସଟ୍ଟା ଖେଳ କେବଳ କାଗଜ କଲମରେ ଖେଳାଯାଉଥିଲା ଲୋକେ ଖେଳିବାକୁ କିମ୍ବା ଖେଳେଇବାକୁ ଭୟ କରୁଥିଲେ। କାଳେ କେହି ଦେଖିଦେବ। କିନ୍ତୁ ଯେଉଁଦିନରୁ ମୋବାଇଲ ହାତକୁ ଆସିଛି ଲୋକେ ଅନଲାଇନରେ ସଟ୍ଟା ବହୁମାତ୍ରାରେ ଖେଳୁଛନ୍ତି। ସାଇବର ପୋଲିସ ଏହାକୁ କାବୁ କରିବାରେ ବିଫଳ ହୋଇସାରିଛି। ଏବେ ସାରା ଦେଶରେ ମୋବାଇଲ ମାଧ୍ୟମରେ ସଟ୍ଟାର ବିଜ୍ଞାପନ ସହଜରେ ଦେଖିବାକୁ ମିଳୁଛି। ଯଦ୍ୱାରା ଆଜିକାର ଯୁବପିଢି ପ୍ରଲୋଭିତ ହୋଇ ଏହି ସଟ୍ଟା ଖେଳର ମହାଜାଳ ରେ ଏତେମାତ୍ରରେ ଛନ୍ଦି ହୋଇ ସାରିଛି ଯେ ମୁକୁଳିବା ଅସମ୍ଭବ। ବଲାଙ୍ଗିର ଜିଲ୍ଲାର ସମସ୍ତ ସହର ମାନଙ୍କରେ ପୋଲିସ ଷ୍ଟେସନ୍ ନାମାମାତ୍ରକୁ ଅଛି ସଟ୍ଟା ଖେଳକୁ ଲଗାମ୍ ଲଗେଇ ପାରୁନାହିଁ। ପ୍ରତିଦିନ ରାସ୍ତା କଡ଼ରେ ପାନ ଦୋକାନ, ଚା ଦୋକାନ, ମଦ ଦୋକାନ ମାନଙ୍କରେ ସଟ୍ଟା ଖେଳାଳୀ ମାନଙ୍କ ଭିଡ଼ ବେଶ୍ ଜମିଥାଏ। ଏହି ଚା ଦୋକାନ, ପାନ ଦୋକାନ ମାନଙ୍କୁ ପୋଲିସ ବାବୁ ମାନେ ଦିନ ରାତି ଚା, ପାନ ଖାଇବାକୁ ଯାଆନ୍ତି। ବେଳେ ବେଳେ ବାବୁ ମାନେ ମଧ୍ୟ ନିଜର ଭାଗ୍ୟ ପରୀକ୍ଷା କରିଥାନ୍ତି। ଖେଳର ସମାପ୍ତି ସମୟରେ ବଡବାବୁଙ୍କ କମିଶନ୍ ସାଙ୍ଗରେ ନିଜର ଭାଗ୍ୟ ଫଳ ମଧ୍ୟ ନେଇ ଆସନ୍ତି। ପରିଣାମ ସ୍ୱରୂପ ସଟ୍ଟାଡନ ଓ ଖେଳାଳି ମାନେ କାହାକୁ ଭ୍ରୂକ୍ଷେପ ନକରି ନିର୍ଭୟରେ ଭିଡ଼ ଜମେଇ ଥାଆନ୍ତି। ନୂଆ ନୂଆ ଥାନା ବାବୁ ଆସିଲେ କିଛିଦିନ ଭିତରେ ଜଣେ ଦିଜଣ ସଟ୍ଟା ଦୋକାନୀଙ୍କୁ ଧରି ଜେଲ ପଠାଇ ନିଜର ପ୍ୟାକେଜ ଜମେଇ ଥାଆନ୍ତି ଓ ଶେଷ ନିଶ୍ୱାସ ପର୍ଯ୍ୟନ୍ତ ବାବୁ ଆଉ କାହାରିକୁ କେବେ ହେଲେ ବିଚଳିତ କରନ୍ତି ନାହିଁ। ବଲାଙ୍ଗିର ଜିଲ୍ଲାରେ କାର୍ଯ୍ୟରତ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଶିକ୍ଷିତ ଯୁବସମାଜର ବିନମ୍ର ଅନୁରୋଧ, ଗରିବ ଶ୍ରେଣୀର ଲୋକେ ଏହି ସଟ୍ଟା ଜାଲରୁ କିପରି ମୁକୁଳିବା ସମ୍ଭବ ହେବ ଯଥାଶୀଘ୍ର ତାର ସୁବ୍ୟବସ୍ଥା ନକଲେ ଆଗାମୀ ଦିନରେ ସୁସ୍ଥ ସମାଜକୁ ଆମ୍ଭେ ସମସ୍ତେ ହରେଇ ବସିବାରେ ତିଳେମାତ୍ର ସନ୍ଦେହ ରହିବ ନାହିଁ।

## ତ୍ରିଷ୍ଣା ସୁହାସିନୀ ଓ ସ୍ମୃତି ରଞ୍ଜନ ସିସିଆରଟିର ଜାତୀୟ ମେଧାବୃତ୍ତି ପାଇଁ ମନୋନୀତ

**ଭୁବନେଶ୍ୱର :** ପଟ୍ଟଚିତ୍ର ଓଡ଼ିଶାର ପାରମ୍ପାରିକ ହସ୍ତକଳାର ଶ୍ରେଷ୍ଠ ନିଦର୍ଶନ ଅଟେ। ଏହାର ପ୍ରସ୍ତୁତି ଓ ବିଷୟବସ୍ତୁ ଜଗନ୍ନାଥ ସଂସ୍କୃତି ସହ ଓତଃପ୍ରୋତଃ ଭାବେ ଜଡ଼ିତ। ପଟ୍ଟଚିତ୍ର ପ୍ରତ୍ୟେକ ବର୍ଗର ଦକ୍ଷତା ସମ୍ପନ୍ନ ଚିତ୍ରଶିଳ୍ପୀଙ୍କୁ ରାଜ୍ୟ ତଥା ଜାତୀୟ ସ୍ତରରେ ପ୍ରତିଷ୍ଠିତ କରାଇଥାଏ କେବଳ ଶିଳ୍ପୀର ସୃଜନାତ୍ମକ ଚିନ୍ତାଧାରା ଓ କଳା ପ୍ରତିଭା ଦ୍ୱାରା। ଅଧୁନା ପଟ୍ଟଚିତ୍ର ସିସିଆରଟିର ପ୍ରତିଭା ଅନ୍ୱେଷଣ ମେଧା ବୃତ୍ତି ଯୋଜନାରେ ଶିଶୁଚିତ୍ରଶିଳ୍ପୀ ମାନଙ୍କୁ ଜାତୀୟ ସ୍ତରରେ ସୁଖ୍ୟାତି ଅର୍ଜନ କରିବାର ରାହା ଓ ସାହା ସାଜିଛି କେବଳ ଉପଯୁକ୍ତ ଗୁରୁଙ୍କ ମାର୍ଗଦର୍ଶନ ଯୋଗୁଁ। ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଅଧିନସ୍ଥ ସାଂସ୍କୃତିକ ସମ୍ବଳ ଓ ପ୍ରଶିକ୍ଷଣ କେନ୍ଦ୍ର (ସିସିଆରଟି), ନୂଆଦିଲ୍ଲୀ ତରଫରୁ ପ୍ରଦତ୍ତ ସାଂସ୍କୃତିକ ପ୍ରତିଭା ଅନ୍ୱେଷଣ ମେଧା ବୃତ୍ତି ଯୋଜନା ମାଧ୍ୟମରେ ଭୁବନେଶ୍ୱର ଉପକଣ୍ଠ ସତ୍ୟଭାମାପୁର ସ୍ଥିତ ବକ୍ସି ଜଗବନ୍ଧୁ ଇଂରାଜୀ ମାଧ୍ୟମ ବିଦ୍ୟାଳୟ - ୨ ର ଅଷ୍ଟମ ଶ୍ରେଣୀ ଛାତ୍ରୀ ତ୍ରିଷ୍ଣା ସୁହାସିନୀ ଏବଂ ସପ୍ତମ ଶ୍ରେଣୀ ଛାତ୍ର ସ୍ମୃତି ରଞ୍ଜନ ଦାସ ପାରମ୍ପରିକ ପଟ୍ଟଚିତ୍ର ଶିଳ୍ପୀ ତଥା କଳାଶିକ୍ଷକ ରବୀନ୍ଦ୍ର କୁମାର ମହାରଣାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପଟ୍ଟଚିତ୍ର ପ୍ରଶିକ୍ଷଣ ପାଇଁ ୨୦୨୩-୨୪ ଶିକ୍ଷା ବର୍ଷ ଠାରୁ ଗ୍ରାଜୁଏସନ୍ ପର୍ଯ୍ୟନ୍ତ ମେଧା ବୃତ୍ତି ପାଇବା ପାଇଁ ସିସିଆରଟିର ନିର୍ଦ୍ଦେଶକ ମହୋଦୟ ରାଜୀବ କୁମାର ସ୍ୱୀକୃତି ପ୍ରଦାନ କରିଛନ୍ତି। ଜଗତସିଂହପୁର ଜିଲ୍ଲା ରେ ଜନ୍ମିତ ତ୍ରିଷ୍ଣା ପାଠପଢା ସହ ଚିତ୍ରାଙ୍କନ ଓ ପଟ୍ଟଚିତ୍ରରେ ଅଭିରୁଚି ସହିତ ମାତାପିତାଙ୍କ ପ୍ରେରଣାର ସଫଳତା ଜାତୀୟ ସ୍ତରରେ ପହଞ୍ଚାଇ ପାରିଛି। ସଫଳତାର ସ୍ମାରକୀ ସ୍ୱରୂପ କଳାମିତ୍ର ଫାଉଣ୍ଡେସନ, କଳାରତ୍ନମ୍ ଫାଉଣ୍ଡେସନ ଅଫ୍ ଆର୍ଟ ସୋସାଇଟି, ମଡର୍ଣ୍ଣ ଆର୍ଟ ଗ୍ୟାଲେରୀ, ଇଟିକିଲି ମିଟିକିଲି, ଛବିଘର ପରି ବହୁ କଳା ଅନୁଷ୍ଠାନ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ଚିତ୍ରକଳା ପ୍ରତିଯୋଗିତା ରେ ଅଂଶଗ୍ରହଣ କରି ଓଡ଼ିଶା ଏବଂ ବିଦ୍ୟାଳୟ ପାଇଁ ଗୌରବ ସାଉଁଟିଛନ୍ତି। ସେହିପରି ଭାବେ ବକ୍ସି ଜଗବନ୍ଧୁ ଇଂରାଜୀ ମାଧ୍ୟମ ବିଦ୍ୟାଳୟ-୨ ର ସପ୍ତମ ଶ୍ରେଣୀରେ ଅଧ୍ୟୟନରତ ଛାତ୍ର ସ୍ମୃତି ରଞ୍ଜନ, ପିତାମାତାଙ୍କ ପ୍ରେରଣା ଓ କଳାଶିକ୍ଷକ ରବୀନ୍ଦ୍ର କୁମାର ମହାରଣାଙ୍କ ମାର୍ଗଦର୍ଶନରେ ଅନୁପ୍ରାଣିତ ଏବଂ ନିଜର ଅଦମ୍ୟ ପ୍ରଚେଷ୍ଟା ଫଳରେ ସିସିଆରଟି ଦ୍ୱାରା ପ୍ରଦତ୍ତ ଜାତୀୟ ମେଧା ବୃତ୍ତି ଯୋଜନା ମାଧ୍ୟମରେ ପଟ୍ଟଚିତ୍ର କଳାର ପ୍ରଶିକ୍ଷଣ ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସ୍ମୃତି ରଞ୍ଜନ ମଧ୍ୟ କଳାମିତ୍ର ଫାଉଣ୍ଡେସନ, ଛବିଘର ,କଳାରତ୍ନମ୍ ଫାଉଣ୍ଡେସନ ଅଫ୍ ଆର୍ଟ ଆଣ୍ଡ ସୋସାଇଟି ପରି ବହୁ ଅନୁଷ୍ଠାନରୁ ପୁରସ୍କୃତ ହୋଇଛନ୍ତି। ପାଠ ପଢା ସହ ପଟ୍ଟଚିତ୍ର କଳାରେ ଅଭିରୁଚି ରଖିଥିବା ସ୍ମୃତି ରଞ୍ଜନ ସମୟକ୍ରମେ ଗୁରୁ ରବୀନ୍ଦ୍ର କୁମାର ମହାରଣାଙ୍କ ପ୍ରେରଣାରେ ପଟ୍ଟଚିତ୍ର ଶିକ୍ଷା ଗ୍ରହଣ କରି ଏହି ସଫଳତା ହାସଲ କରିଛନ୍ତି। ଉଭୟଙ୍କ ସଫଳତା ପାଇଁ ପିତାମାତା, ବିଦ୍ୟାଳୟର ଅଧକ୍ଷା, ଉପାଧକ୍ଷ, କଳାଶିକ୍ଷକ, ଶିକ୍ଷକଶିକ୍ଷୟିତ୍ରୀ ଏବଂ ଗୁରୁଜନ ମାନଙ୍କ ଆର୍ଶୀବାଦ ର ଶ୍ରେୟ ବୋଲି ସହମତି ପ୍ରକାଶ କରିବା ସହ ରାଜ୍ୟ ତଥା ବିଦ୍ୟାଳୟ ପାଇଁ ଗୌରବାନ୍ୱିତ ସାଉଁଟିଛନ୍ତି।



## ଘରେ ଘରେ ଗଣେଶ ପୂଜା

**ଲକ୍ଷ୍ମୀପୁର :** ଧରା ପୃଷ୍ଠରେ ଅବତରଣ କରି ଛନ୍ତି ସର୍ବ ବିଘ୍ନ ବିନାଶକ ଗଣ ଦେବତା ଶ୍ରୀ ଗଣେଶ। ଏଇ ପବିତ୍ର ଦିନକୁ ନେଇ ଗାଁ ଠୁ ସହର ସବୁ ଚଳ ଚଞ୍ଚଳ ହୋଇ ଉଠିଛି। ଏଇ କ୍ଷେତ୍ରରେ ଲକ୍ଷ୍ମୀପୁର ବ୍ଲକରେ ଥିବା ପ୍ରତ୍ୟେକ ଶିକ୍ଷାନୁଷ୍ଠାନ ଠୁ ଆରମ୍ଭ କରି ସାହି, ବସ୍ତି ଓ ଘରେ ଘରେ ଆଧାତ୍ମିକ ପରିବେଶ ମଧ୍ୟରେ ସିଦ୍ଧି ବିନାୟକ ପ୍ରଭୁ ଶ୍ରୀ ଗଣେଶ ପୂଜା ପାଇଛନ୍ତି। ସୁନ୍ଦର ସୁନ୍ଦର ଆଲୋକ ସଜାକୁ ନେଇ ପୂଜା ମଣ୍ଡପ ଗୁଡିକ ଝଲସି ଉଠିଥିବା ଦେଖିବାକୁ ମିଳିଛି। ଲକ୍ଷ୍ମୀପୁର ବ୍ଲକ ସଦରର ସବୁଠୁ ପୁରୁଣା ସ୍ଥାନ ଉପର ଦୋରା ସାହି, ଝଡିଆ ସାହି, ଘୋଡ଼ାବନ୍ଧ କଲନୀ, ନୂଆ ବଷ୍ଟାଣ୍ଡ, ସ୍ଥାନୀୟ ମହାବିଦ୍ୟାଳୟ, ସାଙ୍ଗାନ୍ନା ଉଚ୍ଚ ବିଦ୍ୟାଳୟ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଭଳି ପ୍ରାୟ ୧୫ଟି ସ୍ଥାନରେ ବିଘ୍ନ ବିନାଶକଙ୍କ ପୂଜା ଅନୁଷ୍ଠିତ ହୋଇ ଥିବା ଦେଖିବାକୁ ମିଳିଛି।




Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ

Editor : **Tarak Mohanty**
ସମ୍ପାଦକ : ତାରକ ମହାନ୍ତି